RNI No.ODIODI/2010/33031
୧୭ ବର୍ଷ Volume- 17
ISSUE -141 ସଂଖ୍ୟା-୧୪୧
ଭୁବନେଶ୍ୱର, ଶୁକ୍ରବାର ୧୪ ଅଗଷ୍ଟ ୨୦୨୬
Bhubaneswar, Friday 14 August, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ଡିଜିପି ଚୟନ ଉପରେ ରୋକ୍

### ବ୍ୟାକଡୋର୍ ଏଣ୍ଟ୍ରି ଗ୍ରହଣୀୟ ନୁହେଁ ଆଶ୍ୱସ୍ତ କଲା ୟୁପିଏସସି

### ୧୮ରେ ପରବର୍ତ୍ତୀ ଶୁଣାଣି, ଆଜିର ବୈଠକ ବାତିଲ



ନୂଆଦିଲ୍ଲୀ, ୧୩।୮(ନି.ପ୍ର.): ଓଡିଶାର ପରବର୍ତ୍ତୀ ପୁଲିସ ମୁଖିଆ(ଡିଜିପି) ଚୟନ ପ୍ରକ୍ରିୟାରେ ଆଜି ବ୍ରେକ୍ ଲଗାଇଛନ୍ତି ସୁପ୍ରିମକୋର୍ଟ। ରାଜ୍ୟ ପୁଲିସ ଡିଜି ଚୟନ ପ୍ରକ୍ରିୟାରେ ବ୍ୟାକଡୋର ଏଣ୍ଟ୍ରି ଗ୍ରହଣୀୟ ନୁହେଁ ଓ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି ଶେଷ ନହେବା ପର୍ଯ୍ୟନ୍ତ ଚୟନ କମିଟି ବୈଠକ ବସିବ ନାହିଁ ବୋଲି ୟୁପିଏସସି ଆଜି ସୁପ୍ରିମକୋର୍ଟଙ୍କୁ ପ୍ରତିଶ୍ରୁତି ଦେଇଛି। ଏହାସହିତ ଆଜି ସନ୍ଧ୍ୟା ସା ୫ଟାରେ ୟୁପିଏସସିରେ ହେବାକୁ ଥିବା ବୈଠକ ମଧ୍ୟ ବାତିଲ ହୋଇଯାଇଛି। ସୁପ୍ରିମକୋର୍ଟ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୧୮ତାରିଖକୁ ଧାର୍ଯ୍ୟ କରିଛନ୍ତି।

ସୂଚନା ଅନୁସାରେ, ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ଅଧକ୍ଷତାରେ ଗଠିତ ତିନିଜଣିଆ ଖଣ୍ଡପୀଠଙ୍କ ଆଗରେ ଆଜି ବରିଷ୍ଠ ଓକିଲ ପି.ଚିଦାମ୍ବରମ୍ ସ୍ୱତନ୍ତ୍ର ମେନସନ୍ ମାଧ୍ୟମରେ ଏହି ଜନସ୍ୱାର୍ଥ ମାମଲାକୁ ଉଠାଇଥିଲେ। ଖଣ୍ଡପୀଠ ମଧ୍ୟାହ୍ନଭୋଜନ ବିରତିରେ ଯିବା ପୂର୍ବରୁ ଚିଦାମ୍ବରମ୍ ଦୃଷ୍ଟି ଆକର୍ଷଣ କରି କହିଥିଲେ ଯେ, ପ୍ରକାଶ ସିଂ ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ନର୍ଦ୍ଦେଶାବଳୀକୁ ଉଲ୍ଲଙ୍ଘନ କରି ଓଡିଶା ଡିଜିପି ଚୟନ ପ୍ରକ୍ରିୟା କରାଯାଉଛି। ଯଦିଓ ଆଜି ଶୁଣାଣି ପାଇଁ ଏହି ମାମଲା ତାଲିକାଭୁକ୍ତ ହୋଇଛି କିନ୍ତୁ ସମୟ ଅଭାବ(ଆଇଟମ ନମ୍ବର-୨୬)ରୁ ଶୁଣାଣି ସମ୍ଭବପର ହେବନି। ଚୂଡାନ୍ତ ପ୍ରାର୍ଥୀ ଚୟନ ପାଇଁ ୟୁପିଏସସି ଆଜି ହିଁ ବୈଠକ କରିବାକୁ ଯାଉଛନ୍ତି। ସୁପ୍ରିମକୋର୍ଟଙ୍କ ଶୁଣାଣି ଏଡାଇବା ଓ ୟୁପିଏସସିକୁ ପଠାଯାଇଥିବା ପ୍ୟାନେଲରେ ନାମ ସାମିଲ କରିବା ଉଦ୍ଦେଶ୍ୟରେ ଦୁଇଦିନ ପୂର୍ବରୁ ଜଣେ ଅଫିସରଙ୍କୁ ପଦୋନ୍ନତି ଦିଆଯାଇଛି ବୋଲି ସେ ଖଣ୍ଡପୀଠଙ୍କ ନିକଟରେ ଅଭିଯୋଗ କରିଥିଲେ।

ତେବେ ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ସରକାରଙ୍କ ପକ୍ଷ ରଖି ନିୟମ ଉଲ୍ଲଙ୍ଘନ ହୋଇଥିବା ଅଭିଯୋଗକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରିବା ସହ ସର୍ଭିସ ରିଲେଟେଡ୍( ଚାକିରି ସହ ଜଡିତ) ବିବାଦରେ ଜନସ୍ୱାର୍ଥ ମାମଲାର ଗ୍ରହଣୀୟତା ଉପରେ ପ୍ରଶ୍ନ ଉଠାଇଥିଲେ। ଧାର୍ଯ୍ୟ ସମୟସୀମା ମଧ୍ୟରେ ନୂଆ ଡିଜି ନିଯୁକ୍ତି ନହେଲେ ରାଜ୍ୟକୁ କାର୍ଯ୍ୟକାରୀ ଡିଜିପିଙ୍କ କାର୍ଯ୍ୟ ଚଳାଇବାକୁ ପଡିବ, ଯାହାକି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀର ଉଲ୍ଲଙ୍ଘନ ବୋଲି ଶ୍ରୀ ଆଚାର୍ଯ୍ୟ ଯୁକ୍ତି ବାଢ଼ିଥିଲେ।

ଏସବୁ ଶୁଣିବା ପରେ ଖଣ୍ଡପୀଠ ମଧ କୌଣସି ପ୍ରଭାବିତ ଅଫିସର କୋର୍ଟଙ୍କ ଦ୍ୱାରସ୍ଥ ହୋଇ ନଥିବାରୁ ଜନସ୍ୱାର୍ଥ ମାମଲାର ଗ୍ରହଣଯୋଗ୍ୟତାକୁ ନେଇ ସନ୍ଦେହ ବ୍ୟକ୍ତ କରିଥିଲେ। ଆଉ ଏନେଇ ଉକ୍ତ ମାମଲାର ଆମିକସକ୍ୟୁରୀ ବରିଷ୍ଠ ଓକିଲ ରାଜୁ ରାମଚନ୍ଦ୍ରନଙ୍କ ମତାମତ ଜାଣିବାକୁ ଚାହିଁଥିଲେ। ଶ୍ରୀ ରାମଚନ୍ଦ୍ରନ୍ ମଧ୍ୟ ଏହି ଜନସ୍ୱାର୍ଥ ମାମଲା ସଂକ୍ରାନ୍ତ ଆବେଦନକୁ ସମର୍ଥନ କରି ରାଜ୍ୟ ସରକାର ପ୍ରକାଶ ସିଂ ମାମଲାରେ ସୁପ୍ରିମକୋର୍ଟଙ୍କ ଗାଇଡଲାଇନ୍ ଉଲ୍ଲଙ୍ଘନ କରିଥିବା ନେଇ ସମ୍ମତି ଦେବା ପରେ ଖଣ୍ଡପୀଠ କଡା ଆଭିମୁଖ୍ୟ ପୋଷଣ କରିଥିଲେ।

ଡିଜିପି ନିଯୁକ୍ତିରେ କୌଣସି ପ୍ରକାରର ବ୍ୟାକଡୋର ଏଣ୍ଟ୍ରି ଗ୍ରହଣଯୋଗ୍ୟ ନୁହେଁ। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ୟୁପିଏସସି ନିଜର ଚୂଡାନ୍ତ ନିଷ୍ପତ୍ତି ଗ୍ରହଣ କରିବ ନାହିଁ ବୋଲି କହିଛି। ଖଣ୍ଡପୀଠଙ୍କ ଆଦେଶ ଅନୁରୂପ ଆସନ୍ତା ଅଗଷ୍ଟ ୧୮ତାରିଖର ଶୁଣାଣି ପୂର୍ବରୁ କୌଣସି ଚୂଡାନ୍ତ ବୈଠକ କରାଯିବ ନାହିଁ ବୋଲି ୟୁପିଏସସି ପ୍ରତିଶ୍ରୁତି ଦେଇଛନ୍ତି।

ସୂଚନାଯୋଗ୍ୟ, ନୂଆ ଡିଜିପି(ଚକ୍ଷୁସମର ଡଏ) ଚୟନ ବୈଠକରେ ଯୋଗ ଦେବା ପାଇଁ ମୁଖ୍ୟ ସଚିବ ଅନୁ ଗର୍ଗ, ପୁଲିସ ଡିଜି ୱାଇବି ଖୁରାନିଆଙ୍କ ସମେତ ରାଜ୍ୟ ସରକାରଙ୍କ ଏକ ଟିମ୍ ମଧ ଦିଲ୍ଲୀ ଗସ୍ତ କରିଥିଲେ। ଡିଜି ଶ୍ରୀ ଖୁରାନିଆଙ୍କ କାର୍ଯ୍ୟକାଳ ଅଗଷ୍ଟ ୧୬ତାରିଖରେ ଶେଷ ହେଉଛି। ଓଡିଶା ଇତିହାସରେ ପ୍ରଥମଥର ପାଇଁ ରାଜ୍ୟର ପୁଲିସ ଡିଜି ଚୟନ ମାମଲାରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିଛନ୍ତି।

## ସମସ୍ତ ବିମାନ ଚାଳକଙ୍କ ପାଇଁ ଡୋପ୍ ଟେଷ୍ଟ ବାଧ୍ୟତା ମୂଳକ

ନୂଆଦିଲ୍ଲୀ, ୧୩।୮(ନି.ପ୍ର.): ଏୟାର ଇଣ୍ଡିଆ ବିମାନ ଚାଳକଙ୍କ ବେପରୁଆ ମନୋଭାବ ଏବଂ ବିଶୃଙ୍ଖଳିତ ଆଚରଣ ଯୋଗୁଁ ଶତାଧିକ ଯାତ୍ରୀଙ୍କ ଜୀବନ ଅଳ୍ପକେ ବର୍ତ୍ତି ଯାଇଛି। ଫୁକେଟ୍-ଦିଲ୍ଲୀ ବିମାନ ଅଘଟଣ ପରେ ଏୟାର ଇଣ୍ଡିଆ ବିମାନ କମ୍ପାନୀର ନିଦ ଭାଙ୍ଗିଛି। ଏଣିକି ସମସ୍ତ ଚାଳକଙ୍କ ପାଇଁ ସମ୍ପୂର୍ଣ୍ଣ ଡୋପ୍ ଟେଷ୍ଟ ବା ନିଶା ସେବନ ପରୀକ୍ଷାକୁ ବାଧ୍ୟତା ମୂଳକ କରାଯାଇଛି। ଯାହା ଆଜିଠାରୁ ତତ୍କାଳ ପ୍ରଭାବ ସ୍ୱରୂପ କାର୍ଯ୍ୟକାରୀ ହୋଇଛି। ଡିଜିସିଏର ତାଗିଦ ପରେ ବିମାନ କମ୍ପାନୀ ପକ୍ଷରୁ ଆଜି ସମସ୍ତ କର୍ମଚାରୀଙ୍କ ପାଖକୁ ଏକ ବିଧିବଦ୍ଧ ପତ୍ର ଲେଖାଯାଇଛି। ଡିଜିସିଏର ନିର୍ଦ୍ଦେଶ ପାଳନ ପୂର୍ବକ ସମସ୍ତ ବିମାନ ଚାଳକଙ୍କ ଡୋପ୍ ଟେଷ୍ଟକୁ ବାଧ୍ୟତାମୂଳକ କରାଯାଇଛି। ସମ୍ପୂର୍ଣ୍ଣ ଡୋପ୍ ଟେଷ୍ଟ ଦ୍ୱାରା ବିମାନ ଚାଳକ କୌଣସି ନିଶା ସେବନ କିମ୍ବା ନିଶା ଔଷଧ କରିଛନ୍ତି କି ନାହିଁ ତାହା ସୁନିଶ୍ଚିତ କରାଯିବ।

# ୧୪ ବର୍ଷରେ ୫୫ ହଜାର ୨୦୦ କିମି ରେଳ ଟ୍ରାକ୍ ନବୀକରଣ ହୋଇଛି: ରେଳମନ୍ତ୍ରୀ



ଭୁବନେଶ୍ୱର, ୧୩।୮(ନି.ପ୍ର.):୨୦୧୪ରୁ ୨୦୨୬ ମଧ୍ୟରେ ବାଲେଶ୍ୱର ଜିଲ୍ଲାରେ ମୋଟ୍ ୨୦୦ କିଲୋମିଟର ରେଳ ଟ୍ରାକର ନବୀକରଣ କରାଯାଇଛି ବୋଲି କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ସେ କହିଛନ୍ତି, ରେଳ ଟ୍ରାକର ଉନ୍ନତିକରଣ ଏବଂ ନବୀକରଣ ଏକ ନିରନ୍ତର ତଥା ପ୍ରଚଳିତ ପ୍ରକ୍ରିୟା। ଅବଧି, ଟ୍ରେନ୍ ଚଳାଚଳ ସଂଖ୍ୟା ଏବଂ ରେଳ ଧାରଣାର ସ୍ଥିତିକୁ ଦେଖି ଏହାର ରକ୍ଷଣାବେକ୍ଷଣ କରାଯାଇଥାଏ।

୨୦୧୪ରୁ ୨୦୨୬ ମଧ୍ୟରେ ସାରା ଦେଶରେ ୫୫ ହଜାର ୨୦୦ କିଲୋମିଟର ରେଳ ଟ୍ରାକ୍ ନବୀକରଣ କାମ ହୋଇଛି। ଆଧୁନିକ ପ୍ରଯୁକ୍ତିବିଦ୍ୟା, ସୁରକ୍ଷା ଏବଂ ଅନ୍ୟାନ୍ୟ ଧାର୍ଯ୍ୟ ମାନଦଣ୍ଡକୁ ପାଳନ କରାଯାଇ ରେଳ ଧାରଣାର ରକ୍ଷଣାବେକ୍ଷଣ କରାଯାଇଥାଏ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି। କେନ୍ଦ୍ର ରେଳମନ୍ତ୍ରୀ ଆହୁରି ସୂଚନା ଦେଇଛନ୍ତି, ରେଳ ଟ୍ରାକ ନିୟମିତ ରକ୍ଷଣାବେକ୍ଷଣ ଏବଂ ନବୀକରଣ ଫଳରେ ୨୦୧୪ ତୁଳନାରେ ୨୦୨୬ରେ ଟ୍ରେନର ହାରାହାରୀ ବେଗ ବୃଦ୍ଧି ପାଇଛି। ୨୦୨୨ରେ ଖଡଗପୁର-ଭଦ୍ରକ ରେଳ ମାର୍ଗରେ ଘଣ୍ଟା ପ୍ରତି ହାରାହାରୀ ବେଗ ୧୩୦ କିଲୋମିଟରରେ ପହଞ୍ଚିଥିଲା। ବାଲେଶ୍ୱର ସେକ୍ସନ ଏହି ରେଳ ମାର୍ଗ ଅଧୀନରେ ଆସୁଛି। ରେଳ ଟ୍ରାକର ନବୀକରଣ ଏବଂ ଉନ୍ନତିକରଣରେ ୨୦୧୩-୧୪ରେ ୪୯୭୯ କୋଟିଟଙ୍କା ଖର୍ଚ୍ଚହେଉଥିବା ବେଳେ ୨୦୨୫-୨୬ରେ ଏହା ପ୍ରାୟ ୫.୩ ଗୁଣ ବୃଦ୍ଧି ପାଇ ୨୬ ହଜାର ୨୩୧ କୋଟି ଟଙ୍କାରେ ପହଞ୍ଚିଛି ବୋଲି ରେଳ ମନ୍ତ୍ରୀ ସୂଚନା ଦେଇଛନ୍ତି।

# ସହଜ ହେବ ଅନୁକମ୍ପାମୂଳକ ନିଯୁକ୍ତି, ଅଙ୍ଗନୱାଡି ପିଲାଙ୍କୁ ମିଳିବ ୟୁନିଫର୍ମ ସହ ସ୍ୱେଟର

ଭୁବନେଶ୍ୱର, ୧୩।୮(ନି.ପ୍ର.): କାର୍ଯ୍ୟରତ ଅବସ୍ଥାରେ ପ୍ରାଣ ହରାଉଥିବା ସରକାରୀ କର୍ମଚାରୀଙ୍କ ପରିବାରବର୍ଗଙ୍କୁ ଆଶ୍ୱସ୍ତି। ରାଜ୍ୟ ସରକାର ୨୦୨୦ ମସିହାର ପୁରୁଣା ରୁଲସକୁ ବାତିଲ କରି ମୃତ କର୍ମଚାରୀଙ୍କ ନିକଟ ସମ୍ପର୍କୀୟଙ୍କୁ ପୁନର୍ବାସ ସହାୟତା ଦେବା ପାଇଁ ନୂଆ ପୁନର୍ବାସ ନିୟମାବଳୀ ଆଣିଛନ୍ତି। ୧୦୦ ପଏଣ୍ଟ ମୂଲ୍ୟାୟନ ପଦ୍ଧତିକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର ସହ ଗ୍ରୁପ୍ ଡି ପଦବୀ ନିଯୁକ୍ତିରେ ଥିବା ୫୦ ପ୍ରତିଶତ ସୀମାକୁ ମଧ୍ୟ ହଟାଇ ଦେଇଛନ୍ତି। ଏହାସହିତ ପୁରୁଣା ଆବେଦନଗୁଡିକର ମଧ୍ୟ ପୁନଃବିଚାର ପାଇଁ ନିଷ୍ପତ୍ତି ନେଇଛନ୍ତି, ଯାହାଫଳରେ ଯୋଗ୍ୟ ପରିବାରଙ୍କୁ ତୁରନ୍ତ ଓ ସ୍ୱଚ୍ଛ ଭାବେ ଅନୁକମ୍ପାମୂଳକ ନିଯୁକ୍ତି ମିଳିବା ସମ୍ଭବପର ହେବ। ସେହିପରି ଅଙ୍ଗନୱାଡି ପିଲାଙ୍କୁ ବର୍ଦ୍ଧିତ ଦରରେ ଦୁଇ ହଳ ଲେଖାଏଁ ୟୁନିଫର୍ମ ସହ ଜୋତା,ମୋଜା ଓ ସ୍ୱେଟର ଦେବାକୁ କ୍ୟାବିନେଟ୍ ନିଷ୍ପତ୍ତି ନେଇଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ( ଉଗ ଗକ୍ଟଷବଭ ଉଷବକ୍ସବଭ ଗବହଷସ)ଙ୍କ ଅଧ୍ୟକ୍ଷତାରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ 'ଓଡିଶା ବେସାମରିକ ସେବା(ପୁନର୍ବାସ ସହାୟତା) ନିୟମାବଳୀ-୨୦୨୬' ସମେତ ମୋଟ ୧୦ଟି ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ବୈଠକରେ ସାଧାରଣ ପ୍ରଶାସନ, ଜଳସମ୍ପଦ, ମହିଳା ଓ ଶିଶୁ ବିକାଶ, କୃଷି, ଶକ୍ତି, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ଭଳି ୬ଟି ବିଭାଗର ମୋଟ ୧୦ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ମୁଖ୍ୟସଚିବ ଅନୁ ଗର୍ଗ ଏନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ରାଜ୍ୟ କ୍ୟାବିନେଟ ମଞ୍ଜୁରୀ ଦେଇଥିବା ନୂଆ ପୁନର୍ବାସ ସହାୟତା ନିୟମାବଳୀ(ରୁଲସ) ଅନୁସାରେ ଯଦି ମୃତ କର୍ମଚାରୀଙ୍କ ସ୍ୱାମୀ କିମ୍ବା ସ୍ତ୍ରୀଙ୍କ ବୟସ ୫୦ ବର୍ଷରୁ ଅଧିକ ହୋଇଥାଏ ଓ ସେ ନିଯୁକ୍ତି ଗ୍ରହଣ କରିବାକୁ ଅନିଚ୍ଛୁକ ଥାଆନ୍ତି କିମ୍ବା ମେଡିକାଲ ବୋର୍ଡ ଦ୍ୱାରା ଅଯୋଗ୍ୟ ଘୋଷିତ ହୁଅନ୍ତି, ତେବେ ପରିବାରର ଅନ୍ୟ ଜଣେ ଯୋଗ୍ୟ ସଦସ୍ୟଙ୍କୁ ମନୋନୀତ କରିବାର ସୁବିଧା ରଖାଯାଇଛି।ଏହାବ୍ୟତୀତ, ୨୦୨୦ ନିୟମାବଳୀ ଅନୁଯାୟୀ କେବଳ ୧୦୦-ପଏଣ୍ଟ ମୂଲ୍ୟାୟନ ଆଧାରରେ ପ୍ରତ୍ୟାଖ୍ୟାତ ହୋଇଥିବା ଓ ବିଚାରାଧୀନ ଥିବା ପୁରୁଣା ଆବେଦନଗୁଡିକର ପୁନଃବିଚାର କରାଯାଇ ଯୋଗ୍ୟ ଆବେଦନକାରୀଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ପ୍ରଦାନ କରାଯିବ।ସେହିପରି 'ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନା'କୁ ଆଗାମୀ ୫ ବର୍ଷ (୨୦୨୬-୨୭ ରୁ ୨୦୩୦-୩୧) ପାଇଁ ଜାରି ରଖିବାକୁ କ୍ୟାବିନେଟ୍ ଅନୁମୋଦନ ଦେଇଛନ୍ତି, ଯେଉଁଥିପାଇଁ ୫୮୬.୫୦ କୋଟି ଟଙ୍କା ବ୍ୟୟ ହେବ।

ଏହି ଯୋଜନାରେ ରାଜ୍ୟର ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ନାମ ଲେଖାଇଥିବା ୩ରୁ ୬ ବର୍ଷ ବୟସର ପ୍ରାୟ ୧୪.୭୬ ଲକ୍ଷ ପ୍ରାକ୍ ବିଦ୍ୟାଳୟ ଶିଶୁଙ୍କୁ ୟୁନିଫର୍ମ, ଜୋତା, ମୋଜା ଓ ସ୍ୱେଟରର ୟୁନିଟ୍ ମୂଲ୍ୟ ବୃଦ୍ଧି କରାଯାଇ ପ୍ରତ୍ୟେକ ବାଳକଙ୍କୁ ୧୭୫ ଟଙ୍କା ମୂଲ୍ୟର ଦୁଇ ହଳ ୟୁନିଫର୍ମ, ବାଳିକାଙ୍କୁ ୨୨୫ ଟଙ୍କା ମୂଲ୍ୟର ଦୁଇ ହଳ ୟୁନିଫର୍ମ, ୧୮୦ ଟଙ୍କାରେ ଗୋଟିଏ ହଳ ଜୋତା ଓ ୨ ହଳ ମୋଜା ସହ ୨୦୦ ଟଙ୍କାରେ ଗୋଟିଏ ସ୍ୱେଟର ଦିଆଯିବ, ଯାହାର ସିଲାଇ ଓ ଯୋଗାଣ କାର୍ଯ୍ୟ ମହିଳା ଏସଏଚଜି ଓ ସୁଭଦ୍ରା ହିତାଧିକାରୀଙ୍କ ଦ୍ୱାରା ସମ୍ପାଦିତ ହେବ। ସେହିପରି ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମରେ ରାଜ୍ୟ କ୍ୟାବିନେଟ୍ ଅନାଥ, ଅସହାୟ, ଏଚଆଇଭି ପ୍ରଭାବିତ ଓ କୋଭିଡରେ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତିଙ୍କୁ ହରାଇଥିବା ଶିଶୁମାନଙ୍କ ସୁରକ୍ଷା ଓ ବିକାଶ ପାଇଁ 'ଯଶୋଦା' ଯୋଜନା ଓ ଏହାର ଉପଯୋଜନା 'ଆଶୀର୍ବାଦ' ନିମନ୍ତେ ୨୯୬.୯୯ କୋଟି ଟଙ୍କାର ୫ବର୍ଷିଆ ବଜେଟକୁ ମଞ୍ଜୁରୀ ଦେଇଛନ୍ତି।ଏହି ଯୋଜନାରେ ପିଲାମାନଙ୍କୁ ବୈଷୟିକ ଶିକ୍ଷା, ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ କୋଚିଂ, ଛାତ୍ରବୃତ୍ତି, ସୁକନ୍ୟା ସମୃଦ୍ଧି ସହାୟତା, ବିବାହ ସହାୟତା ଏବଂ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ମାଧ୍ୟମରେ ମାସିକ ଆର୍ଥିକ ସହାୟତା ଦିଆଯିବ।

କୃଷି ଓ ଚାଷୀଙ୍କ ବିକାଶ ପାଇଁ ଜଳସମ୍ପଦ ବିଭାଗର 'ପାର୍ବତୀଗିରି ଉଠାଜଳସେଚନ ପ୍ରକଳ୍ପ'ରେ ଆଗାମୀ ୫ବର୍ଷ ପାଇଁ ୧୨୪୫୮.୦୪କୋଟି ଟଙ୍କା ବ୍ୟୟବରାଦକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି। ଏହି ଅର୍ଥ ରାଜ୍ୟ ପାଣ୍ଠିରୁ ଖର୍ଚ୍ଚ ହେବ। ଏହାଦ୍ୱାରା ରାଜ୍ୟର ସମସ୍ତ ଜିଲ୍ଲାରେ ୧୬୧ଟି ନୂତନ ମେଗା ଲିଫ୍ଟ ସ୍କିମ୍ ନିର୍ମାଣ କରାଯାଇ ଅତିରିକ୍ତ ୨.୬୨ ଲକ୍ଷରୁ ଊର୍ଦ୍ଧ୍ୱ ହେକ୍ଟର ଚାଷଜମିକୁ ଭୂତଳ ପାଇପଲାଇନ୍ ମାଧ୍ୟମରେ ସୁନିଶ୍ଚିତ ଜଳ ଯୋଗାଇ ଦିଆଯିବ। ସେହିପରି ଜଳସମ୍ପଦ ବିଭାଗର ଅନ୍ୟ ଏକ ପ୍ରସ୍ତାବ 'ଜଳାଶୟ ଓ କ୍ଷୁଦ୍ର ଉଠାଜଳସେଚନ ପ୍ରକଳ୍ପର ଉନ୍ନତିକରଣ – ପର୍ଯ୍ୟାୟ-୩' ଯୋଜନାକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ଏହି ଯୋଜନା ଅଧୀନରେ ୩୮୯ କୋଟି ଟଙ୍କା ବ୍ୟୟରେ ୬୮୦ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର କରାଯାଇ ୧୫୭୦୦ ହେକ୍ଟର ଆୟାକଟ ପୁନରୁଦ୍ଧାର କରାଯିବ।

## ଏସ୍ଆରଏ ଓ ଅବସରପ୍ରାପ୍ତ ପିଇଓଙ୍କୁ ବାନ୍ଧିଲା ଭିଜିଲାନ୍ସ

ଭୁବନେଶ୍ୱର, ୧୩।୮(ନି.ପ୍ର.): ୩ କୋଟି ୨ ଲକ୍ଷ ୯୫ ହଜାର ଟଙ୍କାର ସରକାରୀ ଅର୍ଥ ହଡପ ମାମଲାରେ ଜଗତସିଂହପୁର ଜିଲ୍ଲା ନୂଆଗାଁ ତହସିଲର ଏସ୍ଆରଏ ଭଞ୍ଜ କିଶୋର ବେହେରା ଓ ତିର୍ତ୍ତୋଲ ବ୍ଲକର ଅବସରପ୍ରାପ୍ତ ପିଇଓ ପ୍ରଦୀପ୍ତ କୁମାର ମଲ୍ଲିକଙ୍କୁ ଗିରଫ କରିଛି ପୁଲିସ। ଭିଜିଲାନ୍ସ ତା'ର ତଦନ୍ତରୁ ଜାଣିବାକୁ ପାଇଛି ଯେ, ୨୦୧୧-୧୨ ରୁ ୨୦୨୧-୨୨ ଆର୍ଥିକ ବର୍ଷ ମଧ୍ୟରେ ଏହି ସରକାରୀ ଅର୍ଥ ହଡପ କରାଯାଇଛି। ଏହି ଦୁର୍ନୀତିର କେନ୍ଦ୍ରସ୍ଥଳ ହେଉଛି ତିର୍ତ୍ତୋଲ ବ୍ଲକ୍ ଅଫିସ। ଭଞ୍ଜ କିଶୋର ବେହେରା, ପ୍ରଦୀପ୍ତ କୁମାର ମଲ୍ଲିକ ଓ ପୂର୍ବତନ ଏଇଇ ରାଜଦୀପ ହାଁସଦା ମିଶି ଏତେ ପରିମାଣର ସରକାରୀ ଅର୍ଥ ହଡପ କରିଥିଲେ। ପୂର୍ବତନ ଏଇଇ ରାଜଦୀପ ହାଁସଦାଙ୍କର ପରଲୋକ ହୋଇସାରିଛି। ଗିରଫ ହୋଇଥିବା ନୂଆଗାଁ ତହସିଲର ଏସ୍ ?ଆରଏ ଭଞ୍ଜ କିଶୋର ବେହେରା ୨୦୧୧-୧୨ରୁ ୨୦୨୧-୨୨ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ତିର୍ତ୍ତୋଲ ବ୍ଲକ୍ ଅଫିସ୍‌ରେ ଏସ୍ଆରଏ ଥିଲେ।

### ଡାହୁକ



ନେତା ରାଜନେତା ଛତ୍ର ଛାୟାତଳେ
ଦୁର୍ବୃତ ମାରନ୍ତି ହାଇ
ପୁଲିସି ନାଚନ୍ତି ଥେଇ ଥେଇ ହୋଇ
ଇସାରା ତାଙ୍କର ପାଇ
ଜନତା ରହନ୍ତି ଚାହିଁ
ରାଜ୍ୟରୁ ଦୃଦଶା ନାରୀଙ୍କଠୁ ଦଶା
କଟିବ କେମିତି ଭାଇ। -ବିଧୁ

# ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କରଣ ଆଦାନୀ

ଭୁବନେଶ୍ୱର, ୧୩।୮(ନି.ପ୍ର.): ଓଡ଼ିଶାରେ ଶିଳ୍ପ ଓ ଭିତ୍ତିଭୂମି ବିକାଶକୁ ନେଇ ବଡ଼ ଆଲୋଚନା। ଓଡ଼ିଶା ଗସ୍ତରେ ଆସି କରଣ ଆଦାନୀ ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି। ଏହି ସାକ୍ଷାତକାରରେ ଓଡ଼ିଶାରେ ଶିଳ୍ପ ସହଯୋଗ ଓ ଭିତ୍ତିଭୂମି ବିକାଶର ବିଭିନ୍ନ ସମ୍ଭାବନା ଉପରେ ଆଲୋଚନା ହୋଇଥିବା ଜଣାପଡ଼ିଛି।



ବୈଠକରେ ବନ୍ଦର ଆଧୁନିକୀକରଣ, ଲଜିଷ୍ଟିକ୍ସ ସଂଯୋଗ ଏବଂ ଅକ୍ଷୟ ଶକ୍ତି ପ୍ରକଳ୍ପ ଭଳି ବିଷୟ ପ୍ରମୁଖତା ପାଇଥିଲା। ଓଡ଼ିଶାରେ ସ୍ଥାୟୀ ଶିଳ୍ପ ବିକାଶ ସହ ରୋଜଗାର ସୃଷ୍ଟି ଓ ଉପକୂଳ ବାଣିଜ୍ୟକୁ ମଜବୁତ କରୁଥିବା ପ୍ରକଳ୍ପକୁ ସରକାରଙ୍କ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ ମିଳିବ ବୋଲି ମୁଖ୍ୟମନ୍ତ୍ରୀ ଆଶ୍ୱାସନ ଦେଇଥିବା ସୂଚନା ମିଳିଛି। ବିଶେଷକରି ଧାମରା ବନ୍ଦରରେ ଆଦାନୀ ଗ୍ରୁପର କାର୍ଯ୍ୟକଳାପକୁ ଆହୁରି ବଢ଼ାଇବା ସହ ଓଡ଼ିଶାର ଖଣିଜ ଓ ଉପକୂଳ ଅଞ୍ଚଳକୁ ନେଇ ନୂଆ ନିବେଶ କରିଡର ଖୋଜିବା ନେଇ ଆଗ୍ରହ ପ୍ରକାଶ ପାଇଥିବା ଜଣାପଡ଼ିଛି। ଏହାଛଡ଼ା ଦକ୍ଷତା ବିକାଶ ଏବଂ ସିଏସଆର ମାଧ୍ୟମରେ ସ୍ଥାନୀୟ ଲୋକଙ୍କ ସହଭାଗିତା ଭଳି ପ୍ରସଙ୍ଗ ମଧ୍ୟ ଆଲୋଚନାରେ ସ୍ଥାନ ପାଇଥିଲା। ଏହି ସାକ୍ଷାତକାର ଓଡ଼ିଶାରେ ଶିଳ୍ପ ନିବେଶର ବଢୁଥିବା ସମ୍ଭାବନା ଏବଂ ଶିଳ୍ପ ସହ ସରକାରଙ୍କ ସହଯୋଗକୁ ଆହୁରି ମଜବୁତ କରିବାର ସଙ୍କେତ ଦେଇଛି।

# ନିଶ୍ଚିନ୍ତକୋଇଲି ଗଣଦୁଷ୍କର୍ମ ମାମଲରେ ୫ ଗିରଫ, ଆଉ ଜଣେ ଫେରାର

କଟକ, ୧୩।୮(ନି.ପ୍ର.): କଟକ ନିଶ୍ଚିନ୍ତକୋଇଲି ଥାନା ସୁକରପଡାରେ ଘଟିଥିବା ଗଣଦୁଷ୍କର୍ମ ଘଟଣାରେ ୫ ଜଣଙ୍କୁ ଗିରଫ କରାଯାଇଛି। ଆଉ ଜଣେ ଫେରାର ଥିବା ବେଳେ ତାଙ୍କୁ ଧରିବାକୁ ଚାଉ ଜାରି ରହିଛି। ଗୁରୁବାର ଏନେଇ ସୂଚନା ଦେଇଛନ୍ତି କଟକ ଗ୍ରାମାଞ୍ଚଳ ଏସ୍‌ପି ବିନୀତ ଅଗ୍ରୱାଲ।

ସେ କହିଛନ୍ତି ଯେ ଜଣେ ଡିଏସ୍‌ପି ସ୍ତରର ଅଫିସର ଘଟଣାର ତଦନ୍ତ କରୁଛନ୍ତି। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ୪ଟି ଟିମ୍ ଗଠନ କରାଯାଇଥିଲା। ସାଇଣ୍ଟିଫିକ୍ ଟିମ୍ ଓ ଟେକ୍ନିକାଲ ଟିମ୍‌ର ସହାୟତା ନିଆଯାଇଥିଲା। ୫ ଜଣଙ୍କୁ ଗିରଫ କରିବାରେ ପୁଲିସ ସଫଳ ହୋଇଥିବା ବେଳେ ଆଉ ଜଣଙ୍କୁ ଖୋଜୁଛି। ଶ୍ରୀ ଅଗ୍ରୱାଲ କହିଛନ୍ତି ଯେ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲେ ହେଁ ଘଟଣାର ତଦନ୍ତ ଜାରି ରହିଛି। ଅଭିଯୁକ୍ତମାନଙ୍କ ପୃଷ୍ଠଭୂମି ଯାଞ୍ଚ କରାଯାଉଛି। ୯୦ ଦିନ ମଧ୍ୟରେ ଚାର୍ଜଶିଟ୍ ଦାଖଲ କରିବା ସହିତ ଅଭିଯୁକ୍ତମାନେ ଯେପରି ଦୋଷୀ ସାବ୍ୟସ୍ତ ହୋଇ କଠୋର ଦଣ୍ଡ ପାଇବେ ସେ ଦିଗରେ ଦୃଷ୍ଟି ଦିଆଯିବ। ପୀଡିତାଙ୍କର ଡାକ୍ତରୀ ମାଇନା ହୋଇଛି। ତାଙ୍କ ପୁରୁଷ ବନ୍ଧୁଙ୍କର ମଧ୍ୟ ଡାକ୍ତରୀ ମାଇନା କରାଯାଇଛି। ପୀଡିତା ଯାହା କିଛି ସହାୟତା ଚାହିଁବେ ଆମେ ତାହା ଯୋଗାଇ ଦେବାକୁ ପ୍ରସ୍ତୁତ ଅଛୁ ବୋଲି କଟକ ଗ୍ରାମାଞ୍ଚଳ ଏସ୍‌ପି ଶ୍ରୀ ଅଗ୍ରୱାଲ କହିଛନ୍ତି।

ମଙ୍ଗଳବାର ବିଳମ୍ବିତ ରାତିରେ ଘଟିଛି ଏହି ଘଟଣା। ଯୁବତୀ ଜଣଙ୍କ ତାଙ୍କର ପୁରୁଷ ବନ୍ଧୁଙ୍କ ସହିତ କାରରେ କେନ୍ଦ୍ରାପଡା ଅଭିମୁଖେ ଯାଉଥିଲେ। ତାଙ୍କ ପୁରୁଷ ବନ୍ଧୁଙ୍କୁ ନିଦ ଲାଗିବାରୁ ସେ କଟକ-ଚାନ୍ଦବାଲି ରାସ୍ତାରେ ସୁକରପଡା ପୂର୍ତ୍ତ ବିଭାଗ ବଙ୍ଗଳା ନିକଟରେ ଗାଡି ରଖି କିଛି ସମୟ ଶୋଇଥିଲେ। ରାତି ପ୍ରାୟ ୩ଟାରୁ ସା ୩ଟା ବେଳେ ଅଭିଯୁକ୍ତମାନେ ସେଠାରେ ପହଞ୍ଚି ତାଙ୍କ ପୁରୁଷ ବନ୍ଧୁଙ୍କୁ ମାଡ ମାରିଥିଲେ। ସେମାନେ ପୀଡିତାଙ୍କୁ ନିକଟସ୍ଥ ଏକ ପରିତ୍ୟକ୍ତ ଗୃହକୁ ନେଇ ଦୁଷ୍କର୍ମ କରିଥିଲେ। ଏହା ପରେ ସେମାନେ ଅନ୍ୟ ଏକ କାରରେ ପୀଡିତାଙ୍କୁ ନେଇ ପଳାଉଥିଲେ। ପୀଡିତାଙ୍କ ପୁରୁଷ ବନ୍ଧୁ ସେମାନଙ୍କୁ ପିଛା କରିଥିଲେ। କଟିକଟା ନିକଟରେ ପୀଡିତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ କାର୍‌ଟିକୁ ଅଟକାଇଥିଲେ। ସେହି ସମୟରେ ଅଭିଯୁକ୍ତମାନେ ଦୌଡି ପଳାଇଥିଲେ। କିନ୍ତୁ ଗ୍ରାମବାସୀ ଜଣଙ୍କୁ ଧରିବାରେ ସଫଳ ହୋଇଥିଲେ। ପୁଲିସ ତାକୁ ନିଜ ହେପାଜତକୁ ନେଇଥିଲା। ପରେ ଅନ୍ୟମାନଙ୍କୁ ଗିରଫ କରାଯାଇଥିଲା।

### ଅନୁଗୋଳ ପୋକ୍‌ସୋ କୋର୍ଟଙ୍କ ଐତିହାସିକ ରାୟ

# ଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ଆଜୀବନ

ଅନୁଗୋଳ, ୧୩।୮(ନି.ପ୍ର.):ଅନୁଗୋଳ ସହର ର ସିମିଳିପଡ଼ା ଅଞ୍ଚଳରେ ଘଟିଥିବା ଏକ ଅତି ସମ୍ବେଦନଶୀଳ ଶିଶୁ କନ୍ୟା ଦୁଷ୍କର୍ମ ମାମଲାରେ ୧୩ ଜଣ ସାକ୍ଷୀ ଓ ୩୮ ଦସ୍ତାବିଜ ଆଧାରରେ ଆଜି ଅଦାଲତ ଅଭିଯୁକ୍ତ କାଳିଆ ଓରଫ ସତ୍ୟବ୍ରତ ମିଶ୍ରଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡ ଶୁଣାଣି କରିଛନ୍ତି। ଦଣ୍ଡାଦେଶ ଆଜୀବନ ସଶ୍ରମ କାରଦଣ୍ଡାଦେଶ ସହିତ ୩୦ ହଜାର ଟଙ୍କା ର ଜୋରିମାନା ଓ ଜରିମାନା ଅନାଦେୟ ହେଲେ ଅଧିକ । ବର୍ଷ କାରାଦଣ୍ଡ ଭୋଗିବ ବୋଲି ଅନୁଗୁଳ ଫାଷ୍ଟ ଟ୍ରାକ ଜଜ୍ ବିରଞ୍ଚି ନାରାୟଣ ମିଶ୍ର ତାଙ୍କ ଦଣ୍ଡାଦେଶ ରେ ଉଲ୍ଲେଖ କରିଛନ୍ତି। ଏଥିସହିତ ପୀଡ଼ିତାଙ୍କୁ ରାଜ୍ୟ ସରକାର ଙ୍କ ତରଫରୁ ୭ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରିବାକୁ ଜଜ୍ ତାଙ୍କ ରାୟ ରେ ପ୍ରକାଶ କରିଛନ୍ତି।

ଘଟଣାରୁ ପ୍ରକାଶ ଯେ ଗତ ୨୦.୦୫.୨୦୨୫ ରିଖରେ ପୀଡ଼ିତାଙ୍କ ମାଆ ଅନୁଗୋଳ ଥାନାରେ ଏକ ଲିଖ୍ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ, ୧୯.୦୫.୨୦୨୫ ରିଖ ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ସିମିଳିପଡ଼ା ଅଞ୍ଚଳର କାଳିଆ ଓରଫ ସତ୍ୟବ୍ରତ ମିଶ୍ର (୨୨), ପିତା- ପ୍ରମୋଦ ମିଶ୍ର, ଜଣେ ୭ ବର୍ଷର ନାବାଳିକା ଶିଶୁ କନ୍ୟା ସହିତ ଅତି ବର୍ବର ଓ ଅମାନୁଷିକ ଯୌନ ନିର୍ଯାତନା କରିଥିଲା। ପୂର୍ବରୁ ମଧ ସେ ଉକ୍ତ ଶିଶୁ କନ୍ୟାକୁ ଏକ ନିଛାଟିଆ ପଡ଼ିଆକୁ ନେଇ ଦୁଷ୍କର୍ମ କରିଥିବା ନେଇ ପୀଡ଼ିତା ପ୍ରକାଶ କରିଥିଲେ।

ଅଭିଯୋଗ ପାଇବା ମାତ୍ରେ ଅନୁଗୋଳ ଥାନା ଆଇଆଇସି ଧ୍ୱଂସ କୁମାର ଦାସ ନିଜେ ତଦନ୍ତ କରି ଅଧିକାରୀ ଭାବେ ତତ୍କାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ତଦନ୍ତକାରୀ ଅଧିକାରୀ ଇନ୍ସପେକ୍ଟର ଡି.କେ. ଦାସଙ୍କ ନେତୃତ୍ୱରେ ପୋଲିସ ଦ୍ରୁତ ଅନୁସନ୍ଧାନ କରି ୨୨.୦୫.୨୦୨୫ ସକାଳେ ଅଭିଯୁକ୍ତ କାଳିଆକୁ ଗିରଫ କରିଥିଲା।

ଏହି ମାମଲାରେ ପୋଲିସ ଅତି ସନ୍ତୋଷଜନକ ଓ ବୈଜ୍ଞାନିକ ପଦ୍ଧତିରେ ତଦନ୍ତ ପରିଚାଳନା କରିଥିଲା:ପୀଡ଼ିତା ଶିଶୁ କନ୍ୟାର ବୟାନ ବିଏନଏସଏସ ର ଧାରା ୧୮୦ ଅନୁଯାୟୀ ଭିଡିଓଗ୍ରାଫି ମାଧ୍ୟମରେ ରେକର୍ଡକରାଯାଇଥୁଲା।

ବୈଜ୍ଞାନିକ ଦଳ ଦ୍ୱାରା ଘଟଣାସ୍ଥଳରୁ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ସଂଗ୍ରହ କରାଯାଇଥିଲା।ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କର ଡାକ୍ତରୀ ମାଇନା କରାଯିବା ସହ ଡିଏନଏ ପରୀକ୍ଷା ପାଇଁ ଏଫଟିଏ କାର୍ଡ ମାଧ୍ୟମରେ ରକ୍ତ ନମୁନା ଏବଂ ପୋଷାକପତ୍ର ଏସଏଫଏସଏଲ (ଭୁବନେଶ୍ୱର)କୁ କେମିକାଲ ପରୀକ୍ଷା ପାଇଁ ପଠାଯାଇଥିଲା।ତହସିଲଦାରଙ୍କ ଜରିଆରେ ଘଟଣାସ୍ଥଳର ସଠିକ ମାନଚିତ୍ର ପ୍ରସ୍ତୁତ କରାଯାଇ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ମଜବୁତ କରାଯାଇଥିଲା।

ପୋଲିସ ଦ୍ୱାରା ଦାଖଲ କରାଯାଇଥିବା ଦୃଢ଼ ଚାର୍ଜସିଟ୍, ଡାକ୍ତରୀ ରିପୋର୍ଟ, ବୈଜ୍ଞାନିକ ପ୍ରମାଣ ଏବଂ ସାକ୍ଷୀମାନଙ୍କ ବୟାନକୁ ଆଧାର କରି ମାନ୍ୟବର ଆଡ ହକ୍ ଜଜ୍ ବିରଞ୍ଚି ନାରାୟଣ ମିଶ୍ର ଆଜି ଅଭିଯୁକ୍ତ କାଳିଆ ଓରଫ ସତ୍ୟବ୍ରତ ମିଶ୍ରକୁ ଦୋଷୀ ସାବ୍ୟସ୍ତ କରି କଠୋର ଦଣ୍ଡ ଶୁଣାଇଛନ୍ତି। ସରକାରଙ୍କ ତରଫ ରୁ ସ୍ୱତନ୍ତ୍ର ସରକାରୀ ଓକିଲ ରଞ୍ଜନ ପାତ୍ର ଏହି ମାମଲା କୁ ଡେପୁଟୀ ଡାଇରେକ୍ଟର ପ୍ରସିକ୍ୟୁସନ୍ ଗଣେଶ କୁମାର ବେହେରା ଙ୍କ ତତ୍ତ୍ୱାବଧାନ ରେ ପରିଚାଳନା କରୁଥିଲେ। ସମାଜରେ ଶିଶୁମାନଙ୍କ ସୁରକ୍ଷା ପାଇଁ ପୋଲିସ ସଦାସର୍ବଦା ପ୍ରତିଶ୍ରୁତିବଦ୍ଧ ଏବଂ ଏଭଳି ଜଘନ୍ୟ ଅପରାଧକରୁଥିବା ଅପରାଧୀଙ୍କୁ କୌଣସି ପରିସ୍ଥିତିରେ ଛଡ଼ାଯିବ ନାହିଁ ବୋଲି ଏହି ଦଣ୍ଡାଦେଶ ପୁଣି ଥରେ ପ୍ରମାଣିତ କରିଛି।

## ଭିଜିଲାନ୍ସ ଜାଲରେ ସିଡିଏଓ ବ୍ରହ୍ମପୁର

ବ୍ରହ୍ମପୁର, ୧୩।୮(ନି.ପ୍ର: ସ୍ଥାନୀୟ କୋର୍ଟପେଟା ଛକ ସ୍ଥିତ ଭିଜିଲାନ୍ସ ଡିଭିଜନ କାର୍ଯ୍ୟାଳୟରେ ବ୍ରହ୍ମପୁର ଡିଭିଜନ ଏସପି ଶ୍ରୀ ପ୍ରଦୀପ ପ୍ରଧାନଙ୍କ ଦ୍ୱାରା ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି ଯେ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା (ଏମକେୟୁୱାଇ) ଅଧୀନରେ ହିତାକାରୀଙ୍କୁ ସବସିଡି ରାଶି ମିଳିବା ପାଇଁ ଫାଇଲ୍ ପ୍ରକ୍ରିୟାକରଣ କରାଇବା ବାବଦକୁ ୧୫ ହଜାର ଟଙ୍କା ଲାଞ୍ଚ ନେଉ ଥିବା ନେଇ ଗତ କାଲି ବ୍ରହ୍ମପୁର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ (ସିଡିଏଓ) ବ୍ୟୋମକେଶ ମିଶ୍ରଙ୍କୁ ବ୍ରହ୍ମପୁର ଭିଜିଲାନ୍ସ ଗିରଫ କରିଥିଲେ। ହିତାଧିକାରୀଙ୍କ ଠାରୁ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ସମୟରେ ଅଭିଯୋଗକାରୀଙ୍କ ସୂତ୍ରରୁ ଖବର ପାଇ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିବା ଏସପି କହିଥିଲେ। ଏହି ଯୋଜନାର ନିୟମ ଅନୁଯାୟୀ ହିତାଧିକାରୀଙ୍କୁ ବିନିଯୋଗ ରାଶିର ୫୦% ପର୍ଯ୍ୟନ୍ତ ସବସିଡି ମିଳିବାର ବ୍ୟବସ୍ଥା ରହିଛି, ଏଥିପାଇଁ ହିତାଧିକାରୀ ନିଜ ଫାଇଲ୍ ପ୍ରକ୍ରିୟାକରଣ କରାଇ ସବସିଡି ରାଶି ମଞ୍ଜୁର କରାଇବାକୁ ଗତ ଦୁଇ ମାସ ଧରି ସିଡିଏଓଙ୍କୁ ଅନୁରୋଧ କରି ଆସୁଥିଲେ। ବାରମ୍ବାର ଅନୁରୋଧ ସତ୍ତ୍ୱେ ଅଭିଯୁକ୍ତ ସିଡିଏଓ ଫାଇଲ୍ ପ୍ରକ୍ରିୟାକରଣ କରୁ ନଥିଲେ। ଏହା ବଦଳରେ ଫାଇଲ୍ ଆଗକୁ ବଢ଼ାଇବା ଏବଂ ସବସିଡି ରାଶି ମଞ୍ଜୁର କରାଇବା ପାଇଁ ହିତାଧିକାରୀଙ୍କୁ ୧୫ ହଜାର ଟଙ୍କା ଲାଞ୍ଚ ଦେବାକୁ ଦାବି କରିଥିଲେ। ଏଥିସହ ସବସିଡି ରାଶି ମିଳିବା ସମୟରେ ମଧ ଏକ ନିର୍ଦ୍ଦିଷ୍ଟ ପ୍ରତିଶତ ଟଙ୍କା ଦେବାକୁ ଦାବି କରାଯାଇଥିବା ନେଇ ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। ଲାଞ୍ଚ ଦାବିରେ ଅସନ୍ତୁଷ୍ଟ ହୋଇ ହିତାଧିକାରୀ ତଥା ଅଭିଯୋଗକାରୀ ଶ୍ରୀ ସୁଶାନ୍ତ କୁମାର ପଣ୍ଡା ଏନେଇ ଓଡ଼ିଶା ଭିଜିଲାନ୍ସ ଅଧିକାରୀଙ୍କୁ ଜଣାଇ ଥିଲେ। ଅଭିଯୋଗ ମିଳିବା ପରେ ଭିଜିଲାନ୍ସ ପକ୍ଷରୁ ଯୋଜନା ବଦ୍ଧ ଭାବେ ଟ୍ରାପ୍ କରାଯାଇ ବୁଧବାର ହିତାଧିକାରୀଙ୍କ ଠାରୁ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ସିଡିଏଓ ବ୍ୟୋମକେଶ ମିଶ୍ରଙ୍କୁ ଭିଜିଲାନ୍ସ ଟିମ୍ କାବୁ କରିଥିଲା।





# ଜଗତସିଂହପୁର ଜିଲ୍ଲା ରେ ଏସଆଇଆର କାର୍ଯ୍ୟର ଅଗ୍ରଗତି ସମୀକ୍ଷା



ଜଗତସିଂହପୁର, ୧୩।୮ :(ମନ୍ଥନ) ଭାରତ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) କାର୍ଯ୍ୟକ୍ରମର ତୃତୀୟ ପର୍ଯ୍ୟାୟ ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗଦେଇ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ।

ନୂତନ ସମୟସୂଚୀ ଅନୁଯାୟୀ ଦାବି ଓ ଆପତ୍ତି ଦାଖଲର ଶେଷ ତାରିଖ ୧୯ ଅଗଷ୍ଟ, ନୋଟିସ ଜାରି ଓ ଦାବି-ଆପତ୍ତି ଶୁଣାଣିର ଶେଷ ତାରିଖ ୧୭ ସେପ୍ଟେମ୍ବର ଏବଂ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ୨୧ ସେପ୍ଟେମ୍ବର କରାଯିବ ବୋଲି ସୂଚନା ଦିଆଯାଇଥିଲା। ଅନୁପସ୍ଥିତ, ସ୍ଥାନାନ୍ତରିତ, ମୃତ ଏବଂ ନକଲି ଭୋଟରଙ୍କ ବିବରଣୀ ସମ୍ପର୍କରେ ସମସ୍ତ ତଥ୍ୟ ୱେବସାଇଟରେ ଉପଲବ୍ଧ ଥିବା ବେଳେ, ଫର୍ମ-୬, ୭, ୮, ୯, ୧୦, ୧୧, ୧୧(ଏ) ଏବଂ ୧୧(ବି) ସମ୍ବନ୍ଧୀୟ ସମସ୍ତ ସୂଚନା ମଧ୍ୟ ଅନଲାଇନରେ ଦେଖିହେବ ବୋଲି ବୈଠକରେ ଅବଗତ କରାଯାଇଥିଲା।ଜିଲ୍ଲାର ୪ ଟି ନିର୍ବାଚନମଣ୍ଡଳୀ ଯଥା ୧୦୧ – ପାରାଦୀପ, ୧୦୨ – ତିର୍ତ୍ତୋଲ, ୧୦୩- ବାଲିକୁଦା ଏରସମା ଏବଂ ୧୦୪- ଜଗତସିଂହପୁର ଲାଗି ଜାରି ହୋଇଥିବା ସମସ୍ତ ୧,୩୪,୨୦୪ ଟି ନୋଟିସ ଗୁଡିକୁ ସଫଳତାର ସହିତ ପ୍ରଦାନ କରାଯାଇଛି। ସେଥିମଧ୍ୟରୁ ୧,୦୭,୬୨୮ ଟି ନୋଟିସର ଶୁଣାଣି ସମ୍ପୂର୍ଣ୍ଣ ହୋଇଥିବା ସୂଚନା ଦିଆଯାଇଥିଲା।ବୈଠକରେ ବିଜେଡି ପକ୍ଷରୁ ଲୋକନାଥ ସ୍ୱାଇଁ, କଂଗ୍ରେସ ପକ୍ଷରୁ ସୁଶୀଲ କୁମାର ଦାଶ, ବିଜେପି ପକ୍ଷରୁ ଲିଙ୍ଗରାଜ ଲେଙ୍କା, ବହୁଜନ ସମାଜ ପାର୍ଟି ତରଫରୁ ଅଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ମତଦାତା ଶିକ୍ଷା ଓ ନିର୍ବାଚନୀ ଅଂଶଗ୍ରହଣ ) ନୋଡାଲ ଅଧିକାରୀ ଶ୍ରୀମତୀ ତୃପ୍ତିମୟୀ ପ୍ରଧାନ ଓ ଡେପୁଟି କଲେକ୍ଟର (ନିର୍ବାଚନ) ଶ୍ରୀ ପ୍ରଶାନ୍ତ କୁମାର ସେଠୀ ବୈଠକରେ ଉପସ୍ଥିତ ରହି ରାଜନୈତିକ ଦଳର ପ୍ରତିନିଧିମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ।

# ୫୨ ଗ୍ରାମର ହେରୋଇନ ସହ ଯୁବକ ଗିରଫ

ଜଗତସିଂହପୁର ,୧୩।୮ :(ମନ୍ଥନ) ଜଗତସିଂହପୁର ଥାନା ଅନ୍ତର୍ଗତ ମାଧପୁର ଅଞ୍ଚଳର ଜଣେ ନିଶା ମାଫିଆଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ଭ୍ରାମ୍ୟମାଣ ସଂସ୍ଥା। ଯାଞ୍ଚ ପରେ ତାଙ୍କ ପାଖରୁ ୫୨ ଗ୍ରାମର ହେରୋଇନ୍, ଏକ ଆଣ୍ଡ୍ରଏଡ ଫୋନ ଏବଂ ଏକ ପଲସର ଗାଡି ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ ମାଧପୁର ଗ୍ରାମର ଖାରବେଳ ଦିଗବିଜୟ ପାତ୍ର ଦୀର୍ଘ ଦିନ ଧରି ଆଖପାଖ ଅଞ୍ଚଳରେ ହେରୋଇନ୍ ବେପାର କରୁଥିବା ବେଳେ ତାକୁ ଧରିବା ପାଇଁ ଅବକାରୀ ବିଭାଗ ବହୁବାର ଜାଲ ବିଛାଇ ଥିଲା। ସବୁଥର ଭଳି ଅବକାରୀ ବିଭାଗକୁ ଚକମା ଦେଇ ଖସିଯାଉଥିବାବେଳେ ଅନେକ କସରତ୍ ପରେ ଆଜି କିନ୍ତୁ ତାଙ୍କୁ ଅବକାରୀ ବିଭାଗ କାବୁ କରିନେଇଥିଲା। ଏକ ଗୁଇନ୍ଦା ଖବର କୁ ଭିତ୍ତି କରି ଖାରବେଳ ଙ୍କ ସମ୍ପର୍କରେ ତଥ୍ୟ ବାହାର କରିଥିଲେ ଇନ୍ସପେକ୍ଟର ପ୍ରଭାସ କୁମାର ଚୌଧୁରୀ। ଗ୍ରାହକଙ୍କୁ ବିକ୍ରି କରିବା ପାଇଁ ସେ ଆଜି ହେରୋଇନ ରଖିଥିବାର ସୂଚନା ପାଇବା ପରେ ଜଗତସିଂହପୁର ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର ସବ୍-ଇନ୍ସପେକ୍ଟର ଭାଗ୍ୟଲକ୍ଷ୍ମୀ ଦଳାଇ, ଏ ଏସ୍ ଆଇ କ୍ଷୀରୋଦ କୁମାରସାହୁ, କନଷ୍ଟେବଳ ଶୁଭଶ୍ରୀ ବିଶ୍ୱାଳ, ସୁକାନ୍ତ ମାଝୀ, ବିଶ୍ୱରଞ୍ଜନ ସ୍ୱାଇଁ, ଙ୍କୁ ନେଇ ଏକ ଟିମ ଗଠନ ହୋଇଥିଲା ଯାହାର ନେତୃତ୍ୱ ନେଇଥିଲେ ଇନ୍ସପେକ୍ଟର ପ୍ରଭାସ କୁମାର ଚୌଧୁରୀ। ଜଗତସିଂହପୁର ପୌରାଞ୍ଚଳସ୍ଥିତ ଗାଲୁପଡା ବଜାରରେ ସେ ଗ୍ରାହକଙ୍କୁ ବିକ୍ରି କରୁଥିବା ବେଳେ ଗ୍ରାହକ ବେଶରେ ଅଭିଯୁକ୍ତଙ୍କୁ କାବୁ କରିନେଇଥିଲେ ଜଗତସିଂହପୁର ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର କର୍ମଚାରୀ। ଗିରଫ ଅଭିଯୁକ୍ତ ଜଣକ ହେଲେ ଲାଲାସାହି( ମାଧପୁର )ର ଖାରବେଳଦିଗବିଜୟ ପାତ୍ର (୩୮)। ଜବତ ହେରୋଇନ୍ ସହ ମୋଟରସାଇକେଲ ର ଆନୁମାନିକ କଳାବଜାରୀ ମୂଲ୍ୟ ପ୍ରାୟ ୬ ଲକ୍ଷ ଟଙ୍କା ହେବ। ଅଭିଯୁକ୍ତଙ୍କ ବିରୁଦ୍ଧରେ ଏନ୍ ଡି ପି ଏସ୍ ଆକ୍ଟ ୧୯୮୫ ଅନୁସାରେ ମାମଲା ରୁଜୁ କରାଯାଇ ଜିଲ୍ଲା ଦୌରାଜଜ ଜଗତସିଂହପୁରଙ୍କ ନିକଟରେ ହାଜର କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରି ୧୪ଦିନିଆ ବିଚାର ବିଭାଗୀୟ ହାଜତ୍ କୁ ପଠାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ପୂର୍ବ ରୁ ଅନେକ ଏନ୍ ଡି ପି ଏସ୍ ମାମଲ ମଧ୍ୟ ଅବକାରୀ ବିଭାଗରେ ଅଛି। ଜଗତସିଂହପୁର ଅଞ୍ଚଳରେ ହେରୋଇନ୍ ବ୍ୟବସାୟ କୁ ଦମନ କରିବାକୁ ସ୍ୱତନ୍ତ୍ର ଅପରେସନ୍ ଚାଲିଥିବାର ପ୍ରକାଶ କରିଛନ୍ତି ଜଗତସିଂହପୁର ଅବକାରୀ ଅଧିକ୍ଷିକା ଶ୍ରୀମତି ଅନିତା ପ୍ରଧାନ ଓ ସମସ୍ତ ନିଶାବେପାରୀଙ୍କୁ ଜେଲ୍ ରେ ପୁରାଇବାକୁ ଜଗତସିଂହପୁର ଅବକାରୀ ବିଭାଗ ଉଦ୍ୟମ ରତ ଥିବାର ସେ କହିଛନ୍ତି।

## ଏକ ତରଫା ପ୍ରେମକୁ କେନ୍ଦ୍ରକରି ଯୁବତୀଙ୍କୁ ବ୍ଲାକମେଲିଂ ଓ ଅଶ୍ଳୀଳ ଫଟୋ ଭାଇରାଲ ମାମଲା, ଅଭିଯୁକ୍ତ ଗିରଫ

ବଳଙ୍ଗା,୧୩।୮ :(ମନ୍ଥନ)ବଳଙ୍ଗା ଥାନା ଅନ୍ତର୍ଗତ ଏକ ଗ୍ରାମରେ ଜଣେ ଯୁବତୀଙ୍କୁ ବ୍ଲାକ ମେଲିଂ କରି ଅଶ୍ଳୀଳ ଫଟୋ ଭାଇରାଲ କରିବା ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବଳଙ୍ଗା ପୋଲିସ। ଅଭିଯୁକ୍ତ ଜଣକ ପିପିଲି ଥାନା ଅନ୍ତର୍ଗତ ରାଜତେଇ ଗ୍ରାମର ଜମ୍ମେଶ୍ୱର ବେହେରା ବୋଲି ପୋଲିସ ସୂଚନା ଦେଇଛି। ଏଥି ସହ ପୋଲିସ ଅଭିଯୁକ୍ତର ମୋବାଇଲ ଫୋନକୁ ଜବତ କରିଛି। ସୂଚନା ମୁତାବକ ଦିର୍ଘ ୬ବର୍ଷ ତଳୁ ଅଭିଯୁକ୍ତ ଜଣଙ୍କ ଯୁବତୀଙ୍କୁ ଧମକ ଚମକ ଦେଇ ଏକ ତରଫା ପ୍ରେମ କରିବା ସହ ତାଙ୍କ ଫଟୋକୁ ସୋସିଆଲ ମିଡିଆରେ ଛାଡୁଥିଲା। ଏନେଇ ଯୁବତୀଙ୍କ ପରିବାର ଲୋକେ ସାଇବର ଓ ବାଳଙ୍ଗା ଥାନାରେ ଅଭିଯୋଗ କରିବା ପରେ ଅଭିଯୁକ୍ତକୁ ପୋଲିସ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ଏହା ଭିତରେ ଯୁବତୀଙ୍କ ବିବାହ ହୋଇ ସାରିଥିଲା ବେଳେ ଗତ ୮ତାରିଖରୁ ଅଭିଯୁକ୍ତ ପୁନର୍ବାର ଯୁବତୀଙ୍କୁ ଟଙ୍କା ନ ଦେଲେ ତା ପାଖରେ ଥିବା ଆପତ୍ତି ଜନକ ଫଟୋକୁ ସୋସିଆଲ ମିଡିଆରେ ଭାଇରାଲ କରିବାକୁ ଧମକ ଦେଇ କ୍ରମାଗତ ଭାବେ ଫଟୋକୁ ଭାଇରାଲ କରିଥିଲା। ଯାହା ଫଳରେ ଯୁବତୀଙ୍କ ଭାଇ ଏନେଇ ବଳଙ୍ଗା ଥାନାରେ ଅଭିଯୋଗ କରିବା ପରେ ଥାନାରେ ଏକ ସାଇବର ମାମଲା ରୁଜୁ କରାଯାଇ ଥିଲା। ଗତକାଲି ବିଳମ୍ବିତ ରାତିରେ ବଳଙ୍ଗା ପୋଲିସ ପକ୍ଷରୁ ଅଭିଯୁକ୍ତ ଘରେ ଚଢ଼ାଉ କରାଯାଇ ତାକୁ ଗିରଫ କରାଯାଇଥିଲା।

## ବ୍ରହ୍ମପୁର ଉପଖଣ୍ଡ ସ୍ତରୀୟ ନିର୍ବାଚନ ସାକ୍ଷରତା କ୍ଲବ କୁଇଜ୍ ପ୍ରତିଯୋଗିତା

ବ୍ରହ୍ମପୁର,୧୩।୮ :(ମନ୍ଥନ)ସ୍ଥାନୀୟ କମାପଲ୍ଲୀ ଛକ ଠାରେ ଅବସ୍ଥିତ ଉପ ଜିଲ୍ଲାପାଳ ବ୍ରହ୍ମପୁରଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବ୍ରହ୍ମପୁର ଉପଖଣ୍ଡ ନିର୍ବାଚନ ସାକ୍ଷରତା କ୍ଲବ ମାନଙ୍କ ମଧ୍ୟରେ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉପ ଜିଲ୍ଲାପାଳ ଅବିନାଶ କୁମାର ଏବଂ ଡେପୁଟି କଲେକ୍ଟର (ନିର୍ବାଚନ) ସୁବ୍ରତ ରାମ ବିରାମ ଶତପଥିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ପ୍ରତିଯୋଗିତାରେ ବ୍ରହ୍ମପୁର ଉପଖଣ୍ଡର ୧୩ଟି ମହାବିଦ୍ୟାଳୟ ଅଂଶ ଗ୍ରହଣ କରିଥିଲେ । ପ୍ରତ୍ୟେକ ମହାବିଦ୍ୟାଳୟ ତରଫରୁ ଦୁଇ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିବା ବେଳେ, ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକା ମାନେ ଯୋଗଦାନ କରିଥିଲେ । ନିର୍ବାଚନ ତଥା ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ବନ୍ଧିତ ପ୍ରଶ୍ନଉତ୍ତରକୁ ନେଇ ଉକ୍ତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନୀଳକଣ୍ଠ ନଗର, ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ ଏବଂ ଶଶୀଭୂଷଣ ରଥ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଯଥା କ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ଏହି କୁଇଜ୍ ପ୍ରତିଯୋଗିତା ଆୟୋଜନରେ ନିର୍ବାଚନ ଉପ ବିଭାଗର ଅଧିକାରୀ ସହଯୋଗ କରିଥିଲେ ।

# କୃଷକ ବୈଜ୍ଞାନିକ ଆଲୋଚନା ଚକ୍ର



ଜଗତସିଂହପୁର ,୧୩।୮ :(ମନ୍ଥନ) କୃଷି ବିଜ୍ଞାନ କେନ୍ଦ୍ର,ଜଗତସିହପୁର ଆନୁକୁଲ୍ୟରେ ଏକ କୃଷକ ବୈଜ୍ଞାନିକ ଆଲୋଚନା ଚକ୍ର ୧୧.୦୮.୨୦୨୬ ଓ ୧୨.୦୮.୨୦୨୬ ତାରିଖରେ ଦୁଇ ଦିନଧରି ସଫଳତା ର ସହିତ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କୃଷି ବିଭାଗର ଆତ୍ମା ପ୍ରକଳ୍ପ ଦ୍ୱାରା ପ୍ରାୟୋଜିତ ଏହି କାର୍ଯ୍ୟକ୍ରମ ରେ ଜିଲ୍ଲାର ଚାରୋଟି ବ୍ଲକ୍ ଯଥା ତିର୍ତ୍ତୋଲ, ରଘୁନାଥପୁର,କୁଜଙ୍ଗ ଓ ଏରସମାରୁ ସମୁଦାୟ ୨୫ ଜଣ ଆଗଧାଡ଼ିର ଚାଷୀ ଯୋଗଦାନ କରିଥିଲେ।କାର୍ଯ୍ୟକ୍ରମର ପ୍ରଥମ ଦିନରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ.ଜୀବନଜିତ ସେନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ଏହାର ଉଦ୍ଦେଶ୍ୟ ଚାଷୀମାନଙ୍କୁ ବୁଝାଇ କହିଥିଲେ।ପ୍ରଥମ ଦିନର ପ୍ରଥମ ଭାଗରେ ମୃତ୍ତିକା ବୈଜ୍ଞାନିକ ଡ.ପ୍ରଦୀପ୍ତ କୁମାର ମାଝୀ ଚାଷୀମାନଙ୍କୁ ଫସଲରେ ସମନ୍ୱିତ ଖାଦ୍ୟ ପରିଚାଳନା ବିଷୟରେ ବିଶେଷ ଜ୍ଞାନ ପ୍ରଦାନ କରିଥଲେ। ରୋଗପୋକ ବୈଜ୍ଞାନିକ ଦେବାଶିଷ ପଣ୍ଡା ଚାଷୀମାନଙ୍କୁ ବିଭିନ୍ନ ରୋଗପୋକର ସମସ୍ୟାର ସମାଧାନ ବିଷୟରେ କହିବା ସହିତ ରୋଗପୋକ ନିୟନ୍ତ୍ରଣରେ ଆଧୁନିକ ଔଷଧମାନ ବିଷୟରେ ଜ୍ଞାନ ପ୍ରଦାନ କରିଥଲେ। ଦ୍ୱିତୀୟ ଭାଗରେ ମତ୍ସ୍ୟ ବିଶେଷଜ୍ଞ ସରିତା ଦାସ ମାଛ ଚାସରେ ଉନ୍ନତ ବୈଜ୍ଞାନିକ ପ୍ରଣାଳୀ ବିଷୟରେ ଆଲୋକପାତ କରିଥିଲେ।ଶେଷଭାଗରେ ପ୍ରାଣୀ ବୈଜ୍ଞାନିକ ଡ.ତପନ କୁମାର ପଲାଇ ଗୋପାଳନ ଓ କୁକୁଡ଼ା ପାଳନ ଜନିତ ସମସ୍ୟା ଓ ଏହାର ସମାଧାନ ବିଷୟ ରେ ଆଲୋକପାତ କରିଥଲେ।କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ଜିଲ୍ଲାମୁଖ୍ୟ କୃଷି ଅଧିକାରୀ ଶ୍ରୀ. ବିଭୁଦତ୍ତ ସାହୁ ଯୋଗଦେଇ ଚାଷୀମାନଙ୍କ ସହ ବିଭିନ୍ନ ଚାଷ ଜନିତ ସମସ୍ୟା ଉପରେ ଆଲୋଚନା କରିଥିଲେ।କୃଷି ବିଜ୍ଞାନ କେନ୍ଦ୍ରର କ୍ଷେତ୍ର ପରିଚାଳକ ମଣ୍ଟୁ ଚୌଧୁରି ଧାନ ଓ ପନିପରିବା ଚାଷରେ ହେଉଥିବା ବିଭିନ୍ନ ସମସ୍ୟା ଗୁଡିକ ବିଷୟରେ ଆଲୋକପାତ କରିଥିଲେ।ଗୃହ ବିଜ୍ଞାନୀ ସସ୍ମିତା ପୁରୋହିତ ଲାଭଜନକ ଛତୁ ଚାଷ ବିଷୟରେ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧିକାରୀ ସ୍ୱାଗତିକା ମିଶ୍ର ଓ ସ୍ୱରାଜ କୁମାର ବେହେରା ଅଂଶ ଗ୍ରହଣ କରିଥିଲେ। ନେଇଥିବା ସମସ୍ତ ଚାଷୀମାନଙ୍କୁ ଚାଷ ସମ୍ବନ୍ଧିତ ବିଭିନ୍ନ ବୈଷୟିକ ପୁସ୍ତିକା ପ୍ରଦାନ କରାଯାଇଥିଲା ।ଶେଷ ପର୍ଯ୍ୟାୟରେ ଚାଷୀମାନେ ସକ୍ରିୟ ଅଂଶ ଗ୍ରହଣ କରି ନିଜନିଜ ର ଅଭିଜ୍ଞତା ବାଣ୍ଟିବା ସହ ନିଜ ନିଜର ଚାଷ ସମ୍ବନ୍ଧିତ ସମସ୍ୟା ର ସମାଧାନ ବୈଜ୍ଞାନିକ ମାନଙ୍କଠାରୁ ବୁଝିଥିଲେ। ଶେଷରେ କେନ୍ଦ୍ରରେ ଥିବା ବିଭିନ୍ନ ପ୍ରୟୋଗଶାଳା ଓ ପ୍ରଦର୍ଶନ କ୍ଷେତ୍ର ପ୍ରଦର୍ଶନ କରି ଜ୍ଞାନ ଅର୍ଜନ କରିଥିଲେ।

## ଏସ୍ପିଙ୍କ ନିର୍ଦ୍ଦେଶରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଜଗତସିଂହପୁର , ୧୩।୮ :(ମନ୍ଥନ)ଜଗତସିଂହପୁର ଜିଲ୍ଲା ଏସ୍ପିଙ୍କ ନିର୍ଦ୍ଦେଶକ୍ରମେ ରଘୁନାଥପୁର ଥାନା ଅନ୍ତର୍ଗତ ରେଡୁଆ କଲେଜରେ ବୁଧବାର ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।କାର୍ଯ୍ୟକ୍ରମରେ ପୋଲିସ ଅଧିକାରୀ ମାନେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ସାଇବର ଠକେଇ, ଫିଙ୍କ୍ସିଂ, ସୋସିଆଲ ମିଡିଆର ଅପବ୍ୟବହାର, ଅନଲାଇନ୍ ଟଙ୍କା ଠକେଇ ଏବଂ ସାଇବର କ୍ରାଇମ୍ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ।ଛାତ୍ରଛାତ୍ରୀମାନେ କିପରି ସୁରକ୍ଷିତ ଭାବେ ଇଣ୍ଟରନେଟ୍ ବ୍ୟବହାର କରିବେ, ଅଜଣା ଲିଙ୍କ୍ ରେ କ୍ଲିକ୍ ନକରିବେ ଏବଂ ଠକେଇର ଶିକାର ହେଲେ ତୁରନ୍ତ ୧୯୩୦ ହେଲ୍ପଲାଇନ୍ ଓ ନିକଟସ୍ଥ ଥାନାରେ ଅଭିଯୋଗ କରିବେ ସେ ନେଇ ସଚେତନ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ପୂର୍ବତନ ଅଧ୍ୟକ୍ଷ ରମାରଞ୍ଜନ ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିବା ବେଳେ ବର୍ତ୍ତମାନର ଅଧ୍ୟକ୍ଷ ପ୍ରତାପ କୁମାର ଲେଙ୍କା ସଭାପତିତ୍ୱ କରିଥିଲେ।

## ପଶ୍ଚିମବାଡ଼ି ମଣ୍ଡଳସ୍ତରୀୟ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା

ଜଳେଶ୍ୱର,୧୩।୮ :(ମନ୍ଥନ)ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ପ୍ରେରଣାଦାୟୀ ଆହ୍ୱାନରେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପଶ୍ଚିମବାଡ଼ି ମଣ୍ଡଳରେ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଖୁଲୁଡ଼ା ପଞ୍ଚାୟତର ଶୀତଳ। ଠାକୁରାଣୀ ମହାବିଦ୍ୟାଳୟ ପରିସରରୁ ଏହି ଶୋଭାଯାତ୍ରା ବାହାରି ତଳନଗର ଛକ ନିକଟରେ ସମାପ୍ତ ହୋଇଥିଲା।ତ୍ରିରଙ୍ଗା କେବଳ ଏକ ପତାକା ନୁହେଁ, ଏହା ଆମ ଦେଶର ଏକତା, ଅଖଣ୍ଡତା, ଗର୍ବ ଓ ଗୌରବର ପ୍ରତୀକ। ତ୍ରିରଙ୍ଗାର ସମ୍ମାନ ରକ୍ଷା କରି ଦେଶର ଏକତା ଓ ଅଖଣ୍ଡତାକୁ ସୁଦୃଢ଼ କରିବା ପାଇଁ ଛାତ୍ର ଛାତ୍ରୀ ମାନେ ସ୍ଲୋଗାନ ଦେଇଥିଲେ। ବରିଷ୍ଠ ବିଜେପି ନେତା ବ୍ରଜମୋହନ ପ୍ରଧାନ,ଜିଲ୍ଲା ସାଧାରଣ ସମ୍ପାଦିକାସୁମତି ରାଣୀ ଦେ ,ପଶ୍ଚିମବାଡ଼ି ମଣ୍ଡଳ ସଭାପତିବିଜୟ କୁମାର ସାମଲ ,ମଣ୍ଡଳ କୃଷକ ମୋର୍ଚ୍ଚା ସଭାପତି ଜଗଦୀଶ ପ୍ରଧାନ,ଭୂପତି ଚରଣ ମିର୍ଦ୍ଧାଧରଣୀଧର ଦାସ, ଖୁଲୁଡା ପଞ୍ଚାୟତ ପ୍ରମୁଖଅଜୟ କୁମାର ମହାପାତ୍ର ,ପଶ୍ଚିମବାଡ଼ି ସରପଞ୍ଚଶମ୍ଭୁନାଥ ଜେନା, ବାଇଗଣ ବାଡ଼ିଆ ପଞ୍ଚାୟତପ୍ରମୁଖ ରବୀନ୍ଦ୍ରନାଥ ଗିରି ,ସତ୍ୟ ରଞ୍ଜନ ରଣା , ଯୁବ ମୋର୍ଚ୍ଚା ନେତା ବାସୁଦେବ ହୁଇ , ପୁଷ୍ପଲତା ରଣା ପ୍ରମୁଖ ନେତୃବୃନ୍ଦ ଯୋଗ ଦେଇଥିଲେ।ଏହି ଶୋଭାଯାତ୍ରାରେ ଶୀତଳ। ଠାକୁରାଣୀ ମହାବିଦ୍ୟାଳୟ ଓ ଖୁଲୁଡ଼ା ଶୀତଳ। ଠାକୁରାଣୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଯୋଗଦେଇ ଥିଲେ। କରାଯାଇଥିଲା । ଏବଂ ଉକ୍ତ ପ୍ରତିଯୋଗିତାରେ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ମଧ ମାନପତ୍ର ଦେଇ ସମ୍ମାନୀତ କରାଯାଇଥିଲା କ୍ଷ ଉତ୍କଳ ମିଡ଼ିଆ ସାମ୍ବାଦିକ ସଙ୍ଘର ସମ୍ପାଦକ ଶ୍ରୀ ମନୋଜ କୁମାର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସଙ୍ଘର ଉପଦେଷ୍ଟା ଶ୍ରୀ ସରୋଜ କୁମାର ସାହୁ, କେ. କ୍ରିଷ୍ଣାମୂର୍ତ୍ତି, ସଭ୍ୟ ଶ୍ରୀ ହରିନାରାୟଣ ଦାସ, ସନ୍ତୋଷ ଲମତା, ମହେନ୍ଦ୍ର ଜେନା ଓ ରତ୍ନାକର ନାଇକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିବା ବେଳେ ଉକ୍ତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।



## ୮୦ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ

ରାୟଗଡା,୧୩।୮ :(ମନ୍ଥନ) ଉତ୍କଳ ମିଡ଼ିଆ ସାମ୍ବାଦିକ ସଙ୍ଘ ତରଫରୁ ରାୟଗଡ ବ୍ଲକ ଅନ୍ତର୍ଗତ ଗୁମ୍ମା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ୮୦ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଉତ୍କଳ ମିଡ଼ିଆ ସାମ୍ବାଦିକ ସଙ୍ଘର ସଭାପତି ଶ୍ରୀ ଦୟାନନ୍ଦ ଖାଡ଼ଙ୍ଗାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼. ଡି. କେ. ମହାନ୍ତି ଏବଂ ରାୟଗଡ ପୌର ପରିଷଦର ପୂର୍ବତନ ଉପ – ପୌରାଧ୍ୟକ୍ଷା ତଥା ଆଇନଜୀବୀ ଶ୍ରୀମତୀ ଶୁଭ୍ରା ପଣ୍ଡା ଯୋଗ ଯୋଗଦେଇ ବିକଶିତ ରାଷ୍ଟ୍ରର ସୁସଂଗଠନ ଛାତ୍ର ସମାଜ ଉପରେ ନିର୍ଭର କରିଥାଏ କ୍ଷ ଏହି ପରିପ୍ରେକ୍ଷୀରେ କୁହାଯାଏ ଆଜିର ଶିଶୁ କାଲିର ନାଗରିକେ । ସମୟ ତାଳରେ ତ ଆମେ କାଲିର ନାଗରିକେ ହୋଇଯିବା କିନ୍ତୁ ଆଗାମୀ କାଲିର ବିକଶିତ ଭାରତ ଗଠନ ପାଇଁ ତୁମେ କଣ ଭାବିଛ କୁହ କିନ୍ତୁ ଆମେ ସମସ୍ତେ ନୀରବେ ଆମ ପାଖରେ ଉତ୍ତର ନାହିଁ କାହିଁକିନା ଆମ ଭିତରେ ରାଷ୍ଟ୍ର ପ୍ରେମର ବହ୍ନିଆଜିବି ଶୀଥିଳ କ୍ଷ ଯଦି ଶୀଥିଳ ନୁହେଁ ତାହେଲେ କାହିଁକି ସ୍ୱାମୀ ବିବେକାନନ୍ଦ କୁହନ୍ତି ଉତିଷ୍ଠ ଜାଗ୍ରତ ହୁଅ ।ଆଜି ଆଉ ଆମେ ଶୋଇ ରହିଲେ ହେବ ନାହିଁ ଆମକୁ ଆମ ଦେଶ ଗଠନରେ ସାମିଲ କରିବାକୁ ପଡିବ । ଶିକ୍ଷାର ସୁଯୋଗ ଅଛି, ସ୍ୱାଧୀନ ମତବ୍ୟକ୍ତର ଅଧିକାର ଅଛି । ତୁମେ ଆବିଷ୍କାର ଉଦ୍ଭାବନାର ସମସ୍ତ ସୀମାକୁ ସ୍ପର୍ଶ କରିପାରିବେ । ଦେଶ ମାତୃକାର ଉନ୍ନତି ଆମର ଉନ୍ନତି ସହ ସମାନୁପାତରେ ଗତିଶୀଳ । ତେଣୁ ଦେଶର ପ୍ରସ୍ତୁତି ଆମ ଠାରୁ ହେବା ଆବଶ୍ୟକ । ଜଣେ ଛାତ୍ର ଭବିଷ୍ୟତରେ କଣ ହେବ ତାର ମୂଳଦୁଆ ଏହି ଛାତ୍ର ଜୀବନରୁ ହିଁ ନିର୍ମାଣ ହୁଏ । ତାହା ଯେତେ ସୁଦୃଢ ହେବ ଦେଶ ସେତେ ସୁଦୃଢ ହେବ କ୍ଷ ତେଣୁ ଆମକୁ ପୁସ୍ତକ କିଟ ନ ହୋଇ କୁଶଳୀ ହେବାକୁ ପଡିବ । ତାହେଲେ ଦେଶ ବିକଶିତ ହେବା ସହ ଆଗକୁ ଯାଇପାରିବ ବୋଲି ସମସ୍ତ ଅତିଥି ମତବ୍ୟକ୍ତ କରିବା ସହ ଆସ ଛାତ୍ରଛାତ୍ରୀ ଗଣ ଆମେ ଦେଶର ଗଠନ କରିବା ବିନ୍ଦୁ ବିନ୍ଦୁ ହୋଇ ସିନ୍ଧୁ ତିଆରି କରିବା ଅସୀମ ସାହସ ଧୈର୍ଯ୍ୟ ଓ ନୈତିକତାର ରଙ୍ଗରେ ନିଜକୁ ରଙ୍ଗେଇ ଭାରତ ମାଆର ନାଁ କରିବା ବୋଲି ପ୍ରକାଶ କରିଥିଲେ ।

## ଭୁଲ ଇଂଜେକସନ ଯୋଗୁଁ ଛାତ୍ରୀ ମୃତ୍ୟୁ ଘଟଣା
# ପୀଡିତାଙ୍କ ପରିବାରକୁ ଭେଟିଲା କଂଗ୍ରେସ



ଖଣ୍ଡପଡା, ୧୩।୮ :(ମନ୍ଥନ) ନୟାଗଡ ଜିଲ୍ଲା ଭାପୁର ବ୍ଲକ ଗୋଳାପୋଖରୀ ଗ୍ରାମର ଗୋପାଳ ଚନ୍ଦ୍ର ବେହେରା ଓ ବାସନ୍ତୀ ବେହେରାଙ୍କ ଝିଅ ସନ୍ତୋଷୀ ବେହେରା (୧୮) ଗତକାଲି ଭୁଲ ଇଂଜେକସନ ଯୋଗୁଁ ମୃତ୍ୟୁବରଣ କରିଛନ୍ତି। ଏଭଳି କ୍ଷେତ୍ରରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, କର୍ତ୍ତୃପକ୍ଷ ଓ ପ୍ରଶାସନକୁ ଦାୟୀ କରିଛି ଜିଲ୍ଲା କଂଗ୍ରେସ। ଆଜି ଦଳର ଏକ ପ୍ରତିନିଧିମଣ୍ଡଳୀ ଗୋଳାପୋଖରୀ ଗ୍ରାମକୁ ଯାଇ ମୃତ ଛାତ୍ରୀଙ୍କ ପରିବାରକୁ ଭେଟିଛନ୍ତି। ଏଥିସହିତ ଘଟଣାର ବିଚାର ବିଭାଗୀୟ ତଦନ୍ତ ଏବଂ ମଣିଷ ମରା ଡାକ୍ତରର ଗିରଫ ଦାବି କରିଛନ୍ତି। ମିଳିଥିବା ସୂଚନା ମୁତାବକ ଆଜି ଅପରାହ୍ନରେ ନୟାଗଡ ଜିଲ୍ଲା କଂଗ୍ରେସ ସଭାପତି ଆଇନଜୀବୀ ରଣଜିତ ଦାଶଙ୍କ ନେତୃତ୍ୱରେ ଟିମ ଛାତ୍ରୀଙ୍କ ପରିବାରକୁ ଭେଟିବା ସହିତ ଗତକାଲି ଘଟିଥିବା ଘଟଣା ବାବଦରେ ବିସ୍ତୃତ ଭାବେ ପଚାରି ବୁଝିଥିଲେ। ଗତକାଲି ସକାଳେ ଭାଇ ସିଦ୍ଧାର୍ଥ ବେହେରା ସହିତ ମୃତ ଛାତ୍ରୀ ମୁଣ୍ଡ ବୁଲାଇବାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜରୁରୀକାଳୀନ କକ୍ଷରେ ଥିବା ଡାକ୍ତରଙ୍କୁ ଦେଖାଇଥିଲେ। ତେବେ ସେଠାରେ କାର୍ଯ୍ୟରତ ଡାକ୍ତର ଅଶୋକ କୁମାର ମଲ୍ଲିକ ନିଶାରେ ଚୁର ଥିବାବେଳେ ବିଭିନ୍ନ ଇଂଜେକସନ ଓ ସାଲାଇନ ଲେଖିଥିଲେ। ଡାକ୍ତରଙ୍କ ଇଂଜେକସନ ଓ ସାଲାଇନ ଛାତ୍ରୀଙ୍କୁ ଦିଆଯାଇଥିବା ବେଳେ ମାତ୍ର କେଇ ମୂହୁର୍ତ୍ତରେ ସନ୍ତୋଷୀ ଛଟପଟ ହେବା ସହ ଶେଷ ନିଃଶ୍ୱାଶ ନେଇଥିବା ପରିବାରବର୍ଗ କୁହନ୍ତି। ଏଭଳି ଚରମ ଅବହେଳାକୁ ନେଇ କଂଗ୍ରେସ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗକୁ ନିନ୍ଦା କରିବା ସହିତ ତଦନ୍ତ ଦାବି କରିଛି। ଏଥିସହିତ ଚିକିତ୍ସା ଅବହେଳା ଯୋଗୁଁ ଛାତ୍ରୀଙ୍କ ମୃତ୍ୟୁ ହୋଇଥିବାରୁ ରାଜ୍ୟ ସରକାର ପୀଡିତାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି। ପରେ ଶ୍ରୀ ଭାପୁର ଫାଣ୍ଡି ଅଧିକାରୀଙ୍କୁ ଭେଟିବା ସହିତ ମଣିଷ ମରା ଡାକ୍ତର ଶ୍ରୀ ମଲ୍ଲିକଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। ଜିଲ୍ଲା ସଭାପତି ଶ୍ରୀ ଦାଶଙ୍କ ନେତୃତ୍ୱରେ ଖଣ୍ଡପଡ଼ା ନଗର କଂଗ୍ରେସ ସଭାପତି ସନ୍ତୋଷ କୁମାର ସାହୁ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ଶିବ ରଞ୍ଜନ ସାହୁ, ଓ ସତ୍ୟନାରାୟଣ ସୁରଜଗଦେବ, ପ୍ରଦୀପ କୁମାର ପ୍ରଧାନ,ଓମ ପ୍ରକାଶ ପ୍ରଧାନ, ଶାଶ୍ୱତ ପ୍ରଧାନ ପ୍ରମୁଖ ସାମିଲ ଥିବାବେଳେ ମୃତ ଛାତ୍ରଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇଥିଲେ।

## ଶିଶୁ ମନ୍ଦିର ଓ ପିପୁଲ୍ସ କଲେଜରେ ନିଶା ମୁକ୍ତି ଅଭିଯାନ କାର୍ଯ୍ୟକ୍ରମ

ବୁଗୁଡା,୧୩।୮ :(ମନ୍ଥନ)ରାଜସ୍ଥାନର ମାଉଣ୍ଟ ଆବୁରେ ଅବସ୍ଥିତ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ପ୍ରକାଶ ମଣି ଦାଦିଙ୍କ ସ୍ମୃତିରେ ବିଶ୍ୱ ବନ୍ଧୁତ୍ୱ ଦିବସ ଅବସରରେ ଆରମ୍ଭ ହୋଇ ଆସନ୍ତା ଅଗଷ୍ଟ ୨୦ ପର୍ଯ୍ୟନ୍ତ ଚାଲିବାକୁଥିବା ନିଶା ମୁକ୍ତି ପ୍ରତିଜ୍ଞା ମହାଅଭିଯାନ ପ୍ରରିପ୍ରେକ୍ଷୀରେ ଆଜି ସ୍ଥାନୀୟ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରଥମେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଏବଂ ତାହା ପରେ ପିପୁଲ୍ସ କଲେଜରେ ନିଶାମୁକ୍ତି ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିଶୁ ମନ୍ଦିରରେ ପରିଚାଳନା କମିଟି ସଭାପତି ପ୍ରମୋଦ ଚନ୍ଦ୍ର ସେନାପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ନିଶା ମୁକ୍ତି ଅଭିଯାନ କାର୍ଯ୍ୟକ୍ରମରରେ ବ୍ରହ୍ମାକୁମାରୀ ବନିତା, ସୁମିତ୍ରା ଓ ଭାଗ୍ୟଲତାଙ୍କ ସମେତ ପ୍ରଧାନାଚାର୍ଯ୍ୟ ଚଣ୍ଡି ପ୍ରସାଦ ବେହେରା, କୋଷାଧକ୍ଷ ତ୍ରିଲୋଚନ ସାହୁ ଓ ପ୍ରାକ୍ତନ ସମ୍ପାଦକ ରମେଶ ଚନ୍ଦ୍ର ଆଲଟିଆ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କାଳରେ ନିଶା ମୁକ୍ତ ସମାଜ ଗଠନର ଆବଶ୍ୟକତା ସହ ନିଶା ନିବାରଣର ମାର୍ଗ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥି ସହ କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ ଏବଂ ବ୍ୟକ୍ତିଗଣ ନିଶା ମୁକ୍ତ ଅଭିଯାନରେ ସାମିଲ ପାଇଁ ସାମୁହିକ ସଂକଳ୍ପବଦ୍ଧ ହୋଇଥିଲେ। ସେହିପରି ପିପୁଲ୍ସ କଲେଜରେ ମଧ୍ୟ ଅନରୂପ ଭାବେ ନିଶା ମୁକ୍ତି ଅଭିଯାନ କାର୍ଯ୍ୟକ୍ରମ ଅଧ୍ୟକ୍ଷ ଭଗବାନ ଶତପଥୀ, ଉପାଧ୍ୟକ୍ଷ ହରିକୃଷ୍ଣ ନାୟକ ଓ ଅଧ୍ୟାପକ ଡ. ପ୍ରଦୀପ କୁମାର ଦାଶ, ବ୍ରହ୍ମାକୁମାରୀ ବିଷ୍ଣୁପ୍ରିୟା, ଭାଗ୍ୟଲକ୍ଷ୍ମୀଙ୍କ ସମେତ ଛାତ୍ରଛାତ୍ରୀ ଉପସ୍ଥିତ ରହି ନିଶା ମୁକ୍ତି ନିମନ୍ତେ ସାମୁହିକ ଶପଥ ପାଠ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ଅବସରରେ ସ୍ଥାନୀୟ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶିକ୍ଷାନୁଷ୍ଠାନ ଦ୍ୱୟକୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।



# ହର ହର ତ୍ରିରଙ୍ଗା ଘର ଘର ତ୍ରିରଙ୍ଗା ଶୁଭାରମ୍ଭ କଲେ ବିଧାୟକ

ଗଞ୍ଜାମ, ୧୩।୮ :(ମନ୍ଥନ)ଗଞ୍ଜାମ ବ୍ଲକ ପ୍ରଶାସନ ଏବଂ ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ମିଳିତ ଭାବେ ହର ହର ତ୍ରିରଙ୍ଗା ଘର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମ ରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ ।ବ୍ଲକ ଅଧକ୍ଷା ଶର୍ମିଷ୍ଠା ପ୍ରଧାନ,ଏନଏସି ଅଧକ୍ଷା ପ୍ରତିଭା ପାଢ଼ୀ, ବିଡିଓ ଅଚ୍ୟୁତାନନ୍ଦ ଯାନୀ,ଇଓ ଅପର୍ଣ୍ଣା ଡାଙ୍ଗୁଆ,ପ୍ରମୁଖ ଏହି ଶୋଭାଯାତ୍ରା ରେ ସାମିଲ ହୋଇଥିଲେ । ଏନଏସି ଅସ୍ଥାୟୀ କାର୍ଯ୍ୟଳୟ ଠାରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲେ । ବ୍ଲକ ର ସମସ୍ତ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠି ,ଭାଜପା ଏନଏସି ମଣ୍ଡଳ ସଭାପତି ଭଗବାନ ପ୍ରଧାନ, ଏନଏସି ସିଓ ଅଞ୍ଜଳି ପାଢ଼ୀ, ଭାରତୀ ବିଦ୍ୟାପୀଠ କ୍ରୀଡା ଶିକ୍ଷକ ପ୍ରୀତି ରଞ୍ଜନ ପ୍ରଧାନ, ବରିଷ୍ଠ ନାଗରିକ ବିନୋଦ ମହାପାତ୍ର, ଗୌରୀ ଶଙ୍କର ପାଢ଼ୀ କନ୍ଧ ବେହେରା ,ଭାରତୀ ବିଦ୍ୟାପୀଠ ସ୍କୁଲ ଛାତ୍ରୀ ଛାତ୍ର, ବାଳିକା ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ ଏନସିସି ଛାତ୍ରୀ ଛାତ୍ର ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ । ବିଧାୟକ ନାୟକ ତ୍ରିରଙ୍ଗା ପତାକା ଧରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ହର ହର ତ୍ରିରଙ୍ଗା ଘର ଘର ତ୍ରିରଙ୍ଗା ସ୍ଲୋଗାନରେ ସହର ପ୍ରକମ୍ପିତ ହୋଇଥିଲା ।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଟଙ୍କା ବଢ଼ିଲା, ମଣିଷ କମିଗଲା

ଆମେ ଆଜି ଏମିତି ଏକ ସମୟରେ ବଞ୍ଚୁଛୁ, ଯେଉଁଠି ଘର ବଡ଼ ହୋଇଛି, କିନ୍ତୁ ହୃଦୟ ଛୋଟ ହୋଇଯାଇଛି; ଆଲମାରି ଭରିଯାଇଛି, କିନ୍ତୁ ମନ ଖାଲି ହୋଇଯାଇଛି; ଆୟ ବଢ଼ିଛି, ସୁବିଧା ବଢ଼ିଛି, ଜୀବନର ଗତି ବଢ଼ିଛି, କିନ୍ତୁ ମଣିଷ ପାଇଁ ମଣିଷର ସମୟ କମିଯାଇଛି। ଏକଦିନ ଆମ ଘର ଛୋଟ ଥିଲା, କିନ୍ତୁ ସେହି ଛୋଟ ଘରେ ଅନେକ ହୃଦୟ ଏକାଠି ହସୁଥିଲେ, କାନ୍ଦୁଥିଲେ, ଖାଉଥିଲେ, ବଞ୍ଚୁଥିଲେ; ଆଜି ଘରର କୋଠରୀ ବଢ଼ିଛି, ଦ୍ୱାର ବଢ଼ିଛି, ସୁବିଧା ବଢ଼ିଛି, କିନ୍ତୁ ସେହି ଘରରେ ଏକାକୀପଣ ମଧ୍ୟ ବଢ଼ିଛି। ପୂର୍ବେ ? ସନ୍ଧ୍ୟା ହେଲେ ଘର ଅଗଣାରେ ପରିବାରର ସମସ୍ତେ ଏକାଠି ବସୁଥିଲେ, ଦିନସାରା କଥା କହୁଥିଲେ, ହସୁଥିଲେ, ଦୁଃଖ ବାଣ୍ଟୁଥିଲେ; ଆଜି ସେହି ସନ୍ଧ୍ୟାରେ ଏକେ ଘରର ଲୋକ ଭିନ୍ନ ଭିନ୍ନ କୋଠରୀରେ ବନ୍ଦ, ଏକାଠି ରହି ମଧ୍ୟ ପରସ୍ପରଠାରୁ ଦୂର। ପ୍ରଶ୍ନ ହେଉଛି—ଆମେ କ'ଣ ପାଇଲୁ ଏବଂ କ'ଣ ହରାଇଲୁ ? ଆମେ ଅର୍ଥ ରୋଜଗାର କରିବାରେ ସଫଳ ହେଲୁ, କିନ୍ତୁ ସମ୍ପର୍କ ସଞ୍ଚୟ କରିବାରେ କାହିଁକି ବିଫଳ ହେଲୁ ? ଆମେ ଘରକୁ ଆଲୋକରେ ଭରିଦେଲୁ, କିନ୍ତୁ ଘରର ବୃଦ୍ଧ ମାଆଙ୍କ ଆଖିର ଅନ୍ଧାରକୁ କାହିଁକି ଦେଖିପାରୁନାହୁଁ? ଆମେ ପିଲାଙ୍କ ପାଇଁ ଭଲ ପୋଷାକ, ଭଲ ଖେଳନା ଓ ସମସ୍ତ ସୁବିଧା କିଣିଦେଉଛୁ, କିନ୍ତୁ ସେମାନଙ୍କ ସହିତ ଦୁଇ ମୁହୂର୍ତ୍ତ ବସି ମନର କଥା ଶୁଣିବାକୁ କାହିଁକି ସମୟ ପାଉନାହୁଁ? ଆମେ ବାପାମାଆଙ୍କ ପାଇଁ ଔଷଧ କିଣିପାରୁଛୁ, କିନ୍ତୁ ତାଙ୍କ ପାଖରେ ବସି ତାଙ୍କ ହାତ ଧରିବାକୁ କାହିଁକି ଭୁଲିଯାଉଛୁ ? ଏହି ପ୍ରଶ୍ନର ଉତ୍ତର ଆମ ସମସ୍ତଙ୍କ ଅନ୍ତରାତ୍ମାରେ ଲୁଚିଛି। ଟଙ୍କା ଆବଶ୍ୟକ, ଏହାକୁ ଅସ୍ୱୀକାର କରିହେବ ନାହିଁ; ଅର୍ଥ ଛଡ଼ା ଜୀବନ ଅନେକ ସମୟରେ କଷ୍ଟକର ହୋଇଯାଏ। କିନ୍ତୁ ଟଙ୍କା ଯେତେବେଳେ ଜୀବନର ଆବଶ୍ୟକତାରୁ ଜୀବନର ଲକ୍ଷ୍ୟ ହୋଇଯାଏ, ସେତେବେଳେ ମଣିଷ ଧୀରେ ଧୀରେ ନିଜ ମଣିଷପଣକୁ ହରାଇବା ଆରମ୍ଭ କରେ। ଆଜି ଆମେ ପଚାରୁଛୁ—କେତେ ରୋଜଗାର କରୁଛ ? କେଉଁ ଘରେ ରହୁଛ ? କେଉଁ ଗାଡ଼ିରେ ଯାଉଛ ? କେତେ ସମ୍ପତ୍ତି ଅଛି ? କିନ୍ତୁ ବହୁତ କମ୍ ଲୋକ ପଚାରୁଛନ୍ତି—ତୁମେ ଖୁସି ଅଛ କି? ତୁମ ମାଆ ଭଲ ଅଛନ୍ତି କି? ତୁମ ବାପାଙ୍କ ମନ କେମିତି ଅଛି ? ତୁମ ପିଲା ତୁମ ସହିତ କଥା ହେବାକୁ ଚାହୁଁଛି କି ? ତୁମ ପଡ଼ ?ଶୀଙ୍କ ଘରେ ଆଜି ଚୁଲି ଜଳିଛି କି ? ଏହି ପ୍ରଶ୍ନଗୁଡ଼ିକ ଆମ ଜୀବନରୁ ହଜିଯାଉଛି। ଆମେ ଧନୀ ହେଉଛୁ, କିନ୍ତୁ ଦୟାରେ ଗରିବ ହେଉଛୁ; ଆମେ ସୁବିଧାରେ ଆଗକୁ ବଢୁଛୁ, କିନ୍ତୁ ସମ୍ପର୍କରେ ପଛକୁ ଫେରୁଛୁ। ଏକ ସମୟରେ ପଡ଼ ?ଶୀ ଘରରେ ଦୁଃଖ ହେଲେ ଆମ ଘରର ଚୁଲି ମଧ୍ୟ ଶାନ୍ତ ହୋଇଯାଉଥିଲା; ଆଜି ପାଖ ଘରରେ କେହି ଅସୁସ୍ଥ ହୋଇ ପଡ଼ିଥିଲେ ମଧ୍ୟ ଆମେ ଦ୍ୱାର ଖୋଲି ପଚାରିବାକୁ ସମୟ ପାଉନାହୁଁ। ଏହା କେବଳ ଜୀବନଶୈଳୀର ପରିବର୍ତ୍ତନ ନୁହେଁ, ଏହା ମାନବିକତାର ପରୀକ୍ଷା। ଆମ ଗାଁଗୁଡ଼ିକରେ ଏବେ ମଧ୍ୟ ଅନେକ ସରଳ ମଣିଷ ଅଛନ୍ତି, ଯେଉଁମାନେ ନିଜ ଘରେ ଅଭାବ ଥିଲେ ମଧ୍ୟ ଅତିଥିଙ୍କୁ ଖାଲି ହାତରେ ଫେରାନ୍ତି ନାହିଁ; ନିଜ ପିଲା ପାଇଁ ରଖିଥିବା ଭାତରୁ ମଧ୍ୟ ଅନ୍ୟକୁ ଦୁଇ ମୁଠା ଦେଇଦିଅନ୍ତି। ସେଠାରେ ଧନ କମ୍ ଥାଇପାରେ, କିନ୍ତୁ ମନର ସମ୍ପତ୍ତି ବହୁତ ବଡ଼। ଅନ୍ୟପଟେ ସହରର ଚକଚକିଆ ଜୀବନରେ ସବୁକିଛି ଥାଇପାରେ, କିନ୍ତୁ ପାଖରେ ବସି କଥା ହେବା ପାଇଁ ଜଣେ ମଣିଷ ନଥିବା ଦୃଶ୍ୟ ମଧ୍ୟ ଆମେ ଦେଖୁଛୁ। ବୃଦ୍ଧାବସ୍ଥା ଆଜି ଅନେକ ଘରର ନିରବ ଦୁଃଖ। ଯେଉଁ ବାପା ନିଜ ପୁଅର ହାତ ଧରି ତାକୁ ବିଦ୍ୟାଳୟକୁ ନେଇଥିଲେ, ଯେଉଁ ମାଆ ନିଜ ଭୋକ ଭୁଲି ପିଲାକୁ ଖୁଆଇଥିଲେ, ସେହି ବାପାମାଆ ଆଜି ନିଜ ପିଲାର ଗୋଟିଏ ଫୋନ୍ ପାଇଁ ଅପେକ୍ଷା କରୁଛନ୍ତି। ପୁଅ ଦୂର ସହରରେ ରୋଜଗାର କରୁଛି, ଝିଅ ଦୂର ଘରେ ନିଜ ସଂସାରରେ ବ୍ୟସ୍ତ, ଘରର ଦ୍ୱାର ଖୋଲା ଅଛି, କିନ୍ତୁ ଘରର ମନ ଖାଲି। ମାଆ କହୁନାହାନ୍ତି ଯେ ତାଙ୍କୁ ଟଙ୍କା ଦରକାର; ସେ କେବଳ ଚାହାନ୍ତି ପୁଅ ଦିନେ ଥରେ ପଚାରୁ—"ମାଆ, ଖାଇଲୁ କି ?" ବାପା କହୁନାହାନ୍ତି ଯେ ତାଙ୍କୁ ବଡ଼ ଉପହାର ଦରକାର; ସେ କେବଳ ଚାହାନ୍ତି ପୁଅ ତାଙ୍କ ପାଖରେ ବସି କିଛି ସମୟ କଥା କରୁ। ଏହି ଛୋଟ ଛୋଟ ଆଶାଗୁଡ଼ିକ ଯଦି ଆମ ପାଖରେ ବଡ଼ ଲାଗୁଛି, ତେବେ ଆମେ କେଉଁ ଦିଗକୁ ଯାଉଛୁ? ଆଜିର ପିଲାମାନେ ମଧ୍ୟ ଏକ ଅଦୃଶ୍ୟ ଏକାକୀପଣରେ ବଢୁଛନ୍ତି। ମାଆବାପା କାମରେ ବ୍ୟସ୍ତ, ଘରେ କଥାବାର୍ତ୍ତା କମ୍, ପରିବାରୀକ ସମୟ କମ୍, ତାଙ୍କ ମନର କଥା ଶୁଣିବାକୁ କେହି ନାହିଁ। ଆମେ ପିଲାଙ୍କ ହାତରେ ଅନେକ ଜିନିଷ ଦେଇପାରୁଛୁ, କିନ୍ତୁ ଯଦି ଆମେ ତାଙ୍କୁ ନିଜ ସମୟ ନଦେବା, ତେବେ ସେମାନଙ୍କ ଶୈଶବରେ ଏକ ଖାଲି ସ୍ଥାନ ରହିଯିବ। ଜଣେ ପିଲା ବଡ଼ ହୋଇ ଯଦି ମନେ ପକାଏ ଯେ ତାଙ୍କ ମାଆବାପା ତାଙ୍କ ପାଇଁ ସବୁକିଛି କିଣିଥିଲେ, କିନ୍ତୁ ତାଙ୍କ ସହିତ ବସି କଥା କହିନଥିଲେ, ତେବେ ସେହି ସ୍ମୃତି କେତେ ମୂଲ୍ୟବାନ ହେବ ? ଆମେ ମନେ ରଖିବା ଦରକାର—ପିଲାମାନେ ଆମର ସମ୍ପତ୍ତି ନୁହନ୍ତି, ସେମାନେ ଆମର ଦାୟିତ୍ୱ। ସେମାନଙ୍କୁ କେବଳ ସୁବିଧା ନୁହେଁ, ସ୍ନେହ ଦରକାର; କେବଳ ଶିକ୍ଷା ନୁହେଁ, ମାନବିକତା ଦରକାର; କେବଳ ସଫଳତା ନୁହେଁ, ବିଫଳ ହେଲେ ମୁଣ୍ଡ ରଖିବାକୁ ଗୋଟିଏ କାନ୍ଧ ଦରକାର। ସମାଜରେ ଧନର ମୂଲ୍ୟ ଅଛି, କିନ୍ତୁ ମଣିଷର ମୂଲ୍ୟ ତାଠାରୁ ବଡ଼। ଜଣେ ଗରିବ ଶ୍ରମିକ ନିଜ ଦିନର ରୋଜଗାରରୁ ଭୋକିଲା ଅଜଣା ମଣିଷକୁ ଖାଇବାକୁ ଦେଲେ, ସେହି ଦାନର ମୂଲ୍ୟ ଟଙ୍କାରେ ମାପିହେବ ନାହିଁ। ଜଣେ ଚାଷୀ ନିଜ ଜମିରେ ଦିନସାରା ଝାଳ ଝରାଇ ଦେଶର ଲୋକଙ୍କ ଥାଳିକୁ ଭାତ ଦିଅନ୍ତି; ତାଙ୍କ ହାତର ମାଟି ଆମ ଜୀବନର ଆଧାର। ଜଣେ ଘରୋଇ ସହାୟିକା ନିଜ ପରିବାରର ଭୋକ ମେଣ୍ଟାଇବା ପାଇଁ ଅନ୍ୟ ଘରକୁ ସକାଳୁ ଯାଆନ୍ତି; ତାଙ୍କ ପରିଶ୍ରମକୁ ସମ୍ମାନ ଦେବା ମଧ୍ୟ ମାନବିକତା। ଜଣେ ରାସ୍ତାକଡ଼ର ବୃଦ୍ଧ ନିଜ ଜୀବନର ଶେଷ ପର୍ଯ୍ୟାୟରେ ସାହାଯ୍ୟ ଆଶା କରୁଛନ୍ତି; ତାଙ୍କୁ ଅବହେଳା କରି ଆମେ ନିଜକୁ କେତେ ଆଧୁନିକ କହିପାରିବା ? ସମାଜର ପ୍ରକୃତ ଉନ୍ନତି ସେତେବେଳେ ହେବ, ଯେତେବେଳେ ଆମେ ସବୁଠାରୁ ଦୁର୍ବଳ ମଣିଷର ହାତ ଧରିବା। ଆଜି ଆମେ ଅନେକ କଥାରେ ଗର୍ବ କରୁଛୁ—ନୂଆ ରାସ୍ତା, ନୂଆ ଘର, ନୂଆ ସୁବିଧା, ନୂଆ ସଫଳତା; କିନ୍ତୁ ଏକ ସମାଜର ପ୍ରକୃତ ଉନ୍ନତିର ମାପ ହେଉଛି ତାହାର ମଣିଷମାନେ କେତେ ସୁରକ୍ଷିତ, କେତେ ସମ୍ମାନିତ ଓ କେତେ ଭଲପାଇବା ପାଉଛନ୍ତି। ଆମ ଘରରେ ଯଦି ବୃଦ୍ଧ ମାଆ ଏକାକୀ କାନ୍ଦୁଛନ୍ତି, ତେବେ ଘର କେତେ ବଡ଼ ହେଲେ ମଧ୍ୟ ତାହା ଖୁସିର ଘର ନୁହେଁ। ଆମ ପିଲା ଯଦି ନିଜ ମନର କଥା କହିବାକୁ ଭୟ କରୁଛି, ତେବେ ଆମର ଶିକ୍ଷା ଓ ସଫଳତା ଅଧୂରା। ଆମ ପଡ଼ ?ଶୀ ଯଦି ଭୋକରେ ଶୋଇଛନ୍ତି ଏବଂ ଆମେ ଖାଦ୍ୟ ନଷ୍ଟ କରୁଛୁ, ତେବେ ଆମର ସମୃଦ୍ଧି ମଧ୍ୟ ପ୍ରଶ୍ନର ସମ୍ମୁଖୀନ।

# ୮୦ତମ ସ୍ୱାଧୀନତା ଦିବସ ଓ ଆମ ଜାତୀୟ ଗୌରବର ତିନି ପ୍ରତୀକ

**ଅଲେଖ ଚନ୍ଦ୍ର ସାମଲ**

ପ୍ରତି ସ୍ୱାଧୀନ ରାଷ୍ଟ୍ରର ସାର୍ବଭୌମତ୍ୱର ବିଶେଷ ପରିଚୟ ବହନ କରେ ଏହାର ଜାତୀୟ ପତାକା, ଜାତୀୟ ସଂଗୀତ ଓ ଜାତୀୟ ସଙ୍କେତ। ଏହା ବିଭିନ୍ନ ଅନ୍ତର୍ଜାତୀୟ ସମାବେଶରେ ନିଜ ଦେଶର ପରିଚୟ ଓ ଅସ୍ତିତ୍ୱ ପ୍ରଦାନ କରିଥାଏ। ଏଥିରେ ନିହିତ ଥାଏ ଦେଶର ସଂସ୍କୃତି, ଇତିହାସ ଓ ଶାସନତନ୍ତ୍ରର ଗୌରବ ଗାଥା। କେବଳ ସେତିକି ନୁହେଁ ଜାତୀୟ ପତାକା, ଜାତୀୟ ସଙ୍ଗୀତ ଓ ଜାତୀୟ ସଙ୍କେତ ରାଷ୍ଟ୍ରର ଲୋକ ସଂସ୍କୃତି, ଇତିହାସ ଓ ମୂଲ୍ୟବୋଧ ବହନ କରୁଥିବାରୁ ଦେଶବାସୀଙ୍କୁ ଏକତା ସୂତ୍ରରେ ବାନ୍ଧିବା ସହ ଦେଶପ୍ରିତୀ ଓ ଜାତୀୟ ଗୌରବ ବୋଧକୁ ପ୍ରଜ୍ୱଳିତ କରିଥାଏ।

ଜାତୀୟ ପତାକାର ଇତିହାସ : ଆମ ଦେଶର ପ୍ରଥମ ଜାତୀୟ ପତାକା ୧୯୦୬ ଅଗଷ୍ଟ ୭ ତାରିଖରେ କୋଲକାତାର ପାର୍ସି ବାଗାନ ଛକ (ଗ୍ରୀନ୍ ପାର୍କ)ରେ ଉତ୍ତୋଳନ କରାଯାଇଥିଲା । ଏହି ପତାକାରେ ଥିଲା ନାଲି, ହଳଦିଆ ଓ ସବୁଜ ରଙ୍ଗର ଭୂସମାନ୍ତର ପଟି । ଦ୍ୱିତୀୟ ପତାକାଟି ପ୍ରଥମ ପତାକା ଭଳି ହୋଇଥିଲେ ହେଁ ଉପର ପଟି ଉପରେ ସପ୍ତର୍ଷି ଭଳି ସାତଟି ତାରା ଚିହ୍ନ ରହିଥିଲା । ଏହାକୁ ପ୍ରଥମ ଥର ପ୍ୟାରିସ୍‌ରେ ଉତ୍ତୋଳନ କରାଯାଇଥିଲା ଓ ବର୍ଲିନରେ ଏକ ସମାଜବାଦୀ ସମ୍ମିଳନୀରେ ପ୍ରଦର୍ଶନ କରାଯାଇଥିଲା । ଭାରତର ତୃତୀୟ ପତାକାଟି ୧୯୧୭ ମସିହାରେ ସ୍ୱରାଜ ଆନ୍ଦୋଳନ ସମୟରେ ଡକ୍ଟର ଆନି ବେସାନ୍ତ ଓ ଲୋକମାନ୍ୟ ବାଳ ଗଙ୍ଗାଧର ତିଳକଙ୍କ ଦ୍ୱାରା ପ୍ରଥମେ ଉତ୍ତୋଳନ କରାଯାଇଥିଲା । ଏଥିରେ ପାଞ୍ଚଟି ନାଲି ରଙ୍ଗ ଓ ଚାରିଟି ସବୁଜ ରଙ୍ଗର ପଟି ଭୂସମାନ୍ତର ଭାବେ ରହିଥିଲା । ଏହା ଉପରେ ସାତଟି ତାରକା ଚିହ୍ନ ସପ୍ତର୍ଷି ମଣ୍ଡଳ ପରି ଅଙ୍କା ଯାଇଥିଲା । ଉପରେ ବାମ କୋଣରେ ୟୁନିଅନ୍ ଜ୍ୟାକ୍ ଚିହ୍ନ ଥିବାବେଳେ ଡାହାଣ ପଟେ ଧଳାର ଅର୍ଦ୍ଧଚନ୍ଦ୍ରରେ ତାରା ଚିହ୍ନ ଥିଲା । ଏହାପରେ ୧୯୨୧ ମସିହା ବିଜ୍ୱାଡ଼ା (ବର୍ତ୍ତମାନର ବିଜୟୱାଡ଼ା ନାମରେ ପରିଚିତ) ଠାରେ ସର୍ବଭାରତୀୟ କଂଗ୍ରେସ କମିଟି ସମ୍ମିଳନୀରେ ଆନ୍ଧ୍ରରେ ଜଣେ ଯୁବକ ଗୋଟିଏ ଜାତୀୟ ପତାକା ତିଆରି କରି ଗାନ୍ଧିଜୀଙ୍କୁ ଦେଇଥିଲେ । ଏଥିରେ ଥିଲା ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ପ୍ରତୀକ ନାଲି ତଥା ସବୁଜ ରଙ୍ଗର ପଟି । ଏହାପରେ ଭାରତରେ ବାସ କରୁଥିବା ଅନ୍ୟାନ୍ୟ ସମସ୍ତ ସମ୍ପ୍ରଦାୟର ପ୍ରତୀକ ଭାବେ ଗାନ୍ଧିଜୀ ଏହାର ମଝିରେ ଧଳା ପଟି ଓ ଜାତୀୟ ପ୍ରଗତିର ଚିତ୍ର ଆଙ୍କିବାକୁ ପ୍ରସ୍ତାବ ଦେଇଥିଲେ । ୧୯୩୧ ମସିହାରେ ଜାତୀୟ ପତାକାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରାଯାଇଥିଲା । ଏକ ତ୍ରିରଙ୍ଗା ପତାକାକୁ ଆମର ଜାତୀୟ ପତାକା ଭାବେ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଗଲା । ଏହି ପତାକାରେ ଥିଲା କେଶର, ଧଳା ଓ ସବୁଜ ରଙ୍ଗର ପଟି ସହ ମଝିରେ ଏକ ଅରଟ ଚିତ୍ର । ପରିଶେଷରେ ୧୯୪୭ ମସିହା ଜୁଲାଇ ୨୨ ତାରିଖରେ ଅରଟ ଚିହ୍ନ ଥିବା ଏହି ତ୍ରିରଙ୍ଗା ପତାକାକୁ ଭାରତୀୟ ସାମ୍ବିଧାନିକ ସଭା ସ୍ୱାଧୀନ ଭାରତର ଜାତୀୟ ପତାକା ଭାବେ ସ୍ୱୀକୃତି ଦେଇଥିଲେ । ଦେଶ ସ୍ୱାଧୀନ ହେବା ପରେ ମଧ୍ୟ ଏହି ତ୍ରିରଙ୍ଗା ପତାକା ହେଲା ଜାତୀୟ ପତାକା । କେବଳ ମଝିରେ ଅରଟ ଚିହ୍ନ ପରିବର୍ତ୍ତେ ରହିଲା ଅଶୋକ ଚକ୍ର । ଏହି ତ୍ରିରଙ୍ଗା ପତାକା ବର୍ତ୍ତମାନ ଆମ ଦେଶର ଜାତୀୟ ପତାକା ଓ ଆମ ସ୍ୱାଧୀନତାର ପରିଚୟ । ତିନି ରଙ୍ଗର ମହତ୍ତ୍ୱ : ଏହି ତ୍ରିରଙ୍ଗା କେବଳ ତିନିଟି ରଙ୍ଗ ନୁହେଁ । ଏହି ତିନିଟି ରଙ୍ଗ ଆମ ଦେଶର ତିନି ଶକ୍ତି । କେଶର ରଙ୍ଗ ହେଉଛି ଆମ ଦେଶର ଶକ୍ତି ଓ ସାହାସର ପ୍ରତୀକ, ଧଳା ରଙ୍ଗ ଶାନ୍ତି ଓ ସତ୍ୟର ଚିହ୍ନ ଓ ସବୁଜ ରଙ୍ଗ ଆମ ମାଟିର ସବୁଜିମା ବୃଦ୍ଧି, ଉର୍ବରତା ଓ ସଫଳତାକୁ ସୂଚାଏ । ଅଶୋକ ଚକ୍ର ହେଉଛି ନ୍ୟାୟ ଓ ଧର୍ମର ଚକ୍ର ବା ପ୍ରତୀକ । ଦେଶ ସ୍ୱାଧୀନ ହେବାର କିଛି ବର୍ଷ ପରେ ଆମ ଭାରତୀୟ ସମ୍ବିଧାନ ପ୍ରତ୍ୟେକ କାର୍ଯ୍ୟାଳୟ, ଘର, ଶିକ୍ଷାନୁଷ୍ଠାନମାନଙ୍କରେ ପତାକା ଉତ୍ତୋଳନ କରାଯାଇପାରିବ ବୋଲି ସ୍ୱୀକୃତି ଦେଇଥିଲେ ।

ଆମ ତ୍ରିରଙ୍ଗା : ଜାତୀୟ ପତାକା ପ୍ରତ୍ୟେକ ସାର୍ବଭୌମ ସ୍ୱାଧୀନ ରାଷ୍ଟ୍ରର ପ୍ରତୀକ, ରାଷ୍ଟ୍ର ମର୍ଯ୍ୟାଦାର ପରିଚୟ । ଶୌର୍ଯ୍ୟ, ଆକାଂକ୍ଷା ଓ ମୁକ୍ତଚେତନାର ପ୍ରତୀକ ଆମ ଦେଶର ଜାତୀୟ ପତାକାଟିକୁ ତିଆରି କରିଛନ୍ତି ପିଙ୍ଗାଳି ଭେଙ୍କେୟାନନ୍ଦ ଓ ଭାରତର ସ୍ୱାଧୀନ ହେବାର କିଛି ଦିନ ପରେ ଅର୍ଥାତ୍ ୧୯୪୭ ଜୁଲାଇ ୨୨ ତାରିଖରେ ଏହାକୁ ଆମ ଭାରତୀୟ ସମ୍ବିଧାନ ଦେଇଛି ସ୍ୱୀକୃତି । କେଶର, ଧଳା ଓ ସବୁଜ – ଏହି ତିନିଟି ରଙ୍ଗର ସମୀକରଣ ଥିବା ଭୂସମାନ୍ତର ତ୍ରିରଙ୍ଗା ପତାକା ଓ ପତାକା ମଝିରେ ଥିବା ଗୋଟିଏ ଅଶୋକ ଚକ୍ର ହେଉଛି ଭାରତୀୟ ଜାତୀୟ ପତାକା ।

ଆମ ଜାତୀୟ ପତାକା ତ୍ରିରଙ୍ଗାର ଉପର ଅଂଶ ଗାଢ଼ ନାରଙ୍ଗୀ ଓ ତଳ ଗାଢ଼ ସବୁଜ ଏବଂ ମଝିରେ ଘନ ନୀଳ ଚକ୍ର ଶୋଭିତ ଧଳା ପଟି, ନାରଙ୍ଗୀ ସାମର୍ଥ୍ୟ ଓ ସାହାସ, ଧର୍ମଚକ୍ର ଓ ଧଳା ଶାନ୍ତି ଏବଂ ସତ୍ୟ, ସବୁଜ ଭୂଖଣ୍ଡର ଉର୍ବରତା, ଅଭିବୃଦ୍ଧି ଓ ପବିତ୍ରତାର ପ୍ରତୀକ। ସେହିପରି ଜାତୀୟ ସଙ୍କେତରେ ଅଶୋକ ସ୍ତମ୍ଭର ତ୍ରିଶିଙ୍ଗ ହେଉଛି ଆମ ଜାତୀୟ ସଙ୍କେତ ଯାହା ଏକ ସ୍ୱାଧୀନ ରାଷ୍ଟ୍ରର ଶାସନତନ୍ତ୍ରର ପ୍ରତୀକ। ଭାରତୀୟ ଜାତୀୟ ସଙ୍କେତରେ ରହିଛି ତିନୋଟି ସିଂହ, ଦକ୍ଷିଣରେ ଅଶ୍ୱ, ବାମରେ ବୃଷଭ ଓ ମଝିରେ ଗୋଟିଏ ଚକ୍ର। ବୃଷଭ କଠିନ ଶ୍ରମ ଓ କର୍ତ୍ତବ୍ୟନିଷ୍ଠତା ଏବଂ ଅଶ୍ୱ ଆନୁଗତ୍ୟ, କ୍ଷୀପ୍ରତା ଓ ଶୌର୍ଯ୍ୟର ସଙ୍କେତ। ତିନୋଟି ସିଂହ ଶାନ୍ତି, ନ୍ୟାୟ ଓ ସହନଶୀଳତାର ପ୍ରତୀକ। ଦେବନାଗରୀ ଲିପିରେ ଲିଖିତ ମୁଣ୍ଡକ ଉପନିଷଦ ତଥା ବେଦର ଶେଷ ପଂକ୍ତି 'ସତ୍ୟମେବ ଜୟତେ' ଅର୍ଥାତ୍ ସତ୍ୟର ହିଁ ବିଜୟ ହୁଏ। ଭାରତର ଜାତୀୟ ସଙ୍ଗୀତ ଜନଗଣମନ ଅଧିନାୟକକୁ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ଲେଖିଥିଲେ। ୧୯୧୧ଡିସେମ୍ବର ୧୧ରେ ଲିଖିତ ଏହାର ଅନ୍ତଃସ୍ୱରଟି ଭାରତର ସାଂସ୍କୃତିକ, ଐତିହ୍ୟର ମୂଳପିଣ୍ଡ ବିବିଧତା ମଧ୍ୟରେ ଏକତା ଭାବଧାରା ଉପରେ ଆଧାରିତ। ୧୯୫୦ ଜାନୁଆରୀ ୨୪ ତାରିଖ ଦିନ ସମ୍ବିଧାନ ସଭା ଜନଗଣମନ ଭାରତର ଜାତୀୟ ସଙ୍ଗୀତ ବୋଲି ଆନୁଷ୍ଠାନିକ ଭାବେ ଘୋଷଣା ହୋଇଥିଲା। ଭାରତର ୭୯ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଥିବାବେଳେ ସମଗ୍ର ଦେଶବାସୀଙ୍କୁ ମୋର ଅଭିନନ୍ଦନ।

ପୂର୍ବତନ ଡିଏଫଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୭୧୨୩

# ବୋଲବମ୍ ଓ ନିଶା

**ଡାକ୍ତର ସମ୍ରାଟ କର**

ବର୍ତ୍ତମାନ ଶ୍ରାବଣ ମାସରେ ମାନସିକଧାରୀ, ଶିବ ଭକ୍ତ, ନିଜ ସଂକଳ୍ପ, ମାନସିକ ପ୍ରାର୍ଥନା ଜଣାଇବା ପାଇଁ ବୋଲବମ୍ ଯାତ୍ରାରେ ଯାଉଛନ୍ତି। ଭକ୍ତି ସମର୍ପଣର ଏକ କଷ୍ଟକର ନୈବେଦ୍ୟ କମ ବଡ଼ କଥା ନୁହେଁ। ତେବେ ଅନେକ କ୍ଷେତ୍ରରେ ଦେଖାଯାଉଛି ତଥା ବିଭିନ୍ନ ଫଟୋ ସବୁ ପ୍ରଦର୍ଶିତ ହେଉଛି ଯାହା ବୋଲବମ୍ ଯାତ୍ରାରେ ଯାଉଥିବା କାଉଡିଆମାନେ ବିଭିନ୍ନ ପ୍ରକାର ନିଶା ସେବନ କରୁଛନ୍ତି। କେତେକ କ୍ଷେତ୍ରରେ ବାଟରେ ହିଁ ସେମାନଙ୍କ ଜୀବନ ଚାଲିଯାଉଛି ଏବଂ ନିଶାଗ୍ରସ୍ତ ପ୍ରେମୀଯୁଗଳଙ୍କ ଅନୈତିକ କାର୍ଯ୍ୟ ମଧ୍ୟ ଗଣମାଧ୍ୟମରେ ପ୍ରକାଶ ପାଇଛି। ତେବେ ପ୍ରଶ୍ନ ଉଠୁଛି ବୋଲବମ ଯାତ୍ରା ସମୟରେ ସେମାନେ ଏପରି ନିଶା ସବୁ କାହିଁକି ବ୍ୟବହାର କରନ୍ତି। ଶିବ ଭକ୍ତ ହୋଇଥିବାରୁ, କେହି କେହି ଗଞ୍ଜେଇ ଶିବଙ୍କ ପ୍ରସାଦ କହି ଗ୍ରହଣ କରନ୍ତି। ଏହି ବାହାନାରେ ଭାଙ୍ଗ ପରେ ମଦ, ଏପରିକି ବଟିକା ଓ ଡ୍ରଗ୍ସ ମଧ୍ୟ ବ୍ୟବହାର ହେଲାଣି। ଏସବୁ ପଛରେ ଗୋଟିଏ କଥା ଏକ ଲମ୍ବା ପଥରେ ଯାତ୍ରା କରିବାକୁ ଥିବାରୁ ଦୀର୍ଘ କଷ୍ଟ ଜନିତ କାରଣ ବାହାନାରେ କେହିକେହି ଭାଙ୍ଗ ବା ଗଞ୍ଜେଇର ସାହାରା ନେଇ ପାରନ୍ତି। କିନ୍ତୁ ବିଜ୍ଞାନ ସମ୍ମତ ଏହାର କିଛି କାରଣ ନଥାଏ। କାରଣ ଆମ ଶରୀରରେ ଥିବା ଜୀବକୋଷଗୁଡ଼ିକ ସମାନ ଫଳ ଦେଖାଇବା ପାଇଁ ପ୍ରତିଥର ଅଧିକ ନିଶା ମାତ୍ରା ଦରକାର କରିଥାନ୍ତି । ଏହାକୁ ଜୀବକୋଷଗୁଡ଼ିକର 'ନିଶା ଆସକ୍ତି ଭାବ' କୁହାଯାଏ । କେତେକ ନିଶା ଅଛି, ଯାହାକୁ ଥରଟିଏ ବ୍ୟବହାର କଲେ ମଧ୍ୟ ଜୀବକୋଷରେ ଆସକ୍ତିଭାବ ସୃଷ୍ଟି ହୋଇଥାଏ ।

ନିଶାସେବନ ଦ୍ୱାରା ମସ୍ତିଷ୍କରେ ଥିବା ସ୍ନାୟୁବିକ ରସ ଡୋପାମିନ୍, ସେରୋଟନିନ୍, ନରଆଡ୍ରେନାଲିନ୍ ଆଦିର ସାମୟିକ ବିଶୃଙ୍ଖଳା ହୁଏ । ଏହା ମସ୍ତିଷ୍କରେ ଥିବା ପୁରସ୍କାର କେନ୍ଦ୍ର ଉତ୍ତେଜିତ କରେ ଓ ମନକୁ ଆନନ୍ଦ ଦିଏ । ମାତ୍ର ଯେଉଁମାନଙ୍କର ଏହି ବିଶୃଙ୍ଖଳା ଅଧିକ ତଥା ଚିରସ୍ଥାୟୀ ହୋଇଥାଏ, ମାନସିକ ସମସ୍ୟା ବାହାରେ । କାଉଡିଆରେ ଯାଉଥିବା ଯୁବ ବର୍ଗଙ୍କ ଭିତରେ ବିଭିନ୍ନ ସମୟରେ ଯେଉଁ ହିଂସାତ୍ମକ ଘଟଣା ସବୁ ଦେଖାଯାଏ ଏହା ପଛର କାରଣ ହେଉଛି ଅତ୍ୟଧିକ ନିଶା ସେବନର ପରବର୍ତ୍ତୀ ଶାରୀରିକ ପ୍ରଭାବ। ନିଶା ବ୍ୟବହାର ଦ୍ୱାରା କେତେକ ସୁପ୍ତ ମାନସିକ ରୋଗ ଯଥା- ସିଜୋଫ୍ରେନିଆ, ମାନିଆ ଓ ମାନସିକ ବିଷାଦ ଆଦି ରୋଗ ଜାଗ୍ରତ ହୋଇପାରେ । ମନୁଷ୍ୟ ନିଜର ହିତାହିତ ଜ୍ଞାନ ହରାଇ ବସେ ଓ ସ୍ଥାନ, କାଳ ପାତ୍ରର ମର୍ଯ୍ୟାଦା ବୁଝିବାକୁ ଅକ୍ଷମ ହୋଇପଡ଼େ। ଜଣେ ଯଦି ଏହି ସମୟରେ କାଉଡିଆ ଯାତ୍ରାରେ ଯାଉଥାଏ ତେବେ ସେ ଏକ ପ୍ରକାର ପୂର୍ବ ରୋଗରେ ପ୍ରଭାବିତ ହୋଇ ତାଙ୍କର ହଠାତ୍ ମାନସିକ ବିକୃତି ଆରମ୍ଭ ହୋଇପାରେ। କୌଣସି ଅଭାବନୀୟ ଘଟଣା ମଧ୍ୟ ଏହି ବର୍ଗର ମାନସିକ ପୀଡ଼ିତଙ୍କଠାରେ ଦେଖାଯାଏ। ଦୌଡ଼ିବାକୁ ଆରମ୍ଭ କରିବା, ଅନ୍ୟ ମାନଙ୍କ ସହ ଯୁକ୍ତିତର୍କ କରିବା ହେଉଛି ପ୍ରମୁଖ କାରଣ।

ବିଭିନ୍ନ ଦାତବ୍ୟ ସଂଗଠନମାନେ ଏହି ଶିବ ଭକ୍ତଙ୍କ କଲ୍ୟାଣ ସେବା ନିମିତ୍ତ ବିଭିନ୍ନ ସେବା କାର୍ଯ୍ୟ ନିର୍ବାହ କରୁଛନ୍ତି। ସେମାନେ ଏ ସମ୍ପର୍କରେ ଯଦି ସଚେତନ କରନ୍ତେ ଏହା ଖୁବ ପ୍ରେରଣାଦାୟୀ ହୋଇପାରନ୍ତା। ନିଜ ମାନସିକ ସଂକଳ୍ପ ହେଉଛି ଏକ ମାନସିକ ଭାବନାର, ନିଜ ଇପସିତ ଇଚ୍ଛାର ପ୍ରତିରୂପ। ଜଣେ କୌଣସି ଦେବାଦେବୀଙ୍କୁ ନିଜର ସବୁକିଛି ସମର୍ପଣ କରି ଚାହୁଁଥିବା ଭାବନାର ପରିପୂରଣ ପାଇଁ ପ୍ରାର୍ଥନା କରିବା ହେଉଛି ସମସ୍ତଙ୍କର ବ୍ୟକ୍ତିଗତ ଜୀବନର ଏକ ସ୍ୱାଭାବିକ ରୂପ। ଆମ ହିନ୍ଦୁ ଆଧ୍ୟାତ୍ମିକ ଚେତନାରେ ବିଶେଷକରି ଦିନକୁ ଦିନ ଅନେକ ଓଡ଼ିଆ ଭାଇ-ଭଉଣୀ, ବୟସ୍କ ପିଲାମାନେ ମଧ୍ୟ ଏହି ଯାତ୍ରାରେ ଅଂଶ ଗ୍ରହଣ କରୁଛନ୍ତି। ମାନସିକତାର ଏ ବହୁତ ବଡ଼ ବିଶ୍ୱାସ ଜଣକୁ ନିଜ ଜୀବନକୁ ଆହୁରି ଆଗେଇ ନେବା ପାଇଁ, କଷ୍ଟକର ମୁହୂର୍ତ୍ତକୁ ସାମ୍ନା କରିବା ପାଇଁ ଜୀବନ ସଞ୍ଜିବନୀ ପାଇବାର ଏକ ବହୁତ ବଡ଼ ବିଶ୍ୱାସର ପଥ ଯାତ୍ରା। ଏହି ପଥ ଯାତ୍ରା ଭକ୍ତି ସମର୍ପଣ, ନିଷ୍ଠା, ସାତ୍ତ୍ୱିକ ଚେତନାର ପ୍ରେରଣା ହେଉ। ନିଶା, ଅନ୍ଧବିଶ୍ୱାସ, ହିଂସାର, ଅସାମାଜିକତାର ବିରୁଦ୍ଧରେ ସଂକଳ୍ପର, ପ୍ରାର୍ଥନାର ଯାତ୍ରା ହେଉ।

ମାନସିକରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

# ସ୍ୱାଧୀନତା ଦିବସ ଉପଲକ୍ଷେ

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ଆଜି ସ୍ୱାଧୀନତା ଦିବସ। ପ୍ରତିଟି ଭାରତୀୟଙ୍କ ପାଇଁ ମୁକ୍ତି ଓ ମହାର୍ଘ୍ୟର ଦିନଟିଏ । ତେବେ ସ୍ୱାଧୀନତାର ଅର୍ଥ ନୁହେଁ, ଉପନିବେଶବାଦ ଶାସନର ଦାସତ୍ୱ ଶୃଙ୍ଖଳରୁ ମୁକ୍ତି ହେବାର ଏକ ଜାତୀୟ ପୁଲକ; ବରଂ ବ୍ୟକ୍ତି ଓ ସାମଗ୍ରିକ ବିକାଶର ଏହା ଅନ୍ୟତମ ବିଭବ ହେବା କଥା । ଯାହା ୭୯ବର୍ଷ ପରେ ମଧ୍ୟ ଆମେ ସେହି ପ୍ରଗତି, ବିକାଶର ଦିଗ୍‌ବଳୟ ଛୁଇଁବାକୁ ସକ୍ଷମ ହୋଇପାରିନି । ଏଥିପାଇଁ କେବଳ ଶାସନ, ପ୍ରଶାସନ କିମ୍ବା ରାଜନେତାଙ୍କୁ ଦୋଷ ଦେଲେ ଆମେ ଭୁଲ କରିବା । ଅନ୍ୟ କାନ୍ଧରେ ସବୁ ଦାୟିତ୍ୱ ଥୋଇଦେଇ ସହଜ ସମାଲୋଚନା କରିବା ସବୁବେଳେ ଠିକ୍ ନୁହେଁ । ଅବଶ୍ୟ ଏହା ସତ ଯେ ଅତୀତରେ ଅତ୍ୟାଚାରୀ ରାଜା, ମହାରାଜା ଓ ପରେ ବ୍ରିଟିଶର ନିଷ୍ଠୁର ଶାସନରୁ ମୁକ୍ତ ହୋଇ ଆମକୁ ମିଳିଲା ସ୍ୱାଧୀନତା । ଗଣତନ୍ତ୍ର ଓ ସମାଜବାଦର ଶାସନ ପ୍ରତିଷ୍ଠା ହେଲା । ଆମେ ଆମ ଜନପ୍ରତିନିଧି ବାଛିଲେ । ସେମାନେ ସରକାର ଗଢ଼ିଲେ । କିନ୍ତୁ ସରକାର ଜନତାଙ୍କ ଉତ୍ତରଦାୟିତ୍ୱରୁ ଦୂରେଇ ଗଲା । କାହିଁକି ଏଭଳି ହେଲା ? କିଏ ଏଥିପାଇଁ ଦାୟୀ ତାହା ଆମେ କେବେ ଅନୁଶୀଳନ କରିଛେ କି ?

ଯୁଗପୁରୁଷୋତ୍ତମ କଳକୀ ବିଗ୍ରହ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସ୍ୱାଧୀନତା ପ୍ରସଙ୍ଗରେ ଅତ୍ୟନ୍ତ ଲଳିତ ମଧୁର କଣ୍ଠରେ କହିଲେ – ଓ ବାବାଃ, ସ୍ୱାଧୀନତାର ମର୍ମ କେତେ ଲୋକ ବୁଝନ୍ତି ? ତାହା ଯିଏ ବୁଝେ ଓ କରେ ସେ ସପରିବେଶ ଜୀବନର ମାଧୁର୍ଯ୍ୟ ଉପଲବ୍ଧି କରିପାରେ। ସ୍ୱ ମାନେ ସେହି ଏକ ଓ ଅଦ୍ୱିତୀୟ ପରମ ସତ୍ତା ଯାହା ବହୁଧା ପ୍ରକଟ ହୋଇଅଛନ୍ତି ବିଶ୍ୱମୟ। ପରମସତ୍ତା ଓ ତନ୍ନିଃସୃତ ଯାବତୀୟ ସତ୍ତାର ଧାରଣ – ପୋଷଣରେ ଯେତେବେଳେ ଆମ୍ଭେମାନେ ରତ ରହୁ, ସେତେବେଳେ ହିଁ ଆମ୍ଭେମାନେ ସ୍ୱାଧୀନ। ସ୍ୱାଧୀନ ମାନେ – ନିଖିଳ-ପ୍ରିୟ ଯିଏ ତାଙ୍କ ଆଳୟରେ ପାରସ୍ପରିକ ପ୍ରୀତି ବିଧୃତ ଅବସ୍ଥାନ। ସେ ହିଁ ସ୍ୱାଧୀନ ଯିଏ ପ୍ରବୃତ୍ତି, ରିପୁ ବା ଅନ୍ୟ କାହାର ଦାସ ନୁହେଁ, ଯିଏ ଈଶ୍ୱରଙ୍କର ପ୍ରୀତି ଦାୟରେ ସ୍ୱେଚ୍ଛାରେ ସମସ୍ତଙ୍କର ସେବା-ସମ୍ପୋଷଣାର ସକ୍ରିୟ ଦାୟ-ଦାୟିତ୍ୱରେ ନିଜକୁ ଆବଦ୍ଧ ରଖେ। ଏହି ସ୍ୱାଧୀନତାର ସ୍ୱାଦ ଯିଏ ପାଇଛି ସେ ଜଗତର ସମସ୍ତଙ୍କୁ ତାହା ନ ବାଣ୍ଟି ରହିପାରେନାହିଁ। ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଦୃଢ଼ ଚିତ୍ତରେ ପ୍ରକାଶ କଲେ – ଆତ୍ମିକ ମୁକ୍ତି ଓ ଐଶ୍ୱର୍ଯ୍ୟ ଜାଗତିକ ସର୍ବବିଧ ମୁକ୍ତି ଓ ଐଶର୍ଯ୍ୟକୁ ବାଦ ଦେଇ ନୁହେଁ, ପୁଣି ଜାଗତିକ ମୁକ୍ତି ଓ ଐଶ୍ୱର୍ଯ୍ୟ ଆତ୍ମିକ ମୁକ୍ତି ଓ ଐଶ୍ୱର୍ଯ୍ୟକୁ ବାଦ ଦେଇ ସ୍ଥାୟୀ, ସାର୍ଥକ ଓ କ୍ରମୋର୍ଦ୍ଧ୍ୱଗତିସମ୍ପନ୍ନ ହୁଏନାହିଁ। ପ୍ରବୃତ୍ତିଲିପ୍‌ସାର ଚକ୍ରରେ ପଡ଼ି ଦିନକୁ ଦିନ ଅଧୋଗତିକୁ ଆମନ୍ତ୍ରଣ କରେ। ପୁନର୍ବାର ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ନିଶ୍ଚୟାତ୍ମକ ଭଙ୍ଗୀରେ ପ୍ରକାଶ କଲେ – ମାଆ-ବାପା, ଭାଇ-ଭଉଣୀ, ସ୍ତ୍ରୀ-ପୁତ୍ର, ଆତ୍ମୀୟ-ସ୍ୱଜନ, କୁଟୁମ୍ବ-ବନ୍ଧୁବାନ୍ଧବ, ପାରିପାର୍ଶ୍ୱିକ-ପରିସ୍ଥିତି, ଦେଶ-ବିଦେଶ ଇତ୍ୟାଦି ଭିତରେ ଯେତେବେଳେ ବାସ୍ତବ ଭାବରେ ଦେବା-ନେବା ଭିତର ଦେଇ ସକ୍ରିୟ ସହାନୁଭୂତି ଓ ସହଯୋଗିତାରେ ପାରସ୍ପରିକ ସଙ୍ଗଠନ ସୃଷ୍ଟି ହୁଏ, ମନୁଷ୍ୟ ଆଦର୍ଶ ପରିପୂରଣୀ, କର୍ମଠ ଓ ଅର୍ଜ୍ଜୀ ହୋଇଉଠେ, ପ୍ରତ୍ୟେକଙ୍କର ପୂରଣ, ପୋଷଣ, ରକ୍ଷଣ ଓ ଅଶିଷ୍ଟ ଦମନରେ – ସ୍ୱାଧୀନତା ସେତେବେଳେ ହିଁ ସତ୍ୟକାର ରୂପ ନିଏ – ଆଉ ତାହା ଉଚ୍ଛଳ ଉନ୍ନତିରେ ଆଗେଇ ଚାଲେ – ଏହାର ତାତ୍ପର୍ଯ୍ୟ ହିଁ ଏହିଠାରେ, ଆଉ ଭାରତରେ ଚନ୍ଦ୍ରଗୁପ୍ତ, ଧର୍ମାଶୋକ, ସମୁଦ୍ରଗୁପ୍ତ ଓ ବିକ୍ରମାଦିତ୍ୟ ଥିଲେ ଏହି ସ୍ୱାଧୀନତାର ବାସ୍ତବ ପରିଣୟନୀ ସିଦ୍ଧପୁରୁଷ। ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପୁନର୍ବାର ପ୍ରକାଶ କଲେ – ବୈଶିଷ୍ଟ୍ୟପାଳୀ ଆପୂରୟମାଣ ଆଦର୍ଶକୁ କେନ୍ଦ୍ର କରି ଦେଶର ଜନସାଧାରଣ ଯେତେବେଳେ ପରସ୍ପରର ସତ୍ତା-ସ୍ୱାର୍ଥେ ସ୍ୱାର୍ଥନ୍ୱିତ ହୋଇ ସ୍ୱ-ସ୍ୱ-ବୈଶିଷ୍ଟ୍ୟାନୁଯାୟୀ ପରସ୍ପରକୁ ପରିପୂରଣ, ସେବା ଓ ସଂରକ୍ଷଣ କରିଚାଲନ୍ତି, ସେତେବେଳେ ହିଁ ଦେଶରେ ଆସେ ପ୍ରକୃତ ସ୍ୱାଧୀନତା। ପ୍ରତ୍ୟେକ ଯଦି ପ୍ରତ୍ୟେକଙ୍କର ପାଳକ ଓ ପୋଷକ ହୋଇଉଠନ୍ତି ସ୍ୱ-ସ୍ୱ-ବୈଶିଷ୍ଟ୍ୟାନୁଯାୟୀ, ଅସତ୍ ନିରୋଧୀ ଶାସକ ପାରସ୍ପରିକ ଭାବରେ ହୋଇଉଠନ୍ତି, ସେତେବେଳେ ପ୍ରତ୍ୟେକଙ୍କର ସତ୍ତା ବୃଦ୍ଧି ପଥରେ ଉଦାତ୍ତ ହୋଇ ଆଗେଇ ଚାଲେ। ଏହି ପରିସ୍ଥିତିରେ ସ୍ୱାଧୀନତା ସ୍ୱତଃ ହୋଇଉଠେ। ଜନସାଧାରଣଙ୍କର ଏହି ଚରିତ୍ର ଓ ପ୍ରବଣତା ହିଁ ସ୍ୱାଧୀନତାର ସୁବର୍ଣ୍ଣ ସ୍ତମ୍ଭ। ଏହି ପ୍ରସଙ୍ଗରେ ନୋବେଲ ବିଜେତା ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ଗାଇ ଉଠିଲେ – କେବେ ପ୍ରାଣ ଖୋଲି କହି ମୁଁ ପାରିବି, ପାଇଛି ମୋର ଶେଷ। ତୁମ୍ଭେ ସଭିଏଁ ଆସ ମୋ ପଛେ, ଗୁରୁ ତୁମ ସଭିଙ୍କୁ ଡାକିଛେ, ମୋର ଜୀବନେ ଲଭଇ ଜୀବନ, ଜାଗରେ ସକଳ ଦେଶ।

ପ୍ରତିରତ୍ୱିକ ଓ ଅବସର ପ୍ରାପ୍ତ, ବିଭାଗୀୟ ମୁଖ୍ୟ,

# ପରାଧୀନ ସମାଜର ସ୍ୱାଧୀନ ନାଗରିକ

**ତ୍ରିନାଥ ଓଝା**

ଆଜି ସ୍ୱାଧୀନତା ଦିବସ। ଦେଶ ସ୍ୱାଧୀନ ହେବାର ଅଶି ବର୍ଷ ପୂରଣ ହେଉଛି। ଏହି ଅବସରରେ ଦେଶବ୍ୟାପୀ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରାଯାଉଛି। ଗତ ଅଶି ବର୍ଷ ଭିତରେ ଦେଶ ସଫଳତା ଓ ବିଫଳତାର ଅନେକ ସିଡ଼ି ଚଢ଼ିଛି। ଆଜି ସ୍ୱାଧୀନତା ଦିବସ ପାଇଁ ଆମେ ସମସ୍ତେ ଗର୍ବରେ ଛାତିକୁ ମୋଟ କରି ଉତ୍ସବ ପାଳନ କରୁଛେ। ପ୍ରକୃତରେ ଆମେ ସତରେ ସ୍ୱାଧୀନତା ପାଇଛେ ? ସ୍ୱାଧୀନତାର ଅର୍ଥ କ'ଣ ? ଶକ୍ତଶାଳୀ ଗୋରା ଫଉଜ ଭାରତ ଛାଡ଼ି ଚାଲିଗଲେ ଆଉ ଆମେ ସ୍ୱାଧୀନ ହୋଇଗଲେ ଏୟା କି ? ଆଦୌ ନୁହଁ। ଜଣେ ତାର ହାରିଗୁହାରି ନେଇ ଥାନାକୁ ଯାଇଥାଏ ନ୍ୟାୟ ପାଇଁ, ଥାନାରେ ସେ ଜଣେ ସ୍ୱାଧୀନ ନାଗରିକ ହିସାବରେ ତା ଅଭିଯୋଗ ସମ୍ମାନର ସହିତ ସ୍ୱାଧୀନ ଚେତନାର ସମାଧାନ ହୋଇଥାଏ କି ? ଡାକ୍ତରଖାନା କଥା ଚିନ୍ତା କରନ୍ତୁ। ଡାକ୍ତରଙ୍କ ହାତ ସେବା ଟିକେ ପାଇବା ପାଇଁ ଲୋକେ ବନ୍ଧାଛନ୍ଦା ପକାଇ ଜୀବନ ବଞ୍ଚାଇବାକୁ ଡାକ୍ତରଖାନା ଦଉଡି ଥାଏ। ସେଠି ସିଏ କି ପ୍ରକାର ସେବା ପାଏ ? ପାଞ୍ଚବର୍ଷରେ ଥରେ ନିର୍ବାଚନ ହେବ। ନିର୍ବାଚନ ବେଳେ ଲୋକପ୍ରତିନିଧିମାନେ ଭୋଟ ଖଣ୍ଡିକ ପାଇଁ ପ୍ରଜାଙ୍କ ଗୋଡ଼ ଧରି ଆଶୀର୍ବାଦ ମାଗିବେ। କିନ୍ତୁ ନିର୍ବାଚନ ଜିଣିବା ପରେ ପାଞ୍ଚବର୍ଷ ସେହି ପ୍ରଜାମାନେ ହିଁ ନେତାଙ୍କ ଗୋଡ ଧରିବେ। ଆମେ ଦେଖୁଛେ ଅଶି ବର୍ଷ ଡେଇଁଥିବା ସମାଜର ପରିଣତ ବୟସର ନାଗରିକମାନେ ନିଜ ଭତ୍ତା ଖଣ୍ଡେ ପାଇବା ପାଇଁ ଡାକ୍ତରଖାନା ଟିକେ ଯିବା ପାଇଁ କିପରି ଡହଳ ବିକଳ ହେଉଛନ୍ତି। ସରକାରଙ୍କ ଜମି ଦିନ ଦି ପ୍ରହରରେ ଲୁଟପାଟ ହୋଇ ବିକ୍ରି ହେଉଛି। ଅଶି ବର୍ଷର ସ୍ୱାଧୀନ ଭାରତରେ କେବଳ ଗାଁ ବା ଆଦିବାସୀ ମୂଳକ ନୁହେଁ, ସହରାଞ୍ଚଳରେ ମଧ୍ୟ ଭଲ ରାସ୍ତା ଖଣ୍ଡେ ନାହିଁ। ଦିନ ଦି ପ୍ରହରରେ ଚୋରଖଣ୍ଟଙ୍କ ପ୍ରାଦୁର୍ଭାବ ଠାରୁ ଯୌତୁକ ପାଇଁ ନବ ବିବାହିତାକୁ ନିଆଁରେ ପୋଡ଼ି ମାରିଦେଉଛନ୍ତି। ପିଲାବେଳୁ କୃତୀତ୍ୱର ସହ ମାର୍କ ରଖିଥିବା ପିଲାଟି ଚାକିରି ଖଣ୍ଡେ ତ ଦୂରର କଥା ଭଲ କଲେଜ ଖଣ୍ଡେ ପାଇ ପାରୁନି ଅର୍ଥାଭାବରୁ ପାଠ ପଢ଼ିବା ପାଇଁ। ଅଭିଯୋଗ, ଅସୁବିଧାର ତାଲିକା ଯେତେ ଲମ୍ବାଇଲେ ବି ଆହୁରି ଲମ୍ବିବ। ତେବେ ବର୍ଷକ ଭିତରୁ ଗୋଟିଏ ଦିନ ସ୍ୱାଧୀନତା ଦିବସ ପାଳିଲେ କ'ଣ ତାର ଅର୍ଥ ରହିବ ? ସ୍ୱାଧୀନତା ଦିବସ ଦିନ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ସରକାରୀ ଓ ବେସରକାରୀ ଭାବେ ଉତ୍ସବ ପାଳନ ହେବ। ସେ ଟଙ୍କା ଆମ ମାନଙ୍କର ଟିକସରୁ ଯାଉଛି। ସେ ଦିନ ଯେଉଁ ମିଠା, ଚକୋଲେଟ, ଫୁଲ ବା ଖାଦ୍ୟପେୟ ବଣ୍ଟା ହେଉ କେତେଜଣ ଅଭାବୀ ବୁଭୁକ୍ଷୁଙ୍କ ଭାଗ୍ୟରେ ଥାଏ ? ଏ ସବୁ କେବଳ ଦେଖାଣିଆ ସ୍ୱାଧୀନତା ଦିବସ ସିନା କିନ୍ତୁ ପ୍ରକୃତରେ ଆମେ ପରାଧୀନ ସମାଜର ବାସ୍ତବ ସ୍ୱାଧୀନ ନାଗରିକ। ଦରଦାମ ଯେଉଁପରି ଭାବେ ବଢୁଛି ବେସରକାରୀ ଚାକିରିଆଙ୍କ କଥା ଦୂରରେ ଥାଉ, ସରକାରୀ ଚାକିରିଆଙ୍କ ଦରମା ବି ନିଅଣ୍ଟ ପଡୁଛି। ତେଣୁ ଯେତେବେଳେ ଖବର ପ୍ରକାଶ ପାଉଛି ଯେ ସରକାରୀ ଭାବେ ଦୁର୍ନୀତି ବଢୁଛି ସେଠି ଆମ୍ଭେମାନେ ଭୁଲିଯାଉଛେ ଯେ ଆମ୍ଭେମାନେ ହିଁ ଦୁର୍ନୀତିକୁ ନୀତି କରିଛେ। କଥାରେ ଅଛି ଅଭାବେ ସ୍ୱଭାବ ନଷ୍ଟ। ଜଣଙ୍କର ଯେତେବେଳେ ପେଟ ପୋଡିଯାଉଛି ସେ ବାଧ୍ୟ ହୋଇ ଦୁଇପଇସା ବାହାରୁ କମାଉଛି।

ଏ ଦୁନିଆରେ ଯେ ସଚ୍ଚୋଟ ନାଗରିକ ନାହାଁନ୍ତି ତାହା ନୁହେଁ। ଭଲ ସେବା ଦେଉଥିବା ଡାକ୍ତରବାବୁ ହୁଅନ୍ତୁ ବା ଥାନା ବାବୁ ଯେ ନାହାଁନ୍ତି ତାହା କହିବା ଅତ୍ୟୁକ୍ତି ନୁହେଁ। ଆଉ ଗୋଟିଏ କଥା ଏବେ ଆଇନଗତ ବ୍ୟବସ୍ଥାରେ ମହିଳା ଓ ପୁରୁଷ ସମସ୍ତେ ସମାନ କିନ୍ତୁ ଅଫିସ ସାଢ଼େ ପାଞ୍ଚଟା ନିର୍ଦ୍ଧାରିତ ସମୟ ପୂର୍ବରୁ ମହିଳାମାନେ କେଉଁ ଅଗ୍ରାଧିକାର ଭିତ୍ତିରେ ଅଫିସ ଛାଡ଼ିବେ ? ମହିଳା ମାନଙ୍କ ପରି ପୁରୁଷ ମାନଙ୍କର ବି ଜଞ୍ଜାଳ ଅଛି। ଦିନ ତମାମର ଖଟଣୀ, ଘର ପରିବାରର ଅବ୍ୟବସ୍ଥିତ ଖବର ଆଉ କର୍ମସଂସ୍ଥାନର ଚାପ ସେମାନଙ୍କୁ ଭାରାକ୍ରାନ୍ତ କରିଥାଏ। କିନ୍ତୁ ଏହି ଭାରବାହୀ ପଶୁ ହୋଇଥାଏ ପୁରୁଷବର୍ଗ। ଏକଥା ଲେଖି ଆମେ ମହିଳାମାନଙ୍କୁ ଅପମାନ ଦେଉନାହୁଁ। କାରଣ ଅନେକ କର୍ତ୍ତବ୍ୟନିଷ୍ଠ ଓ ଦାୟିତ୍ୱସମ୍ପନ୍ନ କର୍ମଜୀବୀ ମହିଳାମାନେ ବି ଅଛନ୍ତି ଯେଉଁମାନେ ପୁରୁଷମାନଙ୍କ କାମ ବି ନିଜ ସହକର୍ମୀର ଦାୟିତ୍ୱ ଭାବି ନିଜେ ସମ୍ପାଦନ କରିଦିଅନ୍ତି। ଆମେ ସତରେ କ'ଣ ସ୍ୱାଧୀନ ଦେଶର ନାଗରିକ ? ଏଠି ବଡ଼ବଡ଼ିଆଙ୍କ ପୁଅ ନିଶା ଖାଇବେ, ସବୁ ମାଫ୍। ତଳିଆ କର୍ମଚାରୀ ପାନ ଖଣ୍ଡେ ପୁରାଇଲେ ଚାକିରି ଖାଇଦେବାର ଧମକ। ନିଶାରେ ଟୁଲୁ ଟୁଲୁ ହୋଇ ଦୁର୍ନୀତିର କୋଟି କୋଟି ଟଙ୍କା ଉପରେ ଶୋଉ ଥିବା ନେତା ବା ବାବୁମାନଙ୍କ ତାଲିକା ବହୁତ ଲମ୍ବିବ। ଏବେ ନୂଆଦିଲ୍ଲୀରୁ ଫେରିଥିବା ଜଣେ ଲୋକପ୍ରିୟ କର୍ତ୍ତବ୍ୟନିଷ୍ଠ ପ୍ରଶାସକ ରାଜ୍ୟ ପ୍ରଶାସନରେ ନୂଆ ଦାୟିତ୍ୱ ନେବାପରେ ସରକାରୀ କାର୍ଯ୍ୟାଳୟରେ କୌଣସି କର୍ମଚାରୀ ମାଦକ ଦ୍ରବ୍ୟ ସେବନ ନକରିବାର ନିଷେଧାଦେଶ ଜାରି କରିଛନ୍ତି। ଏହା କେବଳ ମାର ମାର ଭଣ୍ଡାରିଆକୁ ମାର ନୀତିରେ ପାଳନ ହେବ। ତଳ ତଳିଆମାନେ ପାନ କିମ୍ବା ଗୁଟ୍‌ଖା ଖାଇଲେ ମଲେ, କିନ୍ତୁ ବଡ଼ବଡ଼ିଆ ପାନୀୟ ବା ଧୂମ ଅବକାରୀର ସାହାଯ୍ୟ ନେଇ ଆତଯାତ ହେଲେ ତାଙ୍କୁ ଧରିବାର ସାହାସ କା ଚଉଦ ପୁରୁଷରେ ଅଛି। ତାହାହେଲେ ଏ ଦେଶ କି ସ୍ୱାଧୀନ ବା ସମାଜ ବି କି ସ୍ୱାଧୀନ ? ଭୋଟ ବେଳେ ଆମେ ଗାନ୍ଧୀନୋଟରେ ଆମ ମତଦାନକୁ କିଣାବିକା କରୁଛେ। ଟିକସ ନ ଦେଇ ଲୁଚେଇବାର ଦୁନିଆ କଳାକୌଶଳ ଆପଣାଉଛେ। କିନ୍ତୁ ସବୁଦୋଷ ସରକାର ବା ପ୍ରଶାସନର। କେତେ ଜଣ ନିଜ ଦୋଷ ନିଜ ଉପରେ ରଖିଲେଣି। ତେଣୁ ଏହିପରି ପ୍ରତିବର୍ଷ ସ୍ୱାଧୀନତା ଦିବସ ଆସିବ, ପତାକା ଉଡିବ, ସରକାରୀ କିଛି ମାଗଣା ଘୋଷଣାନାମା କରିବେ, ଛୁଟି ପାଇ ସରକାରୀ ବାବୁମାନେ ଘରେ ବେଶ ଆରମ କରିବେ, ଫର୍ଦ୍ଦ ଫର୍ଦ୍ଦ ଲେଖା ସବୁ ବିଭିନ୍ନ ଖବର କାଗଜରେ ପ୍ରକାଶ ପାଇବ କିନ୍ତୁ ଆମେ ଯେଉଁ ପରାଧୀନକୁ ସେହି ପରାଧୀନ ସମାଜର ନାଗରିକ।

ଭାଗବତ ଗାଦି ବଡ଼ଦାଣ୍ଡ, ଧବଳେଶ୍ୱର ଗଡ଼ା, କଟକ, ଦୂରଭାଷ :୯୨୩୮୬୦୨୮୨୫

E-mail : trinath123ojha@gmail.com



## ଆରଜି କର ଦୁଷ୍କର୍ମ ପୀଡିତାଙ୍କ ଶବଦାହ ମାମଲା

# ଟିଏମ୍‌ସିର ପୂର୍ବତନ ବିଧାୟକ ଗିରଫ

**ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି):** ଅଗଷ୍ଟ ୨୦୨୪ରେ କୋଲକାତାର ଆରଜି କର ମେଡିକାଲ କଲେଜଓ ହସ୍ପିଟାଲରେ ଦୁଷ୍କର୍ମ ଓ ହତ୍ୟାର ଶିକାର ହୋଇଥିବା ଜଣେ ଡାକ୍ତରଙ୍କ ମୃତଦେହକୁ ତରବରିଆ ଭାବେ ଦାହ କରିବା ଘଟଣାରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ପୂର୍ବତନ ବିଧାୟକ ନିର୍ମଳ ଘୋଷଙ୍କୁ ଗୁରୁବାର ଗିରଫ କରାଯାଇଛି। ତରବରିଆ ଭାବରେ ଶବଦାହ କରାଯିବା ଘଟଣାରେ ବାରାକପୁର କମିସନରେଟ୍ ପୁଲିସ ଦ୍ୱାରା ପଞ୍ଜିକୃତ ଏତଲାରେ ଘୋଷ ଓ ଅନ୍ୟ ଦୁଇଜଣଙ୍କ ନାମ ଉଲ୍ଲେଖ କରାଯାଇଛି। ଅନ୍ୟ ଦୁଇ ଜଣ ହେଉଛନ୍ତି ପାନିହାଟି ପୌରପାଳିକାର କାଉନସିଲର ସୋମନାଥ ଦେ ଓ ପୀଡିତ ପରିବାରର ପଡ଼ ?ଶୀ ସଞ୍ଜୀବ ମୁଖାର୍ଜୀ। ମୃତ ଡାକ୍ତରଙ୍କ ବାପାଙ୍କ ଅଭିଯୋଗକ୍ରମେ ଖାରଦାହ ପୁଲିସ ଷ୍ଟେସନରେ ଏହା ବିରୋଧରେ ଏକ ଏତଲା ରୁଜୁ ହୋଇଥିଲା। ମୃତ ଡାକ୍ତରଙ୍କ ବାପା ଅଭିଯୋଗ କରିଥିଲେ ଯେ, ଦ୍ୱିତୀୟ ଶବ ବ୍ୟବଚ୍ଛେଦର ସମ୍ଭାବନାକୁ ଏଡାଇବା ଓ ପ୍ରମାଣ ଲୁଚାଇବା ପାଇଁ ତିନି ଅଭିଯୁକ୍ତଙ୍କ ତତ୍ତ୍ୱାବଧାନରେ ତରବରିଆ ଭାବେ ଶବଦାହ କରାଯାଇଥିଲା। ବାରାକପୁର କମିସନରେଟ ପୁଲିସର ଜଣେ ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି ଯେ, ନୂତନ ମାମଲାଟି ଦୁଷ୍କର୍ମ ଓ ହତ୍ୟା ସମ୍ପର୍କିତ ସିବିଆଇ ତଦନ୍ତଠାରୁ ପୃଥକ୍। କୋଲକାତା ପୁଲିସ ଅଧୀନରେ ଆସୁଥିବା ଏହି ଦୁଷ୍କର୍ମ ଓ ହତ୍ୟା ଘଟଣାର ତଦନ୍ତ ସିବିଆଇ କରୁଛି। ଖାରଦାହ ପୁଲିସ ଷ୍ଟେସନରେ ରୁଜୁ ହୋଇଥିବା ନୂତନ ଏତଲାଗୁଡ଼ିକ ମୃତକଙ୍କ ପରିବାରର ଅଭିଯୋଗ ଉପରେ ଆଧାରିତ। ଏଥିରେ ପୀଡିତ ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ, ପ୍ରମାଣ ଲୁଚାଇବା ପାଇଁ ପରିବାର ସଦସ୍ୟଙ୍କ ସମ୍ମତି ବିନା ଶୀଘ୍ର ଶବଦାହ କରାଯାଇଥିଲା। ମୃତ ଡାକ୍ତରଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ପାଳନ ପାଇଁ ଏକ କାର୍ଯ୍ୟକ୍ରମରେ ଯୋଗଦେବା ସମୟରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଶବଦାହ ସମ୍ବନ୍ଧୀୟ ପରିସ୍ଥିତିରେ ଏକ ପୃଥକ୍ ମାମଲା ପଞ୍ଜୀକରଣ କରିବାକୁ ପୁଲିସକୁ ନିର୍ଦ୍ଦେଶ ଦେବାର ଦୁଇ ଦିନ ପରେ ଏହି ଘଟଣା ଘଟିଛି। ଏହି ମାମଲାରେ ଘୋଷ, ଦେ ଓ ମୁଖାର୍ଜୀଙ୍କ ଭୂମିକାର ତଦନ୍ତ କରାଯିବ ବୋଲି ପୁଲିସ କହିଛି। ୩୧ ବର୍ଷୀୟ ପୋଷ୍ଟଗ୍ରାଜୁଏଟ୍ ଟ୍ରେନି ଡାକ୍ତରଙ୍କୁ ଅଗଷ୍ଟ ୯, ୨୦୨୪ରେ ଆରଜି କର ମେଡିକାଲ୍ କଲେଜ ଓ ହସ୍ପିଟାଲରେ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିଲା। ମୃତ ଡାକ୍ତରଙ୍କ ଶବଦାହ ବେଳେ ପରିବାର ଲୋକଙ୍କ ଦସ୍ତଖତ ନଥିବା ପୁଲିସ କହିଛି। ଦୁଷ୍କର୍ମ ମାମଲାରେ ଜଣେ ବ୍ୟକ୍ତିଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା ଓ ମାମଲା ଏବେ କୋଲକାତା ହାଇକୋର୍ଟରେ ବିଚାରାଧୀନ ଅଛି।

# କମୁଛି ମେଲୋନିଙ୍କ ଲୋକପ୍ରିୟତା

**ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି):** ଇଟାଲୀର ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନି ଭାରତରେ ବେଶ୍ ଲୋକପ୍ରିୟ । ହେଲେ ଏବେ ନିଜ ଦେଶରେ ଯୁବପିଢ଼ିଙ୍କ ମଧ୍ୟରେ ତାଙ୍କ ଲୋକପ୍ରିୟତା କମିବାରେ ଲାଗିଛି । ଏକ ଓପିନିଅନ୍ ପୋଲ୍‌ରୁ ଏଭଳି ଚମକାଇଦେବା ଭଳି ତଥ୍ୟ ସାମ୍ନାକୁ ଆସିଛି । ଏହି ସର୍ଭେ ଅନୁସାରେ, ମେଲୋନିଙ୍କ ସରକାର ଯୁବ ଭୋଟରଙ୍କ ମଧ୍ୟରେ ଦ୍ରୁତଗତିରେ ଲୋକପ୍ରିୟତା ହରାଉଛି । ଆସନ୍ତାବର୍ଷ ହେବାକୁ ଥିବା ଜାତୀୟ ନିର୍ବାଚନ ପୂର୍ବରୁ ଏହି ଟ୍ରେଣ୍ଡ ମେଲୋନିଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିପାରେ । ୟୁଟ୍ରେଣ୍ଡ ପୋଲିଂ ଏଜେନ୍ସିର ମୁଖ୍ୟ ଲୋରେଞ୍ଜୋ ପ୍ରେଗ୍ଲିଆସ୍କ ରଏଟର୍ସକୁ କହିଛନ୍ତି ଯେ, ଯୁବ ଭୋଟରମାନେ ସ୍ପଷ୍ଟ ଭାବେ ସେଣ୍ଟର-ଲେଫ୍ଟ ଆଡ଼କୁ ଢଳୁଛନ୍ତି । ମେଲୋନିଙ୍କ ମେଣ୍ଟ—ଯେଉଁଥିରେ ତାଙ୍କ 'ବ୍ରଦର୍ସ ଅଫ୍ ଇଟାଲୀ', ମାଟେଓ ସାଲଭିନିଙ୍କ 'ଲିଗ୍' ଏବଂ ବୈଦେଶିକ ମନ୍ତ୍ରୀ ଆଣ୍ଟୋନିଓ ତାଜାନିଙ୍କ ଅଧିକ ଉଦାରବାଦୀ 'ଫୋର୍ଜା ଇଟାଲିଆ' ସାମିଲ ଅଛି—୩୫ ବର୍ଷରୁ କମ୍ ବୟସର ଭୋଟରଙ୍କ ମଧ୍ୟରେ ଏବେ ୩୦ ପ୍ରତିଶତରୁ କମ୍ ସମର୍ଥନ ପାଉଛି । ଅନ୍ୟପକ୍ଷରେ, ଡେମୋକ୍ରାଟିକ୍ ପାର୍ଟି, ୫-ଷ୍ଟାର୍ ମୁଭମେଣ୍ଟ ଏବଂ ଲେଫ୍ଟ-ଗ୍ରୀନ୍ ଆଲାଏନ୍ସ ପ୍ରଭାବିତ ବିରୋଧୀ ମେଣ୍ଟକୁ ସମାନ ବୟସ ବର୍ଗର ପ୍ରାୟ ୫୦ ପ୍ରତିଶତ ଯୁବ ଭୋଟର ସମର୍ଥନ କରୁଛନ୍ତି । ୨୦୨୩ରେ ମେଲୋନିଙ୍କ ଲୋକପ୍ରିୟତା ଶୀର୍ଷରେ ଥିବା ସମୟରେ ୟୁଟ୍ରେଣ୍ଡର ଏକ ସର୍ଭେରୁ ଜଣାପଡ଼ିଥିଲା ଯେ, ଯୁବ ଭୋଟରଙ୍କ ମଧ୍ୟରେ କେବଳ ତାଙ୍କ ଦଳ ଯେତିକି ସମର୍ଥନ ପାଉଥିଲା, ଆଜି ପୂରା ସରକାରୀ ମେଣ୍ଟ ମିଶି ସେତିକି ସମର୍ଥନ ମଧ୍ୟ ପାଉନାହିଁ । ମିଲାନର ବୋକୋନି ୟୁନିଭର୍ସିଟିର ଗତବର୍ଷର ଏକ ଅଧ୍ୟୟନ, ଯାହା ପୋଲିଂ ଫାର୍ମ ଏସଡବ୍ଲୁଜିର ତଥ୍ୟ ଉପରେ ଆଧାରିତ, ଅନୁସାରେ ଅନ୍ୟ ୟୁରୋପୀୟ ଦେଶଗୁଡ଼ିକ ଭଳି ଇଟାଲୀର ଯୁବପିଢ଼ିଙ୍କ ମଧ୍ୟରେ ମଧ୍ୟ ଜେଣ୍ଡର ଗ୍ୟାପ୍? ଦେଖିବାକୁ ମିଳୁଛି । ଏଠାରେ ପୁରୁଷମାନେ ଅଧିକାଂଶ ସମୟରେ ରାଇଟ୍‌ୱିଙ୍ଗ୍ ଦଳକୁ ଭୋଟ୍ ଦେଉଥିବା ବେଳେ ମହିଳାମାନେ ଲେଫ୍ଟୱିଙ୍ଗ୍ ଦଳକୁ ଅଧିକ ପସନ୍ଦ କରୁଛନ୍ତି । ୧୮ରୁ ୨୯ ବର୍ଷ ବୟସର ପୁରୁଷଙ୍କ ମଧ୍ୟରେ ମେଲୋନିଙ୍କ ଦଳ ଏଫଡିଆଇକୁ ୧୫ ପ୍ରତିଶତ ସମର୍ଥନ ମିଳିଥିବା ବେଳେ ମହିଳାଙ୍କ ମଧ୍ୟରେ ଏହା ମାତ୍ର ୪.୨ ପ୍ରତିଶତ ରହିଛି । ସେହିପରି, ୩୦ ବର୍ଷରୁ କମ୍ ବୟସର ୧୮ ପ୍ରତିଶତ ମହିଳା '୫-ଷ୍ଟାର୍ ମୁଭମେଣ୍ଟ'କୁ ସମର୍ଥନ କରୁଥିବା ବେଳେ ପୁରୁଷଙ୍କ ମଧ୍ୟରେ ଏହି ସମର୍ଥନ ମାତ୍ର ୫.୧ ପ୍ରତିଶତ । ରୋମର ଲୁଇସ୍ ୟୁନିଭର୍ସିଟିର ରାଜନୀତି ବିଜ୍ଞାନ ପ୍ରଫେସର ଲୋରେଞ୍ଜୋ ଡି ସିଓ କହିଛନ୍ତି ଯେ, ଯୁବପିଢ଼ିଙ୍କ ମଧ୍ୟରେ ସରକାର ପ୍ରତି ଅସନ୍ତୋଷର ମୁଖ୍ୟ କାରଣ ହେଉଛି ଆର୍ଥିକ ନୀତିକୁ ନେଇ ସରକାରଙ୍କ ଧୀମା ଗତି । ସେ କହିଛନ୍ତି, "ମେଲୋନି କୌଣସି ବଡ଼ ଆର୍ଥିକ ସଂସ୍କାର କରିନାହାନ୍ତି।"ବ୍ୟାଙ୍କ ଅଫ୍ ଇଟାଲୀର ତଥ୍ୟ ଅନୁସାରେ, ଜର୍ମାନୀର ଜଣେ ଯୁବ ଗ୍ରାଜୁଏଟ୍ ତାଙ୍କ ଇଟାଲୀୟ ସମକକ୍ଷଙ୍କ ତୁଳନାରେ ହାରାହାରି ୮୦ ପ୍ରତିଶତ ଅଧିକ ରୋଜଗାର କରୁଛନ୍ତି । ଏଥିସହ ପ୍ରତିବର୍ଷ ହଜାର ହଜାର ଯୁବ ଇଟାଲୀୟ ଉନ୍ନତ ସୁଯୋଗ ସନ୍ଧାନରେ ଦେଶ ଛାଡ଼ି ଚାଲିଯାଉଛନ୍ତି । ଚାରି ବର୍ଷ ପୂର୍ବେ ମେଲୋନିଙ୍କ ପ୍ରଥମ ଆଇନଗତ ଆଦେଶରେ ରେଭ୍ ପାର୍ଟି ଉପରେ ରୋକ୍ ଲଗାଯିବା ପରେ ସରକାର 'ଲାଇଟ୍' କାନାବିସ୍‌ର ଉତ୍ପାଦନ, ରାସ୍ତାରେ ହେଉଥିବା ହିଂସାତ୍ମକ ବିରୋଧ ପ୍ରଦର୍ଶନ, ବେଆଇନ ଦଖଲ ଏବଂ ନାବାଳକଙ୍କ ଦ୍ୱାରା ହେଉଥିବା ଅପରାଧ ରୋକିବା ପାଇଁ ଅନେକ ପଦକ୍ଷେପ ନେଇଛି । ଗତବର୍ଷ ନଭେମ୍ବରରେ 'ନୋ ମେଲୋନି ଡେ' ନାମରେ ହୋଇଥିବା ଦେଶବ୍ୟାପୀ ଛାତ୍ର ଆନ୍ଦୋଳନରେ ହଜାର ହଜାର ଛାତ୍ର ସୁରକ୍ଷା ଆଦେଶ, ଶିକ୍ଷା ବଜେଟ୍‌ରେ କାଟଛାଟ ଏବଂ ଗାଜା ପ୍ରସଙ୍ଗରେ ଇସ୍ରାଏଲକୁ ସରକାର ନିକଟରେ ଆଉ ଏକ ପଦକ୍ଷେପ ନେଇ ନାବାଳକଙ୍କ ଅପରାଧିକ ଦାୟିତ୍ୱ ସମ୍ପର୍କିତ ନିୟମରେ ପରିବର୍ତ୍ତନ ପାଇଁ ଏକ ବିଲ୍ ଆଣିଛି। ଏହି ବିଲ୍ ଅନୁସାରେ, ୧୪ରୁ ୧୭ ବର୍ଷ ବୟସର କିଶୋର ଅପରାଧ କଲେ ତାଙ୍କୁ ସମ୍ପୂର୍ଣ୍ଣ ଭାବେ ଦାୟୀ ବିବେଚନା କରାଯିବ, ଯେପର୍ଯ୍ୟନ୍ତ ଏହାର ବିପରୀତ ପ୍ରମାଣ ମିଳିନାହିଁ। ଏହା ବର୍ତ୍ତମାନର ନିୟମର ସମ୍ପୂର୍ଣ୍ଣ ବିପରୀତ । ବର୍ତ୍ତମାନର ନିୟମ ଅନୁସାରେ, ଜଣେ କିଶୋର ନିଜ କାର୍ଯ୍ୟର ପରିଣାମ ବୁଝିପାରୁଥିଲା ବୋଲି ପ୍ରମାଣ କରିବାର ଦାୟିତ୍ୱ ବିଚାରପତିଙ୍କ ଉପରେ ରହିଥାଏ ।

## ବାଂଲାଦେଶରେ ଗମ୍ଭୀର ବିଦ୍ୟୁତ୍ ସଙ୍କଟ

**ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି):** ବାଂଲାଦେଶ ବର୍ତ୍ତମାନ ଏକ ଗମ୍ଭୀର ଶକ୍ତି ସଙ୍କଟର ସମ୍ମୁଖୀନ ହୋଇଛି। ଏହି ସଙ୍କଟକୁ ନିୟନ୍ତ୍ରଣ କରିବା ପାଇଁ ବାଂଲାଦେଶ ସରକାର ଅଗଷ୍ଟ ୧୨ ତାରିଖରେ ଏକ ଅଫିସିଆଲ୍ ନୋଟିଫିକେସନ୍ ଜାରି କରି ସାରା ଦେଶରେ ସପିଂ ମଲ୍, ମାର୍କେଟ୍ ଏବଂ ଦୋକାନଗୁଡ଼ିକ କେବଳ ପୂର୍ବାହ୍ନ ୧୧ଟାରୁ ରାତି ୮ଟା ପର୍ଯ୍ୟନ୍ତ ଖୋଲା ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟୁତ୍, ଶକ୍ତି ଓ ଖଣିଜ ସମ୍ପଦ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏହି ନିର୍ଦ୍ଦେଶନାମା ଅନୁଯାୟୀ, ଦେଶସାରା ଚାଲିଥିବା କିମ୍ବା ଆଗାମୀ ଦିନରେ ହେବାକୁ ଥିବା ସମସ୍ତ ମେଳା, ବାଣିଜ୍ୟ ମେଳା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକୁ ମଧ୍ୟ ରାତି ୮ଟା ସୁଦ୍ଧା ଶେଷ କରିବାକୁ କୁହାଯାଇଛି। ଏହା ସହିତ ସନ୍ଧ୍ୟା ୭ଟା ସୁଦ୍ଧା ସମସ୍ତ ସାଜସଜ୍ଜା ପାଇଁ ବ୍ୟବହୃତ ଲାଇଟକୁ ସମ୍ପୂର୍ଣ୍ଣ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସାରା ଦେଶରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ୍ ହେଉଥିବାରୁ କୃତ୍ରିମ ଆଲୋକର ବ୍ୟବହାର କମାଇବା ପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି। ସଙ୍କଟର ମୁକାବିଲା ପାଇଁ ବାଂଲାଦେଶର ଶକ୍ତି ମନ୍ତ୍ରୀ ଇକବାଲ ହସନ ମହମୁଦ ଭାରତୀୟ ହାଇକମିଶନର ପ୍ରଣୟ ବର୍ମାଙ୍କ ସହ ଆଲୋଚନା କରି ଭାରତରୁ ଅତିରିକ୍ତ ଡିଜେଲ ଯୋଗାଣ ପାଇଁ ଅନୁରୋଧ କରିଛନ୍ତି। ବିଶ୍ୱସ୍ତରରେ ମଧ୍ୟପ୍ରାଚ୍ୟ ବିବାଦ ବୃଦ୍ଧି ପାଇଲେ ଇନ୍ଧନ ଆମଦାନୀ ବାଧାପ୍ରାପ୍ତ ହୋଇପାରେ, ତେଣୁ ଭାରତ-ବାଂଲାଦେଶ ପାଇପଲାଇନ୍ ଜରିଆରେ ଅଧିକ ଡିଜେଲ୍ ଦେବାକୁ ବାଂଲାଦେଶ ଅନୁରୋଧ କରିଛି। ଏହି ଅନୁରୋଧ ସମ୍ପର୍କରେ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟର ସ୍ପୋକ୍ସପରସନ୍ ରଣଧୀର ଜୈସୱାଲ କହିଛନ୍ତି ଯେ, ବାଂଲାଦେଶ ସରକାରଙ୍କଠାରୁ ଅନୁରୋଧ ମିଳିଛି ଏବଂ ଏହାର ତର୍ଜମା କରାଯାଉଛି।

## ରାଜ୍ୟସଭାରେ ହଲଦ୍ୱାନୀ ଶୁଦ୍ଧିକରଣ ପ୍ରସଙ୍ଗରେ ବର୍ଷିଲେ ଖଡଗେ

**ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି):** କଂଗ୍ରେସ ଅଧ୍ୟକ୍ଷ ତଥା ରାଜ୍ୟସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡଗେ ତାଙ୍କ ରାଲି ପରେ ଉତ୍ତରାଖଣ୍ଡର ହଲଦ୍ୱାନୀ ପଡିଆର ଶୁଦ୍ଧିକରଣ ପ୍ରସଙ୍ଗ ଉଠାଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି। ଗୁରୁବାର ରାଜ୍ୟସଭାରେ ଖଡଗେ କହିଛନ୍ତି, ହଲଦ୍ୱାନୀ ରାମଲୀଳା ଗ୍ରାଉଣ୍ଡରେ ତାଙ୍କ ଜନସଭା ପରେ ବିଜେପି ସମର୍ଥକମାନେ ଶୁଦ୍ଧିକରଣ 'ଯଜ୍ଞ' କରିଥିଲେ। ଖଡଗେ କହିଛନ୍ତି, ତାଙ୍କ ଜନସଭାରେ ଲକ୍ଷାଧିକ ଲୋକ ଯୋଗ ଦେଇଥିଲେ। ସେ କୌଣସି ଧର୍ମ କିମ୍ବା ସମ୍ପ୍ରଦାୟ କଥା ଉଠାଇ ନଥିଲେ। କିନ୍ତୁ ତାଙ୍କ ଭାଷଣ ପରେ, ବିଜେପିର ଲୋକମାନେ ସେହି ମଞ୍ଚରେ 'ଶୁଦ୍ଧିକରଣ' କରିବା ପାଇଁ ସେଠାରେ ଏକ ହବନ କରିଥିଲେ। ଏହା କ'ଣ ଗଣତନ୍ତ୍ରରେ ପ୍ରଚଳନ ହେବା କଥା କି ବୋଲି ଖଡଗେ ପ୍ରଶ୍ନ କରିବା ସହିତ ଆପଣ ସମ୍ବିଧାନକୁ କିପରି ସୁରକ୍ଷା ଦେଉଛନ୍ତି ବୋଲି କହିଛନ୍ତି। ରାଜ୍ୟସଭାରେ ଗୃହର ନେତା ତଥା କେନ୍ଦ୍ର ମନ୍ତ୍ରୀ ଜେପି ନଡ୍ଡା ଏହି ଘଟଣାକୁ ନିନ୍ଦା କରିଛନ୍ତି ଓ କହିଛନ୍ତି ଯେ, ବିଜେପି ଏପରି କାର୍ଯ୍ୟକଳାପକୁ ସମର୍ଥନ କରେ ନାହିଁ। ସେ ଖଡଗେଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ, ଘଟଣାର ତଦନ୍ତ କରାଯିବ। ନଡ୍ଡା କହିଛନ୍ତି, ଏହା ବାସ୍ତବରେ ଖୁବ୍ ଦୁଃଖଦ ଘଟଣା। ସେ ଘଟଣାକୁ ନିନ୍ଦା କରିବା ସହିତ ଜାତୀୟ ସଭାପତି ଏହା ଉପରେ ବିଚାର କରିବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଖଡଗେଙ୍କ ରାଲିର ଦୁଇ ଦିନ ପରେ ଅଗଷ୍ଟ ୧୦ ତାରିଖରେ ହଲଦ୍ୱାନୀର ରାମଲୀଳା ଗ୍ରାଉଣ୍ଡରେ



ଶ୍ରୀ ରାମ ସେନା ଧାର ମର୍ଥ ସେବା ନ୍ୟାସ ସଂଗଠନର ସଦସ୍ୟମାନେ ଏକ ହବନ କରିବା ପରେ ବିବାଦ ଆରମ୍ଭ ହୋଇଥିଲା। ସଂଗଠନର ସଦସ୍ୟମାନେ କହିଛନ୍ତି ଯେ, ଏହି ପଡିଆର ଧାର୍ମିକ ଓ ସାଂସ୍କୃତିକ ଗୁରୁତ୍ୱ ଅଛି ଓ ରାଜନୈତିକ କାର୍ଯ୍ୟକ୍ରମ ପାଇଁ ଏହାକୁ ବ୍ୟବହାର କରିବାକୁ ସେମାନେ ବିରୋଧ କରିଛନ୍ତି। ସେମାନେ ଏହା ମଧ୍ୟ ଅଭିଯୋଗ କରିଛନ୍ତି ଯେ, ଖଡଗେଙ୍କ ଅଗଷ୍ଟ ୮ ରେ ଭାଷଣ ସମୟରେ ବିବାଦୀୟ ସ୍ଲୋଗାନ ଦିଆଯାଇଥିଲା। ଅନ୍ୟପକ୍ଷରେ କଂଗ୍ରେସ ରାଜ୍ୟ ସଭାପତି ଗଣେଶ ଗୋଦିୟାଲ ଏହି ପ୍ରଥାକୁ ସମାଲୋଚନା କରିଥିଲେ ଓ ଏହା ପଛରେ ବିଜେପି ଥିବା ଅଭିଯୋଗ କରିଥିଲେ।

## କମିଲା ସୁନା ଓ ରୁପା ଦର

**ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି):** ଗହଣା ପ୍ରେମୀଙ୍କ ପାଇଁ ବଜାରରୁ ଆସିଛି ଭଲ ଖବର। ଆଜି ସୁନା ଓ ରୁପା ଦର ହ୍ରାସ ପାଇଛି। ଗୁରୁବାର ପ୍ରଥମ କିଛି ଘଣ୍ଟା ମଧ୍ୟରେ ଏମ୍‌ସିଏକ୍ସରେ ସୁନା ଓ ରୁପା ଦରରେ ହ୍ରାସ ପାଇଥିବା ଦେଖିବାକୁ ମିଳିଛି। ସକାଳ ପ୍ରାୟ ୧୧ଟା ସୁଦ୍ଧା ସୁନା ଓ ରୁପା ଦରରେ ପ୍ରାୟ ୩,୦୦୦ ଟଙ୍କା ପର୍ଯ୍ୟନ୍ତ ହ୍ରାସ ହୋଇଛି। ଘରୋଇ କମୋଡିଟି ବଜାରରେ ୫ ଅକ୍ଟୋବର ଡେଲିଭରିର ସୁନା ଏମ୍‌ସିଏକ୍ସରେ ସକାଳ ପ୍ରାୟ ସାଢେ ୧୧ଟାରେ ୨,୦୦୦ ଟଙ୍କା ହ୍ରାସ ପାଇଥିବା ଦେଖାଯାଇଛି। ସୁନାରେ ୦.୮୧ ପ୍ରତିଶତ ହ୍ରାସ। ଅନ୍ୟପଟେ ୪ ସେପ୍ଟେମ୍ବର ଡେଲିଭରିର ରୁପା ୧,୦୦୦ ଟଙ୍କା ହ୍ରାସ ସହ ୧,୫୩,୮୮୨ ଟଙ୍କା ପ୍ରତି କିଲୋଗ୍ରାମ ଦରରେ କାରବାର କରୁଛି। ୧୨ ଅଗଷ୍ଟରେ କ୍ଲୋଜିଂ ଦର ତୁଳନାରେ ଏହା ୦.୬୫ ପ୍ରତିଶତ ହ୍ରାସ। ଅର୍ଥାତ ଉଭୟ ମୂଲ୍ୟବାନ ଧାତୁର ଦରରେ ହ୍ରାସ ଦେଖା ଯାଉଛି। ଦିଲ୍ଲୀରେ ୨୪ କ୍ୟାରେଟ ସୁନା ୧୦ ଗ୍ରାମକୁ ୧,୫୫,୦୨୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୪୨,୧୧୦ ଟଙ୍କାରେ କାରବାର କରୁଛି। ଚେନ୍ନାଇରେ ୨୪ କ୍ୟାରେଟ୍ ସୁନା ୧୦ ଗ୍ରାମକୁ ୧,୫୪,୯୨୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୪୨,୦୧୦ ଟଙ୍କାରେ କାରବାର କରୁଛି। ମୁମ୍ବାଇରେ ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମକୁ ୧୫୪୮୭୦ ଟଙ୍କା ଓ ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମକୁ ୧୪୧୯୬୦; ବେଙ୍ଗାଲୁରୁରେ ୨୪ କ୍ୟାରେଟ୍ ସୁନା ୧୦ ଗ୍ରାମକୁ ୧୫୪୮୭୦ ଟଙ୍କା ଓ ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମକୁ ୧୪୧୯୬୦ ଟଙ୍କାରେ; କୋଲକାତାରେ ୨୪ କ୍ୟାରେଟ୍ ସୁନା ୧୦ ଗ୍ରାମକୁ ୧୫୪୮୭୦ ଟଙ୍କା ଓ ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମକୁ ୧୪୧ ୯୬୦; ଚେନ୍ନାଇରେ ୨୪ କ୍ୟାରେଟ୍ ସୁନା ୧୦ ଗ୍ରାମକୁ ୧୫୪୯୨୦ ଟଙ୍କା ଓ ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମକୁ ୧୪୨୦୧୦ ଟଙ୍କାରେ କାରବାର କରୁଥିବା ଜଣାପଡିଛି।

## ସୁଖବୀର ସିଂହ ବାଦଲଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ

**ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି):** ଶିରୋମଣି ଅକାଳୀ ଦଳ ମୁଖ୍ୟ ଏବଂ ପୂର୍ବତନ ପଞ୍ଜାବ ଉପମୁଖ୍ୟମନ୍ତ୍ରୀ ସୁଖବୀର ସିଂହ ବାଦଲଙ୍କ ଉପରେ ନାନ୍ଦେଡରେ ଆକ୍ରମଣ କରାଯାଇଛି। ତାଙ୍କ ସୁରକ୍ଷା ପାଇଁ ନିୟୋଜିତ ଜଣେ ପୁଲିସ କର୍ମଚାରୀ ମଧ୍ୟ ଏହି ଆକ୍ରମଣରେ ଆହତ ହୋଇଛନ୍ତି। ସୁଖବୀର ସିଂହ ବାଦଲଙ୍କୁ ଚିକିତ୍ସା ପାଇଁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମାତା ସାହିବ ଗୁରୁଦ୍ୱାରା ଅଞ୍ଚଳରେ ବାଦଲଙ୍କୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଛି। ତାଙ୍କ ହାତରେ ଆଘାତ ଲାଗିଛି। ସୁଖବୀର ସିଂହ ବାଦଲଙ୍କ ଉପରେ ଏହା ପ୍ରଥମ ଆକ୍ରମଣ ନୁହେଁ। ପୂର୍ବରୁ, ୪ ଡିସେମ୍ବର ୨୦୨୪ରେ, ସୁଖବୀର ସିଂହ ବାଦଲଙ୍କ ଉପରେ ଅମୃତସରର ସ୍ୱର୍ଣ୍ଣ ମନ୍ଦିରରେ ଆକ୍ରମଣ କରାଯାଇଥିଲା। ସେ ଏକ ହତ୍ୟା ଉଦ୍ୟମରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ସୁଖବୀର ଧାର୍ମିକ ପ୍ରାର୍ଥନା କରୁଥିବା ସମୟରେ ଏହି ଆକ୍ରମଣ ହୋଇଥିଲା। ଏହି ସମୟରେ ଜଣେ ବନ୍ଧୁକଧାରୀ ଗୁଳି ଚଳାଇଥିଲା, ଯାହା କାନ୍ଥରେ ବାଜିଥିଲା। ଏହି ଘଟଣାରେ ସେ ଆହତ ହୋଇନଥିଲେ। ଆକ୍ରମଣକାରୀଙ୍କୁ ତୁରନ୍ତ ପାଖରେ ଥିବା ଲୋକମାନେ ଏବଂ ସୁରକ୍ଷା କର୍ମୀମାନେ କାବୁ କରିଥିଲେ।

## ଭୂକମ୍ପରେ ଥରିଲା ଲେହ-ଲଦାଖ

**ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି):** ସକାଳୁ ସକାଳୁ ଭୂକମ୍ପରେ ଥରିଲା ଲେହ-ଲଦାଖ। ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ଅନୁଯାୟୀ, ଗୁରୁବାର ସକାଳ ୬.୦୫ ରେ ଝଟକା ଅନୁଭୂତ ହୋଇଥିଲା । ରିକ୍ଟର ସ୍କେଲରେ ତୀବ୍ରତା ୫.୫ ରେକର୍ଡ କରାଯାଇଥିଲା। ଝଟକା ଯୋଗୁଁ ସ୍ଥାନୀୟ ବାସିନ୍ଦା ଭୟଭୀତ ହୋଇ ଘରୁ ବାହାରକୁ ଚାଲିଆସିଥିଲେ। ସୂଚନାଯୋଗ୍ୟ ଯେ ପରବର୍ତ୍ତୀ ସମୟରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଏହାର କେନ୍ଦ୍ରସ୍ଥଳ ଭୂମିରୁ ୧୦ କିଲୋମିଟର ତଳେ ଥିଲା। ଏହି ଭୂମିକମ୍ପ ଯୋଗୁଁ ଲୋକଙ୍କ ମଧ୍ୟରେ କିଛି ସମୟ ପାଇଁ ଆତଙ୍କ ଖେଳି ଯାଇଥିଲା। ତଥାପି, ଏପର୍ଯ୍ୟନ୍ତ କୌଣସି କ୍ଷୟକ୍ଷତିର କୌଣସି ରିପୋର୍ଟ ମିଳିନାହିଁ। ସ୍ଥାନୀୟ ପ୍ରଶାସନ ଏବଂ ସମ୍ବନ୍ଧିତ ସଂସ୍ଥାଗୁଡ଼ିକ ପରିସ୍ଥିତି ଉପରେ ନଜର ରଖିଛନ୍ତି। ଅଧିକାରୀମାନେ କ୍ଷୟକ୍ଷତି ଆକଳନ କରୁଛନ୍ତି। ଲୋକମାନେ ଶୋଇଥିବା ସମୟରେ ଭୂକମ୍ପ ହୋଇଥିଲା। ହଠାତ୍ ଏହି ଝଟକା ସେମାନଙ୍କୁ ଏତେ ଭୟଭୀତ କରିଥିଲା ଯେ ସେମାନେ ଘରୁ ବାହାରକୁ ବାହାରି ରାସ୍ତାକୁ ଧାଇଁ ଆସିଥିଲେ। ଲୋକମାନେ ସୂଚନା ଦେଇଛନ୍ତି ଯେ ଭୂକମ୍ପ ଏତେ ଶକ୍ତିଶାଳୀ ଥିଲା ଯେ ସେମାନେ ଶୋଇଥିବା ସମୟରେ ମଧ୍ୟ ସମଗ୍ର ଘର ଥରି ଉଠିବା ଅନୁଭବ କରିଥିଲେ। ଏହି ଭୟ ଆତଙ୍କ ସୃଷ୍ଟି କରିଥିଲା ଏବଂ ଲୋକମାନେ ଆତଙ୍କିତ ହୋଇଥିଲେ।

## ବ୍ୟାଙ୍କ-ମାଲ୍ୟା ବିବାଦ ବନ୍ଦ ହେଉ: ହାଇକୋର୍ଟ

**ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି):** ପଳାତକ ବ୍ୟବସାୟୀ ବିଜୟ ମାଲ୍ୟା ଓ ବ୍ୟାଙ୍କଗୁଡ଼ିକ ମଧ୍ୟରେ ଚାଲିଥିବା ବାଣିଜ୍ୟିକ ବିବାଦର ସମାଧାନ ହୋଇଛି। ଏହି ମାମଲା ବନ୍ଦ କରିବାକୁ ବମ୍ବେ ହାଇକୋର୍ଟ କହିଛନ୍ତି। କୋର୍ଟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଠାରୁ ତଦନ୍ତର ବର୍ତ୍ତମାନର ସ୍ଥିତି ଓ ଜବତ କରାଯାଇଥିବା ସମ୍ପତ୍ତିର ବିବରଣୀ ସମ୍ପର୍କରେ ଏକ ରିପୋର୍ଟ ମଧ୍ୟ ମାଗିଛନ୍ତି। ମାଲ୍ୟାଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ୍ ମିଲିନ୍ଦ ଜାଧବଙ୍କ ଏକକ ବିଚାରପତିଖଣ୍ଡପୀଠ କହିଛନ୍ତି ଯେ ଯଦି ଉଭୟ ପକ୍ଷ ଏହି ବିବାଦର ସମାଧାନ ନ କରନ୍ତି ଏବଂ ଆଗକୁ ନ ବଢନ୍ତି, ତେବେ ଏହାର ସିଧାସଳଖ ଓ ନକାରାତ୍ମକ ପ୍ରଭାବ ଦେଶର ଅର୍ଥନୀତି ଉପରେ ପଡ଼ିବ। ହାଇକୋର୍ଟ ଖଣ୍ଡପୀଠ କହିଛନ୍ତି ଯେ ପ୍ରାୟ ଏକ ଦଶନ୍ଧି ଧରି ଚାଲିଥିବା ଏହି ମାମଲା ଏବେ ଏକ ଯୁକ୍ତିଯୁକ୍ତ ନିଷ୍କର୍ଷରେ ପହଞ୍ଚିବା ଉଚିତ। ୭୦ ବର୍ଷୀୟ ବିଜୟ ମାଲ୍ୟା ତାଙ୍କ ସମ୍ପତ୍ତିକୁ ବ୍ୟାଙ୍କଗୁଡ଼ିକୁ ହସ୍ତାନ୍ତର କରିବା ନିର୍ଦ୍ଦେଶକୁ ଅନ୍ୟାୟ ବୋଲି କହି ଚ୍ୟାଲେଞ୍ଜ କରି ଏକ ଆବେଦନ



କରିଥିଲେ। ଏହା ଉପରେ କୋର୍ଟ ମତ ଦେଇଥିଲେ ଯେ ବାଣିଜ୍ୟିକ ବିବାଦର ସମାଧାନ ପ୍ରାୟତଃ ବିବାଦ ମଧ୍ୟରେ ହିଁ ଥାଏ। ଫସି ରହିବା ପରିବର୍ତ୍ତେ ପକ୍ଷଗୁଡ଼ିକୁ ବ୍ୟବହାରିକ ସମାଧାନ ଅନୁସରଣ କରିବା ଉଚିତ। ୨୦୨୦ରେ ମାଲ୍ୟା ସ୍ୱତନ୍ତ୍ର ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲ୍‌ଏ) କୋର୍ଟରେ ଆଦେଶକୁ ଚ୍ୟାଲେଞ୍ଜ କରିଥିଲେ ଯେଉଁଥିରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ନେତୃତ୍ୱରେ ବ୍ୟାଙ୍କଗୁଡ଼ିକର ଏକ ସଂଘକୁ ଇଡି ଦ୍ୱାରା ଜବତ କରାଯାଇଥିବା ତାଙ୍କର ସମ୍ପତ୍ତି ବ୍ୟବହାର କରିବାକୁ ଅନୁମତି ଦିଆଯାଇଥିଲା। ମାଲ୍ୟାଙ୍କ ବିରୁଦ୍ଧରେ ବର୍ତ୍ତମାନ ବନ୍ଦ ହୋଇଯାଇଥିବା କିଙ୍ଗଫିସର ଏୟାରଲାଇନ୍ସ ପାଇଁ ବିଭିନ୍ନ ବ୍ୟାଙ୍କରୁ ନିଆଯାଇଥିବା ୯୦୦୦ କୋଟି ଟଙ୍କାର ଋଣ ପରିଶୋଧ ନକରିବାର ଅଭିଯୋଗ ରହିଛି।

## କର୍ପୋରେଟ୍ ଚାପରେ ପଡ଼ି ନାଗରିକଙ୍କ ସ୍ୱାସ୍ଥ୍ୟ ସହ ଖେଳାଯାଇପାରିବନି: ସୁପ୍ରିମ୍‌କୋର୍ଟ

**ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି):** ଅଧିକ ଚିନି, ଲୁଣ ଓ ସାଚୁରେଟେଡ୍ ଫ୍ୟାଟ୍ ଥିବା ପ୍ୟାକ୍ କରାଯାଇଥିବା ଖାଦ୍ୟ ସାମଗ୍ରୀ ଉପରେ ଚେତାବନୀ ଲେବୁଲ୍ ଲଗାଇବା ପ୍ରସଙ୍ଗରେ ସୁପ୍ରିମ୍ କୋର୍ଟ ଗୁରୁବାର କେନ୍ଦ୍ର ସରକାର ଓ ଏଫଏସଏସଏଆଇ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଯଦି ସରକାର ଏହି ନିୟମ ନିଜେ ତୁରନ୍ତ ଲାଗୁ ନକରନ୍ତି, ତେବେ କୋର୍ଟ ନିଜେ ଏହାକୁ ନେଇ ନିର୍ଦ୍ଦେଶ ପ୍ରଦାନ କରିବେ ବୋଲି ସର୍ବୋଚ୍ଚ ଅଦାଲତ କଡ଼ା ଚେତାବନୀ ଦେଇଛନ୍ତି। ଜଷ୍ଟିସ୍ ଜେ.ବି. ପାରଦିୱାଲା ଏବଂ ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏଫଏସଏସଏଆଇ ଓ କେନ୍ଦ୍ର ସରକାର କର୍ପୋରେଟ୍ ସଂସ୍ଥାଗୁଡ଼ିକର ଚାପରେ କାମ କରୁଛନ୍ତି କି ବୋଲି ପ୍ରଶ୍ନ କରିଛନ୍ତି। କୋର୍ଟ କହିଛନ୍ତି, ଏହି ମାମଲା ଦେଶର ନାଗରିକ, ବିଶେଷ କରି ବଢୁଥିବା ଶିଶୁମାନଙ୍କ ସ୍ୱାସ୍ଥ୍ୟ ସହ ଜଡ଼ିତ। ଏଥିରେ କୌଣସି ଶିଳ୍ପସଂସ୍ଥାର ଚାପ ଅଧୀନରେ ନିଷ୍ପତ୍ତି ନିଆଯାଇପାରିବ ନାହିଁ। ଶୁଣାଣି ସମୟରେ ଆବେଦନକାରୀ ଦର୍ଶାଇଥିଲେ ଯେ ଏଫଏସଏସଏଆଇ ସିଭିଲ୍ ସୋସାଇଟିର ପ୍ରମାଣଗୁଡ଼ିକୁ ଅଣଦେଖା କରି କେବଳ ଖାଦ୍ୟ ଶିଳ୍ପସଂସ୍ଥାର ବିରୋଧକୁ ପ୍ରାଧାନ୍ୟ ଦେଉଛି। ଏହାର ଜବାବରେ କେନ୍ଦ୍ର ସରକାରଙ୍କ ପକ୍ଷ ରଖୁଥିବା ଅତିରିକ୍ତ ସଲିସିଟର ଜେନେରାଲ୍





ବ୍ରିଜେନ୍ଦ୍ର ଚାହର ଭାରତୀୟ ପାରମ୍ପରିକ ଖାଦ୍ୟର ଉଦାହରଣ ଦେଇ କହିଥିଲେ ଯେ, ବିକଶିତ ଦେଶଗୁଡ଼ିକର ମାନଦଣ୍ଡ ଭାରତୀୟ ଖାଦ୍ୟ ଉପରେ ସିଧାସଳଖ ଲଗାଯାଇପାରିବ ନାହିଁ। ଏହାକୁ ଖାରଜ କରି କୋର୍ଟ ପ୍ରଶ୍ନ କରିଥିଲେ, ଭାରତ ସବୁବେଳେ ଅବିକଶିତ ହୋଇ ରହିବ କି ? କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ୱାର୍ଣ୍ଣିଂ ଲେବୁଲର ଉଦ୍ଦେଶ୍ୟ ବିକ୍ରି ବନ୍ଦ କରିବା ନୁହେଁ, ବରଂ ଗ୍ରାହକଙ୍କୁ ସଚେତନ କରାଇବା। ଉତ୍ପାଦକମାନେ ଏହାକୁ ପସନ୍ଦ ନକରିପାରନ୍ତି, ମାତ୍ର ଗ୍ରାହକଙ୍କର ଜାଣିବାର ଅଧିକାର ରହିଛି। ଏହି ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପାଇଁ ସୁପ୍ରିମ୍ କୋର୍ଟ କେନ୍ଦ୍ର ସରକାରଙ୍କୁ ଦୁଇ ସପ୍ତାହର ସମୟ ଦେବା ସହ ପରବର୍ତ୍ତୀ ଶୁଣାଣିରେ ଚୂଡ଼ାନ୍ତ ରାୟ ପ୍ରକାଶ ପାଇବ ବୋଲି ଚେତାବନୀ ଦେଇଛନ୍ତି।

## ଏୟାରଟେଲ୍ ରିଚାର୍ଜ ମୂଲ୍ୟରେ ବୃଦ୍ଧି

**ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି):** ଭାରତୀ ଏୟାରଟେଲ୍ ପକ୍ଷରୁ ୨୯୯ ଟଙ୍କା, ୫୭୯ ଟଙ୍କା, ୬୧୯ ଟଙ୍କା ଓ ୬୪୯ ଟଙ୍କା ?ର ଚାରି ପ୍ରକାର ପ୍ରିପେଡ୍ ରିଚାର୍ଜ ପ୍ଲାନ୍ ପ୍ରତ୍ୟାହାର କରାଯାଇଛି। ୨୯୯ ଟଙ୍କିଆ ପ୍ଲାନ୍ ବେଶ ଲୋକପ୍ରିୟ ଥିଲା। ଏବେ କମ୍ପାନିର ୧୯୯ ଟଙ୍କା ଓ ୨୧୯ ଟଙ୍କାର ରିଚାର୍ଜ ପ୍ଲାନ୍ ରହିଛି। କିନ୍ତୁ ୨୯୯ ଟଙ୍କିଆ ପ୍ଲାନ୍ ରିଚାର୍ଜ କରୁଥିବା ଗ୍ରାହକମାନଙ୍କ ପାଇଁ ପରବର୍ତ୍ତୀ ପ୍ଲାନ୍‌ର ଦାମ୍ ୩୪୯ ଟଙ୍କାକୁ ବଢାଇ ଦିଆଯାଇଛି। ୩୪୯ ଟଙ୍କିଆ ପ୍ଲାନରେ ଅସୀମିତ ୫ଜି ଡାଟା ମିଳୁଛି। ୨୯୯ ଟଙ୍କିଆ ପ୍ଲାନ୍‌ରେ ଦୈନିକ ଡାଟା କୋଟା ମିଳୁଥିବା। ଅଧିକାଂଶ ଗ୍ରାହକଙ୍କ ସେହି କୋଟା ଶେଷ ହୋଇଯାଉଥିଲା, ଯେଉଁଥିପାଇଁ ସେମାନେ ଅତିରିକ୍ତ ଡାଟା ଟପ୍ ଅପ୍ ରିଚାର୍ଜ କରିବାକୁ ବାଧ ହେଉଥିଲେ। ରିଚାର୍ଜ ଦର ବଢିଥିବାରୁ ଏୟାରଟେଲ୍‌ର ଗ୍ରାହକ ପିଛା ହାରାହାରି ରାଜସ୍ୱରେ ବୃଦ୍ଧି ଘଟିବ। ପ୍ଲାନ୍ ଦର ବଢିବାର ସମ୍ଭାବନା ସମ୍ପର୍କରେ କିଛି ଦିନ ତଳେ କମ୍ପାନିର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ଗୋପାଳ ଭିଟ୍ଟଲ ସଙ୍କେତ ଦେଇଥିଲେ। ଏୟାରଟେଲ୍ ରିଚାର୍ଜ ଦର ବଢାଇଥିବାରୁ ଆଗାମୀ ଦିନରେ ଅନ୍ୟ କମ୍ପାନିଗୁଡିକ ମଧ୍ୟ ସେହି ଧାରାରେ ଆଗକୁ ବଢିବା ଆଶା କରାଯାଉଛି।

# ସବୁ ପାଇଲଟଙ୍କ ଲାଗି 'ଡୋପ ଟେଷ୍ଟ' ଅନିବାର୍ଯ୍ୟ କଲେ ଏୟାର ଇଣ୍ଡିଆ

**ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି):** ଫୁକେଟ-ଦିଲ୍ଲୀ ଉଡାଣର ଜଣେ ପାଇଲଟ ଡୋପିଙ୍ଗ ଟେଷ୍ଟରେ ମାରିଜୁଏନା ପଜେଟିଭ ମିଳିବା ପରେ ଏୟାର ଇଣ୍ଡିଆ ବଡ଼ ପଦକ୍ଷେପ ନେଇଛନ୍ତି। ଏଥିରେ ନିଜ ଗ୍ରୁପର ସବୁ ପାଇଲଟଙ୍କ ପୂର୍ଣ୍ଣ ଡୋପ ଟେଷ୍ଟ ବାଧ୍ୟତାମୂଳକ କରାଯାଇଛି। ଏହି ଆଦେଶ ୧୩ ଅଗଷ୍ଟ ଗୁରୁବାର କାର୍ଯ୍ୟକାରୀ ହୋଇଛି। ଏ ନେଇ କର୍ମଚାରୀଙ୍କୁ ପଠାଯାଇଥିବା ଔପଚାରିକ ପତ୍ରରେ ଏୟାର ଇଣ୍ଡିଆ ଉଲ୍ଲେଖ କରିଛନ୍ତି ଯେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)ଙ୍କ ଦ୍ୱାରା ନିର୍ଦ୍ଧାରିତ ସବୁ ନିୟାମକୀୟ ମାନକ ଏୟାର ଇଣ୍ଡିଆ କଡ଼ାକଡ଼ି ପାଳନ କରିଥାଏ। ଏହି ମାନକ ୟୁରୋପ ଓ ଆମେରିକା ଭଳି ପ୍ରମୁଖ ବୈଶ୍ୱିକ ଏଭିଏସନ କ୍ଷେତ୍ରର ନିୟମ ସହ ସମାନ। ଏହା ସତ୍ତ୍ୱେ ସୁରକ୍ଷା ଦୃଷ୍ଟିକୋଣରୁ ଆଉ ଏକ ପଦକ୍ଷେପ ଆଗକୁ ବଢାଇବା




ଆବଶ୍ୟକ ମନେ ହେଉଛି। ଏଣୁ ଆମେ ଆମ ସମୂହର ସବୁ ପାଇଲଟଙ୍କ ସମ୍ପୂର୍ଣ୍ଣ ଯାଞ୍ଚ ପାଇଁ ନିଷ୍ପତ୍ତି କରିଛୁ। ଏଥିରୁ ଏହା ସୁନିଶ୍ଚିତ ହେବ ଯେ କୌଣସି ଅଣ ଅନୁମୋଦିତ ଔଷଧ ଅଥବା ନିଶା ସାମଗ୍ରୀ ସେବନ କରୁନଥିବା ପ୍ରମାଣିତ ହେବ। ଏୟାର ଲାଇନ ସ୍ପଷ୍ଟ କରିଛନ୍ତି ଯେ ଏହି ଯାଞ୍ଚ ପ୍ରକ୍ରିୟା ଗୁରୁଗ୍ରାମସ୍ଥିତ ଆକାଡେମୀ ସହିତ ଉଡାଣ ପରେ ଏୟାର ଇଣ୍ଡିଆର ଫ୍ଲାଇଟ ବ୍ରିଫିଙ୍ଗ କେନ୍ଦ୍ର ଓ କାର୍ଯ୍ୟାଳୟମାନଙ୍କରେ ଆୟୋଜନ କରାଯିବ। ଏଥିରେ କମ୍ପାନୀ କହିଛି ଯେ ନିୟାମକୀୟ ମାନକରୁ ଅଗକୁ ଯାଇ ନିଆଯାଇଥିବା ପଦକ୍ଷେପ ଆମର ସୁରକ୍ଷା ଓ ବ୍ୟବସାୟିକତାର ଉଚ୍ଚ ମାନଦଣ୍ଡକୁ ଦର୍ଶାଉଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ଆମର ଯାତ୍ରୀ, ହିତାଧିକାରୀ ଓ ସମାଜକୁ ଏହି ବିଶ୍ୱାସ ଦେବା ଯେ ଏୟାର ଇଣ୍ଡିଆ ସୁରକ୍ଷା ସହିତ କୌଣସି ବୁଝାମଣା କରନ୍ତି ନାହିଁ। ଏୟାର ଇଣ୍ଡିଆ ଦୀର୍ଘ ଦଶନ୍ଧୀରୁ ଭାରତୀୟ ଏଭିଏସନର ଧ୍ୱଜ ବାହକ ହୋଇ ରହିଛି। ଏହି ସମୟରେ ଆମ ପାଇଲଟ ଓ ଅନ୍ୟ କର୍ମଚାରୀଙ୍କ କୌଶଳ ଓ ସୁରକ୍ଷା ପ୍ରତି ସଂକଳ୍ପବଦ୍ଧତା ଲକ୍ଷଲକ୍ଷ ଯାତ୍ରୀ ଓ ଜନତାଙ୍କ ବିଶ୍ୱାସ ଜିତି ପାରିଛି। ଏହି ବିଶ୍ୱାସ ହିଁ ଆମର ସବୁଠୁ ଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତି। ଏହାକୁ ସୁରକ୍ଷିତ ରଖିବା ଓ ଏଥିରା କାମ ରହିବା ପାଇଁ ସବୁପ୍ରକାରର ପ୍ରୟାସ ଆମ ଲାଗି ଜରୁରି।









# ଭାରତର ଯୁବପିଢ଼ି ପାଇଁ ସୁଯୋଗ ସୃଷ୍ଟି କରୁଛି ବେଦାନ୍ତ ଆଇରନ୍ ଆଣ୍ଡ ଷ୍ଟିଲ୍

**ଭୁବନେଶ୍ୱର, ୧୩।୮ (ନି.ପ୍ର) :** ଯୁବପିଢ଼ି ଭିନ୍ନ ଭିନ୍ନ ପରିସ୍ଥିତିରେ ବଢ଼ି ଉଠୁଥିଲେ ମଧ୍ୟ ସେମାନଙ୍କ ସ୍ୱପ୍ନ ଓ ଆକାଂକ୍ଷା ପ୍ରାୟ ସମାନ। ଶିକ୍ଷା ହାସଲ କରିବା, ଏକ ଉଜ୍ଜ୍ୱଳ କ୍ୟାରିୟର ଗଢ଼ିବା ଓ ଉନ୍ନତ ଭବିଷ୍ୟତ ନିର୍ମାଣ କରିବା ହେଉଛି ସେମାନଙ୍କ ସାଧାରଣ ଆକାଂକ୍ଷା। ୨୦୨୬ ଅନ୍ତର୍ଜାତୀୟ ଯୁବ ଦିବସର ବିଷୟବସ୍ତୁ 'ଭିନ୍ନ ଦୃଶ୍ୟପଟ, ସମାନ ଆକାଂକ୍ଷାନ୍ତ ମଧ୍ୟ ଶିକ୍ଷା, ଦକ୍ଷତା, ପ୍ରଯୁକ୍ତି ଓ ସୁଯୋଗରେ ସମାନ ସୁବିଧା ଆବଶ୍ୟକତାକୁ ଗୁରୁତ୍ୱ ଦେଇଛି। ଏହି ଲକ୍ଷ୍ୟକୁ ଆଗରେ ରଖି ବେଦାନ୍ତ ଆଇରନ୍ ଆଣ୍ଡ ଷ୍ଟିଲ୍ ଲିମିଟେଡ୍ ଗୋଆ, ମହାରାଷ୍ଟ୍ର, କର୍ଣ୍ଣାଟକ, ଓଡ଼ିଶା ଓ ଝାଡ଼ଖଣ୍ଡର ବିଭିନ୍ନ ସମୁଦାୟ ସହ କାର୍ଯ୍ୟ କରି ଯୁବପିଢ଼ିଙ୍କ ପାଇଁ ଶିକ୍ଷା, ନିଯୁକ୍ତିଯୋଗ୍ୟତା, ଡିଜିଟାଲ୍ ଦକ୍ଷତା ଓ କ୍ରୀଡ଼ା କ୍ଷେତ୍ରରେ ସୁଯୋଗ ସୃଷ୍ଟି କରୁଛି। ଅନ୍ତର୍ଜାତୀୟ ଯୁବ ଦିବସ ଅବସରରେ ବେଦାନ୍ତ ଆଇରନ୍ ଆଣ୍ଡ ଷ୍ଟିଲ୍ ଲିମିଟେଡ୍ର ସିଇଓ ପଙ୍କଜ କୁମାର ଶର୍ମା କହିଛନ୍ତି ଯେ, 'ଯୁବପିଢ଼ି ଆମ ଦେଶର ଭବିଷ୍ୟତ ଏବଂ ସେମାନଙ୍କ ଦକ୍ଷତାକୁ ବାସ୍ତବ ରୂପ ଦେବା ପାଇଁ ସେମାନଙ୍କୁ ସୁଯୋଗ ମିଳିବା ଆବଶ୍ୟକ। ବେଦା' ଆଇରନ୍ ଆଣ୍ଡ ଷ୍ଟିଲ୍ ଲିମିଟେଡ୍ରେ ଆମେ ସମୁଦାୟଗୁଡ଼ିକର ସାମଗ୍ରିକ ପ୍ରଗତି ପାଇଁ ଦୀର୍ଘମିଆଦୀ ସହଯୋଗୀ ଭାବେ ନିଜର ଭୂମିକାକୁ ଦେଖୁଛୁ। ଆକାଂକ୍ଷା ଓ ସୁଯୋଗ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ଉଦ୍ଦେଶ୍ୟରେ ଆମେ ଅର୍ଥପୂର୍ଣ୍ଣ ଭାବେ ସମାଜକୁ ଫେରାଇ ଦେବାକୁ ପ୍ରୟାସ କରୁଛୁ। ଶିକ୍ଷା, ବୈଷୟିକ ଦକ୍ଷତା, ଡିଜିଟାଲ୍ ପହଂଚ, କ୍ରୀଡ଼ା ଓ ଧନ୍ଦାମୂଳକ ପ୍ରଶିକ୍ଷଣ କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ ମାଧ୍ୟମରେ ପ୍ରତିଭା, ଦୃଢ଼ତା ଓ ଆକାଂକ୍ଷାକୁ ବିକଶିତ କରିବା ସହ ଆମ ଯୁବପିଢ଼ିର ଭବିଷ୍ୟତ ଗଠନରେ ନିଜର ଭୂମିକା



ନିଭାଇବା ପାଇଁ ଆମେ ପ୍ରତିବଦ୍ଧ।'ବେଦାନ୍ତ ଉତ୍କର୍ଷ ସ୍କଲାରସିପ୍ ଜରିଆରେ ବିଭିନ୍ନ ରାଜ୍ୟର ୧,୮୦୦ରୁ ଅଧିକ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ଓ ବୃତିଗତ ପାଠ୍ୟକ୍ରମ ପାଇଁ ସହାୟତା ପାଇଛନ୍ତି। ଏହା ମାଧ୍ୟମରେ ସାମାଜିକ ଓ ଆର୍ଥିକ ପ୍ରତିବନ୍ଧକ ସତ୍ତ୍ୱେ ପ୍ରତିଭାବାନ ଯୁବପିଢ଼ିଙ୍କୁ ଆଗକୁ ବଢ଼ିବାର ସୁଯୋଗ ମିଳୁଛି। ସେହିପରି ଗୋଆର ସେସା ଟେକ୍ନିକାଲ୍ ସ୍କୁଲ୍ ଏବଂ ବୋକାରୋର ବେଦାନ୍ତ ଇଏସଏଲ ସ୍କିଲ୍ ସ୍କୁଲ୍ ମାଧ୍ୟମରେ ୨,୮୦୦ରୁ ଅଧିକ ଯୁବକଯୁବତୀଙ୍କୁ ଶିଳ୍ପ ଆବଶ୍ୟକତା ଅନୁଯାୟୀ ବୈଷୟିକ ଦକ୍ଷତା ପ୍ରଦାନ କରାଯାଇଛି। ଏହା ଯୁବପିଢ଼ିଙ୍କ ନିଯୁକ୍ତି ସୁଯୋଗ ବଢ଼ାଇବା ସହ ଦୀର୍ଘସ୍ଥାୟୀ ଜୀବିକାର ପଥ ଖୋଲିଛି। ସେସା ଟେକ୍ନିକାଲ୍ ସ୍କୁଲ୍ର ୨୦୧୮ ବ୍ୟାଚ୍ର ପୂର୍ବତନ ଛାତ୍ର ଲକ୍ଷ୍ମଣ ଦଲଭି କହିଛନ୍ତି, 'ସେସା ଟେକ୍ନିକାଲ୍ ସ୍କୁଲ୍ ମୋତେ କେବଳ ବୈଷୟିକ ଦକ୍ଷତା ଦେଇନାହିଁ। ଏହା ମୋ ଭିତରେ ଆତ୍ମବିଶ୍ୱାସ, ଶୃଙ୍ଖଳାର ମୂଲ୍ୟବୋଧ ଏବଂ ଜୀବନରେ ଏକ ସ୍ପଷ୍ଟ ଦିଗ ଦେଇଛି। ମୁଁ ପାଇଥିବା ପ୍ରଶିକ୍ଷଣ ଓ ମାର୍ଗଦର୍ଶନ ମୋତେ ସାମଗ୍ରିକ ଭାବେ ପ୍ରସ୍ତୁତ କରିଛି। ଆଜି ମୁଁ ଜଣେ ଉଦ୍ୟୋଗୀ ଭାବେ କଠିନ ପରିଶ୍ରମ କରୁଥିବା ବେଳେ, ମୋର ଏହି ପରିବର୍ତ୍ତନ ପଛରେ ଏସଟିଏସ ଦ୍ୱାରା ଗଢ଼ି ଦିଆଯାଇଥିବା ଦୃଢ଼ ଭିତି ପାଇଁ ମୁଁ ଋଣୀ।' ଡିଜିଟାଲ୍ ସୁବିଧାକୁ ମଧ୍ୟ ଯୁବପିଢ଼ିଙ୍କ ବିକାଶର ଏକ ମୁଖ୍ୟ ଆଧାର ଭାବେ ଗ୍ରହଣ କରିଛି କମ୍ପାନି। ଅନିଲ ଅଗ୍ରୱାଲ ଫାଉଣ୍ଡେସନ୍ର ତତ୍ତ୍ୱାବଧାନରେ ବେଦାନ୍ତ କମ୍ପ୍ୟୁଟର ଲ୍ୟାବ୍, ଗୋଆ, ମହାରାଷ୍ଟ୍ର ଓ କର୍ଣ୍ଣାଟକର ବେଦାନ୍ତ କମ୍ପ୍ୟୁଟର ସେଂଟର ଏବଂ ଝାଡ଼ଖଣ୍ଡର ଏଏଏସ ସେଂଟର ବିଦ୍ୟାଳୟ ମାଧ୍ୟମରେ ଡିଜିଟାଲ୍ ବ୍ୟବଧାନ ଦୂର କରିବାକୁ ପଦକ୍ଷେପ ନିଆଯାଉଛି। ସୁଯୋଗ ମିଳିବା ଉଚିତ ବୋଲି କମ୍ପାନୀର ଏହି ପଦକ୍ଷେପଗୁଡ଼ିକ ବାର୍ତା ଦେଉଛି।

# 'ବିଶ୍ୱ ହାତୀ ଦିବସ'ରେ ବନତାରାର ହାତୀ ସଂରକ୍ଷଣ ଅଭିଯାନ

**ଜାମନଗର, ୧୩।୮ (ଯୁବମୋର୍ଚ୍ଚା):** ବିଶ୍ୱ ହାତୀ ଦିବସ ଅବସରରେ, ଅନନ୍ତ ଅମ୍ବାନୀଙ୍କ ଦ୍ୱାରା ପ୍ରତିଷ୍ଠିତ ବନତାରା ହାତୀ ସଂରକ୍ଷଣ ଏବଂ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ଏହାର ବିଭିନ୍ନ ପଦକ୍ଷେପ ଘୋଷଣା କରିଛି। ବନତାରା ଭାରତ ଏବଂ ଆନ୍ତର୍ଜାତୀୟ ସ୍ତରରେ ହାତୀ ଯତ୍ନ, ମାହୁନ୍ତ ତାଲିମ, ସଂରକ୍ଷଣ ସମ୍ବନ୍ଧୀୟ ଜ୍ଞାନ ଆଦାନପ୍ରଦାନ ଏବଂ ମଣିଷ-ହାତୀ ସଂଘର୍ଷ ହ୍ରାସ ଉପରେ କାର୍ଯ୍ୟ କରୁଛି। ବନତାରାରେ ଏବେ ୨୬୦ରୁ ଅଧିକ ଏସୀୟ ହାତୀଙ୍କ ଯତ୍ନ ନିଆଯାଉଛି। ବନତାରାର ଏହି ଯାତ୍ରାର ଆରମ୍ଭ ଅନନ୍ତ ଅମ୍ବାନୀଙ୍କ ଦ୍ୱାରା ଉଦ୍ଧାର କରାଯାଇଥିବା ପ୍ରଥମ ହାତୀ ଗୌରୀ ସହିତ ହୋଇଥିଲା। ସେବେଠାରୁ, ଏହି ପଦକ୍ଷେପ ଲଗାତାର ଭାବରେ ଆଗକୁ ବଢ଼ିଛି ଏବଂ ହାତୀମାନଙ୍କ ପାଇଁ ସ୍ୱତନ୍ତ୍ର ଯତ୍ନ ଓ ଏକ ସମ୍ମାନଜନକ ଜୀବନ ସୁନିଶ୍ଚିତ କରୁଛି। ବନତାରାର ପ୍ରତିଷ୍ଠାତା ଅନନ୍ତ ଅମ୍ବାନୀ କହିଛନ୍ତି,



'ମୋ ହୃଦୟରେ ଏବଂ ବନତାରାର ଯାତ୍ରାରେ ହାତୀମାନେ ସର୍ବଦା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ପ୍ରତ୍ୟେକ ହାତୀର ନିଜର ଏକ ଅନନ୍ୟ କାହାଣୀ ଅଛି, ଏବଂ ପ୍ରତ୍ୟେକ ଉଦ୍ଧାର ସେମାନଙ୍କ ଯତ୍ନ ପ୍ରତି ଆମର ଦାୟିତ୍ୱକୁ ପ୍ରତିଫଳିତ କରିଥାଏ। ଗୌରୀର ଉଦ୍ଧାର ସହିତ ଆରମ୍ଭ ହୋଇଥିବା ଏହି ଯାତ୍ରା ଏବେ ହାତୀ କଲ୍ୟାଣ, ସେମାନଙ୍କ ଯତ୍ନ ନେଉଥିବା ବ୍ୟକ୍ତିଙ୍କୁ ସମର୍ଥନ, ଜ୍ଞାନ ଆଦାନପ୍ରଦାନ ଏବଂ ଭାରତ ତଥା ବିଶ୍ୱବ୍ୟାପୀ ସଂରକ୍ଷଣ ପ୍ରୟାସ ଯାଏଁ ବିସ୍ତାରିତ ହୋଇଛି। ବିଶ୍ୱ ହାତୀ ଦିବସରେ, ଆମେ ଏହି ମହାନ ପ୍ରାଣୀଙ୍କ ସମ୍ମାନ କରିବା ସହିତ ସେମାନଙ୍କ ଉନ୍ନତ ଭବିଷ୍ୟତ ପାଇଁ ଏକାଠି କାମ କରିବାର ଆମର ପ୍ରତିବଦ୍ଧତାକୁ ଦୋହରାଉଛୁ।

ରାଜସ୍ଥାନ ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ସଯ ଶର୍ମା, ବିଶ୍ୱ ହାତୀ ଦିବସରେ ଜୟପୁରର ହାତୀ ଗ୍ରାମରେ ହାତୀ ଯତ୍ନ ଏବଂ ଜୀବନର ଗୁଣବତ୍ତା ଉନ୍ନତ କରିବା ପାଇଁ ବନତାରା ସହିତ ସହଯୋଗ ଘୋଷଣା କରିଛନ୍ତି। ଏହି ପଦକ୍ଷେପ ଅଧୀନରେ, ଏକ ଆଧୁନିକ ହାତୀ ଚିକିତ୍ସା ଏବଂ ଯତ୍ନ ସୁବିଧା ବିକଶିତ କରାଯିବ, ଯେଉଁଥିରେ ଏକ ହସ୍ପିଟାଲ, ପୋଷଣ କେନ୍ଦ୍ର ଏବଂ ହାଇଡ୍ରୋ ଥେରାପି (ଜଳଚିକିତ୍ସା) ସୁବିଧା ଅ'ର୍ଭୁକ୍ତ ରହିବ। ବୃଦ୍ଧ ହାତୀମାନଙ୍କ ପାଇଁ ଏକ ଉତ୍ସର୍ଗୀକୃତ ଅବସର ଏବଂ ଯତ୍ନ କେନ୍ଦ୍ର ମଧ୍ୟ ପ୍ରତିଷ୍ଠା କରାଯିବ।

ବନତାରା ଆସାମ, ଅରୁଣାଚଳ ପ୍ରଦେଶ, ତ୍ରିପୁରା ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁର ରାଜ୍ୟ ବନ ବିଭାଗ ସହିତ ମିଳିତ ସହଯୋଗରେ ଏକ ହାତୀ କଲ୍ୟାଣ ଆଉଟରିଚ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପୂର୍ଣ୍ଣ କରିଛି। ଏହି ପଦକ୍ଷେପରେ ୧୮୨ ହାତୀ ଏବଂ ୨୪୨ ମାହୁ'ଙ୍କୁ ସାମିଲ କରାଯାଇଥିଲା। ହାତୀମାନଙ୍କର ସ୍ୱାସ୍ଥ୍ୟ, ମାନବୀୟ ଉପାୟରେ ଯତ୍ନ, ପ୍ରାଥମିକ ଚିକିତ୍ସା ଏବଂ ସର୍ବୋତ୍ତମ ପ୍ରବନ୍ଧନ ସମ୍ପର୍କିତ ପ୍ରଶିକ୍ଷଣ ଦିଆଯାଇଛି। ପଶୁଚିକିତ୍ସା ଏବଂ କଲ୍ୟାଣ କିଟ୍ ସହିତ, ପୋଷଣ ସମ୍ବନ୍ଧୀୟ ସହାୟତା ମଧ୍ୟ ଉପଲବ୍ଧ କରାଯାଇଥିଲା।

# ଭୁବନେଶ୍ୱରରେ ଓସ୍‌ମେ ପକ୍ଷରୁ ୪୧ତମ ପ୍ରତିଷ୍ଠା ଦିବସ ଓ ବାର୍ଷିକ ସମ୍ମିଳନୀ ପାଳିତ

**ଭୁବନେଶ୍ୱର, ୧୩।୮ (ନି.ପ୍ର) :** ଓଡ଼ିଶା ଆସେମ୍ବଲି ଅଫ୍ ସ୍ମଲ୍ ଆଣ୍ଡ୍ ମିଡିୟମ୍ ଏଣ୍ଟରପ୍ରାଇଜେସ୍ (ଓସ୍?ମେ) ଭୁବନେଶ୍ୱରଠାରେ ନିଜର ୪୧ତମ ପ୍ରତିଷ୍ଠା ଦିବସ ଓ ବାର୍ଷିକ ସମ୍ମିଳନୀ ୨୦୨୬ ପାଳନ କରିଛି। ଏହି ଅବସରରେ ସରକାରୀ ପ୍ରତିନିଧି, ଶିଳ୍ପ ନେତୃବୃନ୍ଦ, ଉଦ୍ୟୋଗୀ ଏବଂ ଏମ୍ଏସ୍ଏମ୍ଇ ଓ ଷ୍ଟାର୍ଟଅପ୍ କ୍ଷେତ୍ରର ପ୍ରମୁଖ ସଂପୃକ୍ତ ବ୍ୟକ୍ତିବିଶେଷ ଏକତ୍ରିତ ହୋଇଥିଲେ। ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପତି ମୁଖ୍ୟ ଅତିଥି ଭାବେ ଏହି ଉତ୍ସବରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ; ମାନ୍ୟବର ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ରାଜ୍ୟ ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ; ଏବଂ ଓଡ଼ିଶା ସରକାରଙ୍କ ଶିଳ୍ପ, ଗୃହ ଓ ସୂଚନା ଏବଂ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଆଇଏଏସ ଶ୍ରୀ ହେମନ୍ତ ଶର୍ମା, ଓଡ଼ିଶା ସରକାରଙ୍କ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର କମିଶନର-ତଥା-ସଚିବ ରଶ୍ମିତା ପଣ୍ଡା, ନ୍ୟାସନାଲ୍ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ନାଲକୋ)ର ଅଧ୍ୟକ୍ଷ-ତଥା-ପରିଚାଳନା ନିର୍ଦ୍ଦେଶକ, ଶ୍ରୀ ବ୍ରିଜେନ୍ଦ୍ର ପ୍ରତାପ ସିଂହ, ଏବଂ ଓସ୍?ମେର ଅଧ୍ୟକ୍ଷ ଗୌରୀ ଶଙ୍କର ଦାଶଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଏହି ସମ୍ମିଳନୀରେ ଓସ୍‌ମେ ସ୍ମାରକୀ ୨୦୨୬ ଉନ୍ମୋଚିତ ହୋଇଥିଲା ଏବଂ ଓଡ଼ିଶାର ଏମଏସଏମଇ କ୍ଷେତ୍ରକୁ ଅବଦାନ ପାଇଁ ଉଦ୍ୟୋଗୀ ଓ ଉଦ୍ୟୋଗଗୁଡ଼ିକୁ ଓସ୍?ମେ ପୁରସ୍କାର ୨୦୨୬ ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ମାଧ୍ୟମ ଉଦ୍ୟୋଗ, ଶ୍ରେଷ୍ଠ କ୍ଷୁଦ୍ର ଉଦ୍ୟୋଗ, ଶ୍ରେଷ୍ଠ ଅତିକ୍ଷୁଦ୍ର ଉଦ୍ୟୋଗ, ଶ୍ରେଷ୍ଠ ମହିଳା ଉଦ୍ୟୋଗୀ, ଶ୍ରେଷ୍ଠ ସେବା ଉଦ୍ୟୋଗ, ଶ୍ରେଷ୍ଠ



ପ୍ରତିଶ୍ରୁତିବଦ୍ଧ ଯୁବ ଉଦ୍ୟୋଗୀ ଏବଂ ଶ୍ରେଷ୍ଠ ମଦର ପ୍ଲାଣ୍ଟ ସମେତ ଅନ୍ୟାନ୍ୟ ବିଭିନ୍ନ ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଥିଲା। ଓଡ଼ିଶାର ପ୍ୟାକେଜିଂ ଶିଳ୍ପରେ ଅଗ୍ରଣୀ ଅବଦାନ ପାଇଁ କଟକ ଟଙ୍ଗୀସ୍ଥିତ ସୁଭଶ୍ରୀ ପ୍ୟାକର୍ସ ପ୍ରାଇଭେଟ୍ ଲିମିଟେଡ୍?ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ କାହ୍ନୁ ଚରଣ ନାୟକଙ୍କୁ 'ସତ୍ୟ ସ୍ୱାଇଁ ସ୍ମାରକୀ ଆଜୀବନ ସାଧନା ସମ୍ମାନ' ପ୍ରଦାନ କରାଯାଇଥିଲା। ଶ୍ରୀ ନାୟକ ୧୯୮୭ ମସିହାରେ ଓଡ଼ିଶାର ପ୍ରଥମ ଏକ୍ସପାଣ୍ଡେଡ୍ ପଲିଷ୍ଟାଇରିନ୍ ଉତ୍ପାଦନ କାରଖାନା ପ୍ରତିଷ୍ଠା କରିଥିଲେ ଏବଂ ରାଜ୍ୟରେ ନିଯୁକ୍ତି ସୃଷ୍ଟି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଥିଲେ।

# ଜିନ୍ଦଲ ଷ୍ଟେନଲେସ୍ ସ୍ଥାୟୀ ଅଭିବୃଦ୍ଧି ଏବଂ ଭବିଷ୍ୟତ ପ୍ରସ୍ତୁତ ଉତ୍ପାଦନ ପାଇଁ ରଣନୀତିକ ରୋଡମ୍ୟାପ୍‌ର ପ୍ରଦର୍ଶନ କରିଛି

**ଭୁବନେଶ୍ୱର, ୧୩।୮ (ନି.ପ୍ର):** ଦେଶର ଅଗ୍ରଣୀ ଷ୍ଟେନଲେସ୍ ଷ୍ଟିଲ୍ ଉତ୍ପାଦକ କମ୍ପାନୀ, ଜିନ୍ଦଲ ଷ୍ଟେନଲେସ୍ ଆର୍ଥିକ ବର୍ଷ ୨୬ର ସମନ୍ୱିତ ରିପୋର୍ଟ ଦି ମେଟାଲ ପ୍ରୋଗ୍ରେସ୍ ପ୍ରକାଶ କରିଛି । ଯାହା ଭବିଷ୍ୟତର ଶକ୍ତି, ଭାରତର ବିକଶିତ ଭିତିଭୂମି ଏବଂ ଉତ୍ପାଦନ ସହିତ ସଂଯୁକ୍ତ ଏକ ଅଧିକ ସହନଶୀଳ, ସ୍ଥାୟୀ ଏବଂ ଭବିଷ୍ୟତ ପ୍ରସ୍ତୁତ ଷ୍ଟେନଲେସ୍ ଷ୍ଟିଲ୍ ବ୍ୟବସାୟ ଗଠନ ପାଇଁ କମ୍ପାନୀର ରଣନୀତିକ ପ୍ରାଥମିକତାକୁ ବର୍ଣ୍ଣନା କରିଛି । ଭାରତ ବିକଶିତ ଭାରତ ୨୦୪୭ ର ଦୃଷ୍ଟିକୋଣ ଆଡକୁ ଅଗ୍ରସର ହେଉଥିବାବେଳେ ଭିତିଭୂମିକୁ ସୁଦୃଢ଼ କରିବା ତଥା ସେହି ଅନୁସାରେ ସେବା ଯୋଗାଇବା ପାଇଁ ଏହାକୁ ଡିଜାଇନ୍ କରାଯାଉଛି । ଏଥିସହିତ ସାମଗ୍ରୀର ସ୍ଥାୟୀତ୍ୱ, ଜୀବନଚକ୍ର ମୂଲ୍ୟ ଏବଂ ସ୍ଥିରତା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି । ଏହାର କ୍ଷୟ ପ୍ରତିରୋଧ, ସ୍ଥାୟୀତ୍ୱ ଏବଂ ପୁନଃବ୍ୟବହାରଯୋଗ୍ୟ କ୍ଷମତାକୁ ଦୃଷ୍ଟିରେ ରଖି ଷ୍ଟେନଲେସ୍ ଷ୍ଟିଲ୍ ଏହି ପରିବର୍ତନରେ ଏକ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଭାବରେ ଉଭା ହେଉଛି । ନୋମୁରାର ଏକ ସଦ୍ୟତମ ରିପୋର୍ଟ ଅନୁଯାୟୀ, ଧାତୁରେ କ୍ଷୟ ହେତୁ ଭାରତୀୟ ଅର୍ଥନୀତିକୁ ବାର୍ଷିକ ପ୍ରାୟ ୧୪.୧ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବାକୁ ହେବ ବୋଲି ଆକଳନ କରାଯାଇଛି । ଜିନ୍ଦଲ ଷ୍ଟେନଲେସ୍ ର ସମନ୍ୱିତ ବାର୍ଷିକ ରିପୋର୍ଟ ପରିବହନ, ଜଳ, ଶକ୍ତି, ପ୍ରତିରକ୍ଷା, ସହରାଂଚଳ ଭିତିଭୂମି ଏବଂ ଉପକୂଳ ବିକାଶରେ କ୍ଷୟ-ପ୍ରତିରୋଧୀ ଏବଂ ସମ୍ପୂର୍ଣ୍ଣ ପୁନଃ ବ୍ୟବହାର ଯୋଗ୍ୟ ସାମଗ୍ରୀର ବଢୁଥିବା ଗୁରୁତ୍ୱ ଉପରେ ଆଲୋକପାତ କରିଛି ।

ଏ ସମ୍ପର୍କରେ ଶ୍ରୀ ଅଭ୍ୟୁଦୟ ଜିନ୍ଦଲ, ପରିଚାଳନା ନିର୍ଦ୍ଦେଶକ, ଜିନ୍ଦଲ ଷ୍ଟେନଲେସ୍, କହିଛନ୍ତି, 'ଭାରତର ପରବର୍ତୀ ଅଭିବୃଦ୍ଧି ବର୍ଷରେ ନୁହେଁ ବରଂ, ଦଶନ୍ଧିରେ ଜଣାପଡ଼ିବ । ଏଥିପାଇଁ ଆମେ ନିର୍ମାଣ କରୁଥିବା ସାମଗ୍ରୀରୁ ଜଣାପଡ଼ିବ ଏବଂ ଏକ ପରିବର୍ତନ ଆଣିବ । ଆର୍ଥିକ ବର୍ଷ ୨୬ରେ, ଆମେ କିପରି ସ୍ଥିରତା ଏବଂ ଟେକ୍ନୋଲୋଜିର ବ୍ୟବହାର




କରିଥିଲୁ ଏବଂ ଯେଉଁଠାରେ ଆମେ କ୍ଷମତା ବିନିଯୋଗ କରିଥିଲୁ, ଆମର ରଣନୀତି ଗ୍ରାହକ, ସମୁଦାୟ ଓ ଦେଶ ପାଇଁ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି କରିବା ଉପରେ କେନ୍ଦ୍ରିତ ଥିଲା । ଯାହା ଭାରତର ଅଭିବୃଦ୍ଧି କାହାଣୀରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେଇଥିଲା ।

ଏହି ଲକ୍ଷ୍ୟକୁ ସମର୍ଥନ କରି କମ୍ପାନୀ ଆର୍ଥିକ ବର୍ଷ ୨୬ରେ ଏହାର ଉତ୍ପାଦନ କ୍ଷମତାକୁ ମଜଭୁତ କରିବା ଜାରି ରଖିଛି । ଏହା ନିର୍ଦ୍ଧାରିତ ସମୟ ପୂର୍ବରୁ ଇଣ୍ଡୋନେସିଆରେ ଏହାର ୧.୨ ଏମଟିପିଏ ଷ୍ଟେନଲେସ୍ ଷ୍ଟିଲ୍ ମେଲ୍ଟ ଆରମ୍ଭ କରିଛି । ଏହାର ମେଲ୍ଟିଂ କ୍ଷମତାକୁ ୪.୨ ଏମଟିପିଏକୁ ବୃଦ୍ଧି କରିଛି । ଯେତେବେଳେ ମୂଲ୍ୟଯୁକ୍ତ କ୍ଷମତା ବୃଦ୍ଧି ଏବଂ ଉଦୀୟମାନ ପ୍ରୟୋଗଗୁଡ଼ିକୁ ସମର୍ଥନ କରିବା ପାଇଁ ସମଗ୍ର ଭାରତରେ ଡାଉନଷ୍ଟ୍ରିମ୍ ବିସ୍ତାର ଜାରି ରଖିଛି । ସମାନ୍ତରାଳ ଭାବେ, ଏହା ପ୍ରତିରକ୍ଷା, ଏରୋସ୍ପେସ୍, ଗତିଶୀଳତା, ରେଳ ଏବଂ ଶିଳ୍ପ ପ୍ରୟୋଗରେ ସ୍ୱତନ୍ତ୍ର ଷ୍ଟେନଲେସ୍ ଷ୍ଟିଲ୍ ସମାଧାନର ପୋର୍ଟଫୋଲିଓକୁ ଦୃଢ଼ କରିଛି । ଭାରତରେ କ୍ଷୁଦ୍ର ଉପଗ୍ରହ ଉତକ୍ଷେପଣ ଯାନ କାର୍ଯ୍ୟକ୍ରମ ପାଇଁ ଏହାର ପ୍ରଥମ ବାଣିଜ୍ୟିକ ଏରୋସ୍ପେସ୍ ଅର୍ଡର ହାସଲ କରିଛି ଏବଂ ଉଚ୍ଚ-ପ୍ରଦର୍ଶନ, ରଣନୀତିକ କ୍ଷେତ୍ର ପାଇଁ ଉନ୍ନତ ଗ୍ରେଡ୍ ବିକାଶ ଜାରି ରଖିଛି । କମ୍ପାନୀର ଉତ୍ପାଦନ ଏବଂ ଅଭିବୃଦ୍ଧି ରଣନୀତି ପାଇଁ ସ୍ଥିରତା ଅବିଚ୍ଛେଦ୍ୟ ଅଙ୍ଗ ଭାବେ ରହିଥିଲା । ଆର୍ଥିକ ବର୍ଷ ୨୬ରେ, ଜିନ୍ଦଲ ଷ୍ଟେନଲେସ୍ ଏହାର ୩୧୫.୬ ମେଗାୱାଟ ସୌର-ପବନ ହାଇବ୍ରିଡ୍ ଅକ୍ଷୟ ଶକ୍ତି ପ୍ରକଳ୍ପକୁ ଓଏଷ୍ଟର ନବୀକରଣ ଯୋଗ୍ୟ ଶକ୍ତି ସହିତ ଅଗ୍ରଗତି କରିଛି । ଯାହା ଆଜି ପର୍ଯ୍ୟ' ଏହାର ସର୍ବବୃହତ ଅକ୍ଷୟ ଶକ୍ତି ବିନିଯୋଗ। କମ୍ପାନୀର ହିସାର ଏବଂ ଯାଜପୁର ସୁବିଧାରେ ମୋଟ ବିଦ୍ୟୁତ ବ୍ୟବହାରର ପ୍ରାୟ ୪୭% ଅକ୍ଷୟ ଉତ୍ସ ଅଟେ । କମ୍ପାନୀ ଏହାର ଇଲେକ୍ଟ୍ରିକ୍ ଆର୍କ ଫର୍ଣ୍ଣେସ୍ ଆଧାରିତ ଉତ୍ପାଦନ ପ୍ରକ୍ରିୟାରେ ପ୍ରାୟ ୭୦% ପୁନଃ ବ୍ୟବହୃତ ସ୍କ୍ରାପ୍ ବ୍ୟବହାର ବଜାୟ ରଖିଛି ଏବଂ ୨୦୩୫ ସୁଦ୍ଧା ସ୍କୋପ୍ ୧ ଏବଂ ସ୍କୋପ୍ ୨ ନିର୍ଗମନକୁ ୫୦% ହ୍ରାସ କରିବା ଏବଂ ୨୦୫୦ ସୁଦ୍ଧା ନେଟ୍ ଜିରୋ ହାସଲ କରିବା ପାଇଁ ଏହାର ଲକ୍ଷ୍ୟ ଦିଗରେ ଅଗ୍ରସର ହେଉଛି ।

# ଏଚପି ପକ୍ଷରୁ ଭାରତରେ ଏଚପି ଓମନିପ୍ୟାଡ ୧୨ର ଉପଲବ୍ଧତା ଘୋଷଣା

**ନୂଆଦିଲ୍ଲୀ,୧୨।୮ (ନି.ପ୍ର):** ଏଚପି ଇଣ୍ଡିଆ ଆଜି ଏଚପି ଓମନିପ୍ୟାଡ ୧୨ର ଉପଲବ୍ଧତା ବିଷୟରେ ଘୋଷଣା କରିଛି । ଯାହା ଲୋକଙ୍କ ପାଠପଢ଼ା, କାମ ଏବଂ ସୃଜନଶୀଳତାକୁ ଧ୍ୟାନରେ ରଖି ତିଆରି କରାଯାଇଛି । ଏହା ଉଭୟ ଲାପଟପ ଏବଂ ଟାବଲେଟର ଅନୁଭବ ପ୍ରଦାନ କରିବ । ଛାତ୍ରଛାତ୍ରୀ, ପ୍ରଥମଥର ବ୍ୟବହାରକାରୀ, ଏମଏସଏମଇ ଏବଂ ଯୁବ ପେଷାଦାରଙ୍କ ପାଇଁ ଉଦ୍ଦିଷ୍ଟ ଏହି ଏଚପି ଓମନିପ୍ୟାଡ ୧୨ ଆଜିକାଲିର ଶିକ୍ଷା, ସହଯୋଗିତା ଏବଂ ଦୈନନ୍ଦିନ ଉତ୍ପାଦକତାକୁ ସହଜ କରିବା ପାଇଁ ତିଆରି ହୋଇଛି । ଏ ସମ୍ପର୍କରେ ଏଚପି ଇଣ୍ଡିଆର ସିନିୟର ଡାଇରେକ୍ଟର (ପର୍ସନାଲ ସିଷ୍ଟମ୍ସ) ବିନୀତ ଗେହାନୀ କହିଛନ୍ତି "ଏଚପିରେ ଆମେ ବିଶ୍ୱାସ କରୁ ଯେ ପ୍ରଯୁକ୍ତି ଲୋକଙ୍କ ବ୍ୟବହାର କରିବାର ଶୈଳୀ ଅନୁସାରେ ହେବା ଉଚିତ୍ । ଏଚପି ଓମନିପ୍ୟାଡ ୧୨କୁ ସ୍ୱତନ୍ତ୍ର ଭାବରେ ଭାରତର ବିଭିନ୍ନ ବର୍ଗର ବ୍ୟବହାରକାରୀଙ୍କ ପାଇଁ ଡିଜାଇନ୍ କରାଯାଇଛି - ନୂଆ ଦକ୍ଷତା ଶିଖୁଥିବା ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ବ୍ୟବସାୟ ଚଳାଉଥିବା ଏମଏସଏମଇ ଏବଂ ଡିଜିଟାଲ୍ ସୁଯୋଗ ଆପଣାଉଥିବା ନୂଆ ବ୍ୟବହାରକାରୀଙ୍କ ପର୍ଯ୍ୟନ୍ତ ।, ଏଚପି ଓମନିପ୍ୟାଡ



୧୨ର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ ଗୁଡିକ ମଧ୍ୟରେ ରହିଛି, ୧୨-ଇଞ୍ଚର ୨କେ ମଲ୍ଟି-ଟଚ୍ ଡିସପ୍ଲେ, ୪୦୦ ନିଟ୍ସ ପର୍ଯ୍ୟନ୍ତ ବ୍ରାଇଟନେସ୍ ଏବଂ ୯୦ହର୍ଜ ପର୍ଯ୍ୟନ୍ତ ରିଫ୍ରେସ୍ ରେଟ୍ ଅଛି । ଏହାର ୧୮ ଘଣ୍ଟାର ବ୍ୟାଟେରୀ ଲାଇଫ, ଓଜନ ମାତ୍ର ୬୦୦ ଗ୍ରାମ୍, ଡିଟିଏସ ଅଲ୍ଟ୍ରା ସହିତ କ୍ୱାଡ୍ ସ୍ପିକର, ଦୁଇଟି ହାଇ-ଏସଏନଆର ମାଇକ୍ରୋଫୋନ୍, ୮ ମେଗାପିକ୍ସେଲ୍ ଫ୍ରଣ୍ଟ କ୍ୟାମେରା ଏବଂ ୧୩ ମେଗାପିକ୍ସେଲ୍ ରିଅର୍ କ୍ୟାମେରା ଭଳି ଫିଚର ଏହାକୁ ଛାତ୍ରଛାତ୍ରୀ, ପ୍ରଥମଥର ବ୍ୟବହାରକାରୀ, ଏମଏସଏମଇ ଏବଂ ଯୁବ ପେଷାଦାରଙ୍କ ପାଇଁ ଏକ ଉପଯୁକ୍ତ ଉତ୍ପାଦ ବନାଇଛି ।

ଏଚପି ଓମନିପ୍ୟାଡ ୧୨ ଏବେ ଡେନିମ୍ ବ୍ଲୁ ଏବଂ ମିଟିଓର୍ ସିଲଭର୍ ରଙ୍ଗରେ ଏଚପି ଅନଲାଇନ୍ ଷ୍ଟୋ', ଆମାଜନ୍, ରିଲାଏନ୍ସ, ଫ୍ଲିପକାର୍ଟ, କ୍ରୋମା ଏବଂ ଏଚପି ୱାର୍ଲ୍ଡ ଷ୍ଟୋ?ଗୁଡ଼ିକରେ ୪୮,୯୯୯ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ଉପଲବ୍ଧ । ଏହାର ଲଞ୍ଚ ଅଫର ଭାବେ ଗ୍ରାହକ କିଛି ନିର୍ଦ୍ଦିଷ୍ଟ ବ୍ୟାଙ୍କ କ୍ରେଡିଟ୍ କାର୍ଡରେ ୫,୦୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାସବ୍ୟାକ୍ ପାଇବା ସହ, ଜିପିଟି ୫, କ୍ଲଡ୪, ଜେମିନି ୨.୫, ପରପ୍ଲେକ୍ସିଟି, ଗ୍ରକ ୪ ଏବଂ ଡିପ ସିକର ୧୬,୦୦୦ ଟଙ୍କା ମୂଲ୍ୟର ୧ ବର୍ଷର ମାଗଣା ସବସ୍କ୍ରିପସନ୍ ପାଇ ପାରିବେ ।

# ଟେବଲ୍‌ସ୍ପେସ୍ ଟେକ୍ନୋଲୋଜିସ୍ ଲିମିଟେଡ୍ ପକ୍ଷରୁ ସେବି ନିକଟରେ ଡିଆର୍‌ଏଚ୍‌ପି ଦାଖଲ

**ଭୁବନେଶ୍ୱର, ୧୩।୮ (ନି.ପ୍ର) :** ବେଙ୍ଗାଲୁରୁରେ ମୁଖ୍ୟ କାର୍ଯ୍ୟାଳୟ ଥିବା ଟେବଲସ୍ପେସ୍ ଟେକ୍ନୋଲୋଜିସ୍ ଲିମିଟେଡ୍ ପକ୍ଷରୁ ଏହାର ପ୍ରସ୍ତାବିତ ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ) ପାଇଁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫ୍ଟ ରେଡ୍ ହେରିଂ ପ୍ରୋସ୍ପେକ୍ଟସ୍ (ଡିଆର୍ଏଚ୍ପି) ଦାଖଲ କରାଯାଇଛି। ଏହି ଆଇପିଓରେ ୮୦୦ କୋଟି ଟଙ୍କାର ନୂଆ ଇକ୍ୱିଟି ସେୟାର ଜାରି କରାଯିବ ଏବଂ ଅଫର ଫର ସେଲ୍ରେ ୬୫,୪୭୫,୪୩୨ ଇକ୍ୱିଟି ସେୟାର ବିକ୍ରି କରାଯିବ। ଅଫର ଫର୍ ସେଲ୍ରେ ଏଜିଏସ୍ ଟିଏସ୍ ୨ ହୋଲ୍ଡିଂସ୍ ପିଟିଇ ଲିମିଟେଡ୍ ୪୯,୮୩୪,୧୪୦ ପର୍ଯ୍ୟନ୍ତ ଇକ୍ୱିଟି ସେୟାର, କରଣ ଚୋପ୍ରା ୧,୩୧୧,୪୩୦ ପର୍ଯ୍ୟନ୍ତ ଇକ୍ୱିଟି ସେୟାର ଓ କୁନାଲ ମେହେରା ୧୦,୦୭୪,୭୪୦ ପର୍ଯ୍ୟ' ଇକ୍ୱିଟି ସେୟାର ବିକ୍ରି କରିବେ। କମ୍ପାନିର ପ୍ରମୋଟରମାନେ ହେଉଛନ୍ତି କରଣ ଚୋପ୍ରା, କୁନାଲ ମେହେରା, ସରିତା ବାନାର୍ଜୀ, କେଏଏମ ଆଡଭାଇଜର୍ସ ପ୍ରାଇଭେଟ ଲିମିଟେଡ ଓ ଏଜିଏସ ଟିଏସ ୨ ହୋଲଡିଂସ ପିଟିଇ ଲିମିଟେଡ।

ଏହା ବ୍ୟତୀତ ଓଏଫଏସରେ ଶ୍ରୀନିବାସ ପ୍ରସାଦ ୧,୯୬୭,୧୪୦ ପର୍ଯ୍ୟନ୍ତ ଇକ୍ୱିଟି ସେୟାର, ନରେନ୍ଦ୍ର କୁମାର କାମରାଜୁ ୭୨୩,୯୧୦ ପର୍ଯ୍ୟ' ଇକ୍ୱିଟି ସେୟାର ଓ ଆରଏସପି ରିଅଲ ଇଷ୍ଟେଟ ଏଲଏଲପି ୮୪୦,୧୬୨ ପର୍ଯ୍ୟ' ଇକ୍ୱିଟି ସେୟାର ଓ ରାମଚନ୍ଦ୍ର ଭେଙ୍କଟସୁବା ରାଓ ୭୨୩,୯୧୦ ପର୍ଯ୍ୟନ୍ତ ଇକ୍ୱିଟି ସେୟାର ବିକ୍ରି କରିବେ। କମ୍ପାନି ପକ୍ଷରୁ ଗ୍ଲୋବାଲ କାପାବିଲିଟି ସେଂଟର, ଫର୍ଚ୍ଚୁନ ୫୦୦ କମ୍ପାନି ଓ ବହୁଦେଶୀୟ କମ୍ପାନିକୁ କର୍ମକ୍ଷେତ୍ର ଯୋଗାଇ ଦେଉଛି। ଡିଆରଏଚପି ଅନୁସାରେ ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା କମ୍ପାନିର ପରିଚାଳନା ଅଧୀନରେ ୯.୩୩ ନିୟୁତ ବର୍ଗଫୁଟର ଲିଜ ସ୍ଥାନ ରହିଛି ଓ ତାହାର ୯୮.୦୧ ପ୍ରତିଶତ ଏ ଗ୍ରେଡ ସଂପତିରେ ରହିଛି। କମ୍ପାନିର ଅକ୍ୟୁପାନ୍ସି ହାର ୯୨.୬୪ ପ୍ରତିଶତ ରହିଛି। ୨୦୨୫-୨୬ ଆର୍ଥିକ ବର୍ଷରେ କମ୍ପାନିର ରାଜସ୍ୱ ପରିମାଣ ୨୪,୭୭୬.୮୩ ନିୟୁତ ଟଙ୍କା ଥିଲା ଯାହା ଗତବର୍ଷ ତୁଳନାରେ ୫୬.୪୨ ପ୍ରତିଶତ ଅଧିକ। ଏହି ସମୟରେ କମ୍ପାନିର ଏବିଟଡା ୪୫୩୭.୯୯ ନିୟୁତ ଟଙ୍କା ଥିଲା ଯାହା ପୂର୍ବବର୍ଷ ତୁଳନାରେ ୧୨୪.୩୬ ପ୍ରତିଶତ ଅଧିକ। ଟିକସ ପୂର୍ବବର୍ତୀ ଲାଭ ୧୩୪୭.୧୨ ନିୟୁତ ଟଙ୍କା ଥିଲା। ଏହି ଅଫରର ବୁକ ରନିଂ ଲିଡ ମ୍ୟାନେଜର ହେଉଛ' ଆକ୍ସିସ କ୍ୟାପିଟାଲ ଲିମିଟେଡ, ବିଓଏଫଏ ସିକ୍ୟୁରିଟିଜ ଇଣ୍ଡିଆ ଲିମିଟେଡ, ସିଏଲଏସଏ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ, ଆଇଆଇଏଫଏଲ କ୍ୟାପିଟାଲ ସର୍ଭିସେସ ଲିମିଟେଡ ଓ ଜେଏମ ଫାଇନାନ୍ସିଆଲ ଲିମିଟେଡ ଏବଂ ରେଜିଷ୍ଟ୍ରାର ହେଉଛି କେଫିନ ଟେକ୍ନୋଲୋଜିସ୍ ଲିମିଟେଡ୍।

# ହିଣ୍ଡାଲ୍‌କୋର ବାଫ୍‌ଲିମାଳି ଦୀର୍ଘସ୍ଥାୟୀ ଖଣି କାର୍ଯ୍ୟପଦ୍ଧତି ନିମନ୍ତେ ଏଏସ୍‌ଆଇ ମାନ୍ୟତା

**ଭୁବନେଶ୍ୱର, ୧୩।୮ (ନି.ପ୍ର) :** ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଅଗ୍ରଣୀ ଧାତବ କମ୍ପାନୀ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡର ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ (ୟୁଏଆଇଏଲ) ଓଡ଼ିଶାର ରାୟଗଡା ଜିଲ୍ଲାରେ ଥିବା ତାହାର ବାଫ୍‌ଲିମାଳି ବକ୍ସାଇଟ ଖଣି ନିମନ୍ତେ ଆଲୁମିନିୟମ ଷ୍ଟିୱାର୍ଡସିପ୍ ଇନିସିଏଟିଭ୍ (ଏଏସ୍‌ଆଇ) ପରଫରମାନ୍ସ ଷ୍ଟାଣ୍ଡାର୍ଡ ଭି୩.୧ (୨୦୨୩) ପ୍ରମାଣନ ହାସଲ କରିଥିବା ବିଷୟ ଘୋଷଣା କରିଛି। ଏଏସ୍‌ଆଇ ପରଫରମାନ୍ସ ଷ୍ଟାଣ୍ଡାର୍ଡ ଭି୩.୧ ପ୍ରମାଣନରେ ଯୋଜନା ପ୍ରସ୍ତୁତି, ଖଣି କାର୍ଯ୍ୟ, ଉକ୍ତ ସ୍ଥାନରେ ଚୂର୍ଣ୍ଣ କରିବା ଏବଂ ବାଫ୍‌ଲିମାଳି ବକ୍ସାଇଟ ଖଣିଗୁଡିକରୁ ବକ୍ସାଇଟକୁ କନ୍‌ଭେୟର ପରିବହନ ଆଦି ସାମିଲ ରହିଛି, ଯାହାର ବାର୍ଷିକ ଉତ୍ପାଦନ କ୍ଷମତା ୮.୫ ନିୟୁତ ଟନ୍




ରହିଛି। ଏହି ଖଣିଗୁଡିକ ଉତ୍କଳ ଆଲୁମିନା ବିଶୋଧନାଗାର ପରିଚାଳନା ନିମନ୍ତେ ବକ୍ସାଇଟ ଯୋଗାଣ କରୁଛି ଏବଂ ହିଣ୍ଡାଲ୍‌କୋର ସମନ୍ୱିତ ଆଲୁମିନିୟମ ମୂଲ୍ୟ ଶୃଙ୍ଖଳର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଅଟେ। ଏହି ସଫଳତା ସହିତ ବାଫ୍‌ଲିମାଳି ଏଏସ୍‌ଆଇ ପରଫରମାନ୍ସ ଷ୍ଟାଣ୍ଡାର୍ଡ ଭି୩.୧ ମାନ୍ୟତା ହାସଲ କରିବାରେ ଭାରତର ପ୍ରଥମ ବକ୍ସାଇଟ ଖଣି କାର୍ଯ୍ୟପଦ୍ଧତି ହୋଇଛି। ଏହି ଉଲ୍ଲେଖନୀୟ ସଫଳତା ହିଣ୍ଡାଲ୍‌କୋର ଏଏସ୍‌ଆଇ-ପ୍ରମାଣିକୃତ ବର୍ଗମାଳା ସମୁଦାୟ ଖଣି କାର୍ଯ୍ୟ, ସ୍ମେଲଟିଂ ଏବଂ ଡାଉନଷ୍ଟ୍ରିମ ଉତ୍ପାଦନ ପରିଚାଳନାରେ ୧୧ଟି କାର୍ଯ୍ୟକ୍ଷେତ୍ରକୁ ସମ୍ପ୍ରସାରିତ ହୋଇଛି। ପ୍ରମାଣିକୃତ କାର୍ଯ୍ୟ ପରିଚାଳନା ବର୍ଗମାଳା ମଧ୍ୟରେ ମଉଦା, ହୀରାକୁଦ ଏଫଆରପି, ତଲୋଜା, କୁପ୍ପମ୍, ଆଲୁପୁରମ୍, ବେଲୁର, ରେଣୁକୋଟ, ବେଲଗାଭୀ, ହୀରାକୁଦ ଓ ଆଦିତ୍ୟରେ ଥିବା କାରଖାନାଗୁଡିକ ରହିଛି।

# ରାମରାଜ କଟନ ପକ୍ଷରୁ ନୂତନ ସମ୍ଭାର 'ପଞ୍ଚ'

**ଭୁବନେଶ୍ୱର, ୧୩।୮ (ନି.ପ୍ର) :** ରାମରାଜ କଟନ ଆଜି ଓଡ଼ିଶାରେ ପଞ୍ଚ ଶୁଭାରମ୍ଭ କରିଛି, ଯେଉଁ ମାଟିରୁ ଏହା ନିଜର ପରିଚୟ ଆକର୍ଷିତ କରେ ସେହି ମାଟିରେ ଏହାର ନୂତନ ହସ୍ତତନ୍ତ ପ୍ରଦାନ ଆଣିଛି। ପଞ୍ଚ ମୟୂରଭଞ୍ଜର ପାରମ୍ପରିକ ସାନ୍ତାଳୀ ବୁଣାକୁ ଏକ ସମସାମୟିକ ଧୋତି ଭାବରେ ପୁନଃକଳ୍ପନା କରେ, ଯାହା ମୟୂରଭଞ୍ଜର ଗ୍ରାମଗୁଡ଼ିକରୁ ରାଜ୍ୟର ସ୍ୱଦେଶୀ ବସ୍ତ୍ର ଐତିହ୍ୟକୁ ସମସାମୟିକ ଭାରତର ପୋଷାକରେ ପରିଣତ କରିଥାଏ। ଭୁବନେଶ୍ୱରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡ଼ିଶାର ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ ମୁଖ୍ୟ ଅତିଥି, ମୌନା ଧ୍ୱାନୀ ଫାଉଣ୍ଡେସନର ପ୍ରତିଷ୍ଠାତା, ସୁଶ୍ରୀ ବିନ୍ଦୁ ବିନୋଧନ ସମ୍ମାନିତ ଅତିଥି ଏବଂ ରାମରାଜ କଟନର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ବି.ଆର. ଅରୁଣ ଈଶ୍ୱରଙ୍କ ଉପସ୍ଥିତିରେ ଓଡ଼ିଶାରେ ଶୁଭାରମ୍ଭ ହୋଇଥିଲା। ଉଲ୍ଲେଖନୀୟ ଯେ, ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାର ଆଦିବାସୀ ମହିଳା ବୁଣାକାରଙ୍କ ପ୍ରତିନିଧିମାନେ ଯୋଗ ଦେଇଥିଲେ, ଯାହାଙ୍କ ପିଢ଼ି ପରେ ପିଢ଼ି ପୁରୁଣା କାରିଗରୀ ପଞ୍ଚ ର ମୂଳଦୁଆ ଗଠନ କରିଥାଏ - ଏହା ଓଡ଼ିଶାକୁ ସେମାନଙ୍କ ଐତିହ୍ୟ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ଏହା ଉତ୍ପାଦର ଏକ ଉତ୍ସବ ମଧ୍ୟ। ପଞ୍ଚ କିଛି ମନୋନୀତ ରାମରାଜ କଟନ୍ ସ୍ୱତନ୍ତ୍ର ଷ୍ଟୋରରେ ଏବଂ ଅନଲାଇନରେ




www.ramrajcotton.in/collections/panchaa-handwoven-dhotis ରେ ଉପଲବ୍ଧ ହେବ। ଏହି ଶୁଭାରମ୍ଭ ବିଷୟରେ ମତାମତ ଦେଇ, ରାମରାଜ କଟନର ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷ କେ.ଆର. ନାଗରାଜନ କହିଛନ୍ତି: 'ମୟୂରଭଞ୍ଜର ସୁନ୍ଦର ସାନ୍ତାଳୀ ବୟନର ଜନ୍ମସ୍ଥାନ ଓଡ଼ିଶାରେ ପଞ୍ଚମ୍ ଶୁଭାରମ୍ଭ କରିବା ଏବଂ ପିଢ଼ି ପରେ ପିଢ଼ି ଧରି ଏହି ଉଲ୍ଲେଖନୀୟ ପରମ୍ପରାକୁ ସଂରକ୍ଷଣ କରିଥିବା ମହିଳା ବୁଣାକାର ଏବଂ କାରିଗର ସମ୍ପ୍ରଦାୟଙ୍କ ଉପସ୍ଥିତିରେ ଏହା କରିବା ଏକ ସୌଭାଗ୍ୟର କଥା। ଆଜି କେବଳ ଏକ ନୂତନ ଧୋତିର ଉନ୍ମୋଚନ ନୁହେଁ, ବରଂ ସେମାନଙ୍କର କାରିଗରୀ, ସମର୍ପଣ ଏବଂ ସାଂସ୍କୃତିକ ଐତିହ୍ୟର ଏକ ଉତ୍ସବ। ରାମରାଜ କଟନରେ, ଆମେ ବିଶ୍ୱାସ କରୁ ଯେ ଭାରତର ସମୃଦ୍ଧ ବୟନ ପରମ୍ପରା ଅଧିକ ଲୋକଙ୍କ ଦ୍ୱାରା ଦେଖାଯିବା, ସମ୍ମାନ ପ୍ରଦାନ କରିବା ଏବଂ ପିନ୍ଧିବା ଉଚିତ। ପଞ୍ଚମ୍ ମାଧ୍ୟମରେ, ଆମେ ଏହାର ପ୍ରାମାଣିକତା ପ୍ରତି ସତ୍ୟ ରହିବା ସହିତ ଏହି ଅନନ୍ୟ ବୟନକୁ ଏକ ସମସାମୟିକ ରୂପରେ ସମ୍ମାନର ସହିତ ପୁନଃକଳ୍ପନା କରିଛୁ। ଆମେ ଆଶା କରୁଛୁ ଯେ ଏହି ପଦକ୍ଷେପ ହସ୍ତଶିଳ୍ପକୁ ଅଧିକ ସ୍ୱୀକୃତି ପ୍ରଦାନ କରିବ, ବୁଣାକାର ସମ୍ପ୍ରଦାୟ ପାଇଁ ଅର୍ଥପୂର୍ଣ୍ଣ ଜୀବିକାର ସୁଯୋଗ ସୃଷ୍ଟି କରିବ ଏବଂ ଭବିଷ୍ୟତ ପିଢ଼ିକୁ ଏହି ଗର୍ବିତ ଐତିହ୍ୟକୁ ଜାରି ରଖିବା ପାଇଁ ଉତ୍ସାହିତ କରିବ।'ଏହି କାର୍ଯ୍ୟକ୍ରମରେ ଯୋଗଦେଇ ରାମରାଜ କଟନର ପରିଚାଳନା ନିର୍ଦ୍ଦେଶକ ଶ୍ରୀଯୁକ୍ତ ବି.ଆର. ଅରୁଣ ଈଶ୍ୱର କହିଛନ୍ତି: 'ଆମ ପାଇଁ, ପଞ୍ଚ କେବଳ ଏକ ଉତ୍ପାଦ ଶୁଭାରମ୍ଭ ନୁହେଁ, ଏହା ଏକ ଜୀବିକା ପୁନରୁଦ୍ଧାର ମଡେଲ୍। ଆମର ଆଭିମୁଖ୍ୟ ଥିଲା ଏହି ଐତିହ୍ୟ ପାଇଁ ଏକ ସ୍ଥାୟୀ ବାଣିଜ୍ୟିକ ପଥ ନିର୍ମାଣ କରିବା, ଯାହା ଭାରତରେ ସବୁଠାରୁ ଅଧିକ ଚାହିଦା ଥିବା ପୋଷାକ ମଧ୍ୟରୁ ଗୋଟିଏ, ଧୋତିରେ ପରିଣତ କରି। ଏହାର ଗୁଣାତ୍ମକ ଉତ୍ପାଦ ପାଇଁ ଜଣାଶୁଣା ହେବା ବ୍ୟତୀତ, ରାମରାଜ କଟନ୍ ଦକ୍ଷିଣ ଭାରତରେ ହଜାର ହଜାର ବୁଣାକାରଙ୍କ ଜୀବିକା ବଜାୟ ରଖିବା ପାଇଁ ଦୀର୍ଘ ଦିନ ଧରି ଜଣାଶୁଣା। ପଞ୍ଚମ୍‌ର ଶୁଭାରମ୍ଭ ହେଉଛି ଏହି ସମାନ ଦାୟିତ୍ୱକୁ ଆଗକୁ ବହନ କରିବା ଏବଂ ଦକ୍ଷିଣ ଭାରତ ବାହାରେ ମଧ୍ୟ ବୁଣାକାର ସମ୍ପ୍ରଦାୟ ପାଇଁ ଜୀବିକା ନିର୍ମାଣ କରିବା।' ମୟୂରଭଞ୍ଜର ସାନ୍ତାଳି ଆଦିବାସୀ ସମ୍ପ୍ରଦାୟର ମହିଳାମାନଙ୍କ ଦ୍ୱାରା ପାରମ୍ପରିକ ଭାବରେ ଶାଢ଼ି ଭାବରେ ବୁଣାଯାଉଥିବା ଏହି ସ୍ୱତନ୍ତ୍ର ବୟନ, ହ୍ରାସ ପାଉଥିବା ପୃଷ୍ଠପୋଷକତା, ପରିବର୍ତ୍ତିତ ଜୀବନଶୈଳୀ ଏବଂ ସୀମିତ ବଜାର ସୁଯୋଗ ଯୋଗୁଁ ଦଶନ୍ଧି ଧରି ଧୀରେ ଧୀରେ ଲୋକପ୍ରିୟତା ହରାଇ ବସିଛି।

# ଦିଲ୍ଲୀପ ବିଲ୍‌ଡକନ୍ ନିର୍ମାଣାଧୀନ ବିଦ୍ୟୁତ୍ ସଂଚରଣ ଓ ସୌର ପ୍ରକଳ୍ପର ଅଂଶଧନ ଆଲଫା ଅଲଟରନେଟିଭ୍‌ସକୁ ବିକ୍ରି କରିବାକୁ ସହମତ

**ଭୁବନେଶ୍ୱର, ୧୩।୮ (ନି.ପ୍ର) :** ଭାରତର ଅଗ୍ରଣୀ ବହୁ ସଂପତି ଭିତିକ ଭିତିଭୂମି କମ୍ପାନି ଦିଲ୍ଲୀପ ବିଲଡକନ ପକ୍ଷରୁ ଘୋଷଣା କରାଯାଇଛି ଯେ ଏହାର ୨୦୨୬ ଅଗଷ୍ଟ ୧୦ରେ ଅନୁଷ୍ଠିତ ବୋର୍ଡ ବୈଠକରେ ମେଖାଲି ପାୱାର ଟ୍ରାନ୍ସମିସନ ଲିମିଟେଡ ଓ ଡିବିଏଲ ରିନୁଏଲବଲ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ମାଣାଧୀନ ବିଦ୍ୟୁତ ସଂଚରଣ ଓ ସୌର ପ୍ରକଳ୍ପର ଅଂଶଧନକୁ ଆଲ୍‌ଫା ଅଲ୍‌ଟରନେଟିଭ୍‌ସ ଫଣ୍ଡ ଆଡଭାଇଜର୍ସ ଏଲ୍‌ଏଲ୍‌ପିକୁ ବିକ୍ରି କରିବା ପ୍ରସ୍ତାବକୁ ମୁର କରାଯାଇଛି। ଏହି କାରବାରର ମୋଟ ପରିମାଣ ହେଉଛି ୮୪୦୦ କୋଟି ଟଙ୍କା। କର୍ଣ୍ଣାଟକର ବେଲଗାଭି ଜିଲ୍ଲାରେ ମେଖାଲି ପାୱାର ଟ୍ରାନ୍ସମିସନ ଲିମିଟେଡ ୪୦୦ କିଲୋଭୋଲ୍ଟର ସବ୍-ଷ୍ଟେସନ ପାୱାର ପ୍ରକଳ୍ପ ଓ ଡିବିଏଲ୍ ରିନୁଏବଲ ପ୍ରାଇଭେଟ୍ ଲିମିଟେଡ୍ ସାରା ମଧ୍ୟରେ ପ୍ରଦେଶରେ ୧୦ଟି ଏସପିଭି ଜରିଆରେ ୧୩୬୩ ମେଗାୱାଟ (ଏସି)/ ୧୯୭୭ ଏମଡବ୍ଲ୍ୟୁପି (ଡିସି) ସୋଲାର ପ୍ରକଳ୍ପ ବିକାଶ କରିବାରେ ନିୟୋଜିତ ରହିଛି। ଏହି ବୁଝାମଣା ପାଇଁ ନିର୍ଦ୍ଦିଷ୍ଟ ଚୁକ୍ତି ସ୍ୱାକ୍ଷରିତ ହୋଇନାହିଁ। ଏହି ପ୍ରି ପ୍ରତ୍ୟାହାର ଡିବିଏଲ୍ ପାଇଁ ମୂଲ୍ୟକୁ ଉନ୍ମୁକ୍ତ କରିବାର ଏକ ସୁଯୋଗ ଯାହା କମ୍ପାନିର ହାଲୁକା ସଂପତି, ବହୁବିଧ ସଂପତି ବିକାଶ ପ୍ଲାଟଫର୍ମ ହେବାର ରଣନୀତି ସହିତ ସମନ୍ୱିତ ରହିଛି। ଏହା କମ୍ପାନିର ବାଲାନ୍ସ ସିଟ୍‌କୁ ମଧ୍ୟ ସୁଦୃଢ଼ କରିବ ଏବଂ ଆଲ୍‌ଫା ଅଲ୍‌ଟରନେଟିଭ୍‌ସ ସହ ଏହାର ଦୀର୍ଘକାଳୀନ ସହଯୋଗିତାକୁ ସୁଦୃଢ଼ କରିବ। ଆଲ୍‌ଫା ଅଲଟରନେଟିଭ୍‌ସର ସିନିୟର ପାର୍ଟନର ଓ ମୁଖ୍ୟ (ପ୍ରାଇଭେଟ୍ ମାର୍କେଟ୍‌ସ) କୁଶାଲ ବିୟାନି କହିଛନ୍ତି ଯେ, 'ଏହି କାରବାର ଆମର ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ଦିଲ୍ଲୀପ ବିଲଡକନ୍ ଓ ଭିତିଭୂମି କ୍ଷେତ୍ରରେ ଏହାର ଦୃଢ଼ କାର୍ଯ୍ୟକାରୀତା ଦକ୍ଷତା ଉପରେ ଆମର ରହିଥିବା ବିଶ୍ୱାସକୁ ଦୋହରାଉଛି। ଆମେ ଉଚ୍ଚ ମାନର ଓ ଦୀର୍ଘକାଳୀନ ଭିତିଭୂମି ସଂପତିରେ ନିବେଶ ଜାରି ରଖିବୁ ଏବଂ ଭାରତର ବିଦ୍ୟୁତ ଓ ଅକ୍ଷୟ ଶକ୍ତି କ୍ଷେତ୍ରରେ ଦୃଢ଼ ଅଭିବୃଦ୍ଧି ସମ୍ଭାବନା ଦେଖିପାରୁଛୁ। ଆମ ନିବେଶକମାନଙ୍କ ପାଇଁ ସ୍ଥାୟୀ, ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି କରିବା ସହିତ ଭାରତର ଭିତିଭୂମି ବିକାଶକୁ ସମର୍ଥନ କରିବାକୁ ଆମେ ପ୍ରତିବଦ୍ଧ ରହିଛୁ।''



# ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମରେ ତ୍ରିରଙ୍ଗା ଯାତ୍ରା ଉତ୍ସବର ଶୁଭାରମ୍ଭ

**କଟକ,୧୩।୮ (ନି.ପ୍ର):** ସ୍ୱାଭିମାନ, ଗୌରବ ଓ ଆକାଂକ୍ଷାର ପ୍ରତୀକ ଆମ ଜାତୀୟ ପତାକା ତ୍ରିରଙ୍ଗା ସମଗ୍ର ଦେଶ ତଥା ରାଜ୍ୟରେ ଅଗଷ୍ଟ ୯ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ସବୁଠି ଉଡ଼ାଇବା ପାଇଁ ଅଭିଯାନ ଆରମ୍ଭ କରାଯାଇଛି । ଏହି ପରିପ୍ରେକ୍ଷୀରେ ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଆଜି କଟକରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତ୍ରିରଙ୍ଗା ଯାତ୍ରା ଉତ୍ସବର ଶୁଭାରମ୍ଭ ହୋଇଯାଇଛି । କଟକ ସହର ସମେତ ବିଭିନ୍ନ ବ୍ଲକର ଗ୍ରାମ ପଞ୍ଚାୟତ ମାନଙ୍କଠାରେ ସବୁଠି ଜାତୀୟ ପତକା ଉଡାଇବା ଆରମ୍ଭ କରାଯାଇଛି । ଆଜିର ଏହି ଶୁଭାରମ୍ଭ ଅବସରରେ ଐତିହାସିକ ବାରବାଟୀ ଷ୍ଟାଡିୟମଠାରେ ଏକ କାର୍ଯ୍ୟକ୍ରମ ମାଧମରେ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ



ଅଭ୍ୟାସ ପରେଡରେ ଅଂଶଗ୍ରହଣ କରିଥିବା ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉତ୍ସାହର ସହ ତ୍ରିରଙ୍ଗା ପତାକା ଉଡାଇଥିଲେ । ଏହି ଉତ୍ସବ ପାଳନ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଗଷ୍ଟ ୧୩ ତାରିଖ ସକାଳ ୭ଘଟିକା ସମୟରୁ ନେତାଜୀ ସ୍ମାରକୀଠାରୁ ଏକ ବିଶାଳ ମଟର ସାଇକେଲ ଶୋଭାଯାତ୍ରା ବାହାରି ସ୍ଥାନୀୟ ଜବାହରଲାଲ ଇଣ୍ଡୋର ଷ୍ଟାଡିୟମଠାରେ ପହଞ୍ଚିବ । ପରେ ପରେ ସେଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆସନ୍ତା ୧୪ ତାରିଖରେ ଅପରାହ୍ନ ୪ ଘଟିକା ସମୟରେ ଗଡଗଡିଆ ଘାଟଠାରେ ସାମୁହିକ ବନ୍ଦେ ମାତରମ ଗାନ କରାଯିବ । ଏହି କାର୍ଯକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ସହରବାସୀ ଯୋଗ ଦେବା ପାଇଁ ପ୍ରସାଶନ ପକ୍ଷରୁ ଅନୁରୋଧ କରାଯାଇଛି ।

# ଚିନ୍ତାମଣି ବିଦ୍ୟାପୀଠର ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଅନିୟମିତତାର ତଦନ୍ତ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର



**କଟକ, ୧୩।୮ (ନି.ପ୍ର):** କଟକ ଜିଲ୍ଲା ସଦର ବ୍ଲକ କିଶୋରନଗର ଗ୍ରାମ ପଞ୍ଚାୟତ ର ସର୍ବପୁରାତନ ଚିନ୍ତାମଣି ବିଦ୍ୟାପୀଠରେ ଅନେକ ଉନ୍ନତି ମୂଳକ ଗୃହ, ଉନ୍ନତ ମାନର ମଞ୍ଚ ସରକାରୀ ଅନୁଦାନରେ ଚାଲୁ ରହିଛି କିନ୍ତୁ ବିଡମ୍ବନାର ବିଷୟ ଏହିକିଯେ ବିଦ୍ୟାଳୟରେ ଚାଲୁ ରହିଥିବା କାର୍ଯ୍ୟ ନିମ୍ନମାନର ବୋଲି ବାରମ୍ବାର ଅଭିଯୋଗ ଆସୁଛି ।ଅନେକ କାର୍ଯ୍ୟର ୱାର୍କ ଅର୍ଡର ନଥିବାର ଅଭିଯୋଗ ଆସୁଛି ।କିଛି ମୁଷ୍ଟିମେୟ ବ୍ୟକ୍ତି ବିଦ୍ୟାଳୟରେ ଠିକା କାର୍ଯ୍ୟ କରୁଥିବାରୁ କାହାରିକୁ ଭୟ ନାହିଁ ।ବିଶେଷ ସୂତ୍ରରୁ ମିଳିଥିବା ଖବର ଅନୁସାରେ କନିଷ୍ଠ ଯନ୍ତ୍ରୀ ନିଜେ ମଧ୍ୟ ବିଦ୍ୟାଳୟରେ ଚାଲୁ ରହିଥିବା କାର୍ଯ୍ୟରେ ସନ୍ତୁଷ୍ଟ ନାହାଁନ୍ତି ।ବିଦ୍ୟାଳୟରେ ବହୁ ଦିନରୁ କାର୍ଯ୍ୟ ଚାଲୁ ରହିଛି ଯାହା ଅନେକ ସନ୍ଦେହ ସୃଷ୍ଟି କରୁଛି । ବିଦ୍ୟାଳୟର ପ୍ରବେଶ ପଥରେ ନୂତନ ଫେବର କାର୍ଯ୍ୟ ଚାଲୁ ରହିଛି ଯାହା ନିମ୍ନମାନର ।ଅଞ୍ଚଳର ବୁଦ୍ଧିଜିବି, ପୁରାତନ ଛାତ୍ର ଗଣ ଏହାକୁ ଦୃଢ଼ ନିନ୍ଦା କରିବା ସହିତ ଏହାର ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ଦାବି କରିଛନ୍ତି ।

# ବେଆଇନ ପିଚୁ ପ୍ଲାଣ୍ଟ ବିରୋଧରେ ତହସିଲଦାରଙ୍କୁ ଦାବିପତ୍ର



**କୋରାପୁଟ,୧୩।୮ (ନି.ପ୍ର):** ଦଶମନ୍ତପୁର ବ୍ଲକ ସଦର ମହକୁମାଠାରୁ ପ୍ରାୟ ୩ କିମି ଦୂର ବାଘଚେମା ଗାଁର ଆମ୍ବତୋଟା ନିକଟରେ ସ୍ଥାପିତ ପିଚୁ ପ୍ଲାଣ୍ଟକୁ ନେଇ ଅଞ୍ଚଳରେ ଘୋର ଅସନ୍ତୋଷ ଦେଖାଦେଇଛି । ପିଚୁ ପ୍ଲାଣ୍ଟ ଚାଲୁ ହେଲେ ପରିବେଶ ପ୍ରଦୂଷିତ ହେବା ସହ ଜନଜୀବନ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡ଼ିବ ବୋଲି ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା । ଏହାକୁ ତୁରନ୍ତ ଅନ୍ୟତ୍ର ସ୍ଥାନାନ୍ତର କରିବା ଦାବିରେ ଠିକାଦାର ସଂଘ ସହ ସ୍ଥାନୀୟ ଲୋକେ ଦଶମନ୍ତପୁର ତହସିଲଦାର ପ୍ରିୟା ପୁଷ୍ପାଞ୍ଜଳିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ସୂଚନା ଅନୁଯାୟୀ, ସରୋଜ ଶର୍ମା ନାମକ ଜଣେ ଠିକାଦାର ଦଶମନ୍ତପୁରରୁ ଗିର୍ଲିଗୁମା ପର୍ଯ୍ୟନ୍ତ ପ୍ରାୟ ୨୦ କିମି ରାସ୍ତା ନିର୍ମାଣ କାମ ନେଇଥିବାରୁ ପିଚୁ ଯୋଗାଣ ପାଇଁ ଏହି ପ୍ଲାଣ୍ଟ ସ୍ଥାପନ କରିଥିବା ଜଣାପଡ଼ିଛି । ତେବେ ଜନବସତି ଓ ଚାଷଜମି ନିକଟରେ ପ୍ଲାଣ୍ଟ ସ୍ଥାପନକୁ ନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି ।

ଅଭିଯୋଗକାରୀଙ୍କ କହିବା ଅନୁସାରେ, ପ୍ଲାଣ୍ଟରୁ ଧୂଆଁ ଓ ଅନ୍ୟାନ୍ୟ ପ୍ରଦୂଷଣ ସୃଷ୍ଟି ହେଲେ ପରିବେଶ ଓ ଜନସ୍ୱାସ୍ଥ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଛି । ଏଥିସହ ରାସ୍ତା ନିର୍ମାଣ କାମର ଅଟକଳ ଓ ଅନ୍ୟାନ୍ୟ ସୂଚନା ସମ୍ପର୍କରେ ସ୍ପଷ୍ଟ ସୂଚନା ଫଳକ ଲଗାଯାଇନଥିବା ଏବଂ ନିମ୍ନମାନର କାମ ହେଉଥିବା ନେଇ ମଧ୍ୟ ସେମାନେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି । ଦଶମନ୍ତପୁରରୁ ଗିର୍ଲିଗୁମାକୁ ସଂଯୋଗ କରୁଥିବା ଏହି ରାସ୍ତା ଉପରେ ଡୁମ୍ବାଗୁଡ଼ା, ଚିକାମ୍ବ, ଗିର୍ଲିଗୁମା ଓ ଦୁଆରଶୁଣି ପଞ୍ଚାୟତର ଲୋକେ ନିର୍ଭର କରୁଥିବାରୁ ରାସ୍ତା ନିର୍ମାଣ ନିମ୍ନ ମାନର ନହେବା ଓ ସ୍ୱଚ୍ଛତା ରହିବା ଦାବି ହୋଇଛି ।ଦାବିପତ୍ର ଗ୍ରହଣ କରି ତହସିଲଦାର ପ୍ରିୟା ପୁଷ୍ପାଞ୍ଜଳି ଘଟଣାର ତଦନ୍ତ ପାଇଁ ତୁରନ୍ତ ଅଧିକାରୀଙ୍କୁ ପଠାଇବା ସହ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି । ତେବେ ପ୍ଲାଣ୍ଟକୁ ଅନ୍ୟତ୍ର ସ୍ଥାନାନ୍ତର ନ କରାଗଲେ ଆଗାମୀ ଦିନରେ ଜନ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି । ଅଭିଯୋଗକାରୀଙ୍କ ମଧ୍ୟରେ ଭୁବନ ସୁବୁଦ୍ଧି, ଖଗପତି ଖରା, ଭଗବାନ ଜାନୀ, ଲକ୍ଷ୍ମଣ ଖୋସଲା, ବଳରାମ ସୁବୁଦ୍ଧି, ଘନଶ୍ୟାମ ବିଶୋଇ, ରମେଶ ନାୟକ, ନରି ହୁଇକା ଓ ହେମନ୍ତ କନ୍ଦପାନ ପ୍ରମୁଖ ରହିଥିଲେ ।

# ଅବସରପ୍ରାପ୍ତ ବନ୍ଦର କର୍ମଚାରୀଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ

**ପାରାଦୀପ,୧୩/୮ (ନି.ପ୍ର):** ପାରାଦୀପ ବନ୍ଦରର ଡେପୁଟି ଟ୍ରାଫିକ ମ୍ୟାନେଜର ଶ୍ରୀମନ୍ ନାରାୟଣ ମିଶ୍ରଙ୍କ ପିତା ତଥା ପାରାଦୀପ ବନ୍ଦରର ଅବସରପ୍ରାପ୍ତ ହେଡ କ୍ଲର୍କ (ବଡ ବାବୁ) ବସନ୍ତ କୁମାର ମିଶ୍ର (୮୦)ଙ୍କର ଗତ ବୁଧବାର ସନ୍ଧ୍ୟା ସାଢ଼େ ୫ଟା ସମୟରେ ଭୁବନେଶ୍ୱରସ୍ଥିତ ସମ୍ ଅଲ୍ଟିମେଟ୍ ହସପିଟାଲରେ ହୃଦଘାତରେ ପରଲୋକ ହୋଇଯାଇଛି । ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପ୍ରଥମେ ତାଙ୍କୁ ପାରାଦୀପ ବନ୍ଦର ଚିକିତ୍ସାଳୟକୁ ନିଆଯାଇଥିଲା, ତେବେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତରଙ୍କ ପରାମର୍ଶ କ୍ରମେ ସମ୍ ଅଲ୍ଟିମେଟ ଚିକିତ୍ସାଳୟ କୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡାକ୍ତରଙ୍କ ଶତଚେଷ୍ଟା ସତ୍ତ୍ୱେ ସନ୍ଧ୍ୟା ସାଢ଼େ ୫ଟା ସମୟରେ ବସନ୍ତ କୁମାର ମିଶ୍ର (୮୦) ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀଙ୍କ ସମେତ ତାଙ୍କର ଦୁଇ ପୁଅ,ବୋହୂ,ନାତି ନାତୁଣୀ ମାନେ ଉପସ୍ଥିତ ଥିଲେ ହସ୍ପିଟାଲ ରୁ ସିଧା ସଳଖ ପୁରୀ ସ୍ୱର୍ଗ ଦ୍ୱାର ନିଆଯାଇ ଭାଇ,ବନ୍ଧୁ, ଜ୍ଞାତୀ ସହୋଦରଙ୍କ ଗହଣରେ ତାଙ୍କ ଅନ୍ତିମ ସତ୍କାର କରାଯାଇଥିବା ବେଳେ ଜ୍ୟେଷ୍ଠ ପୁତ୍ର ଶ୍ରୀମନ୍ ନାରାୟଣ ମିଶ୍ର ମୁଖାଗ୍ନି ଦେଇଥିଲେ । ସ୍ୱର୍ଗତ ମିଶ୍ରଙ୍କ ନିଜ ଜନ୍ମ ସ୍ଥାନ ପୁରୀ ଜିଲ୍ଲା ନିମାପଡ଼ାରେ ହୋଇଥିବା ବେଳେ ତାଙ୍କ କର୍ମଭୂମି ଥିଲା ପାରାଦୀପ । ୬୦ଦଶକରେ ପାରାଦ୍ୱୀପ କୁ ଆସି ଥିବା ସ୍ୱର୍ଗତ ବସନ୍ତ କୁମାର ମିଶ୍ର ନିଜ ବଡ଼ଭାଇ ଯିଏକି ପାରାଦ୍ୱୀପ ବନ୍ଦର କୁ ଡେପୁଟେସନ ରେ ଆସିଥିବା ଆସିସଷ୍ଟାଣ୍ଟ ଇଂଜିନିୟର ବିଜ୍ଞାନ ସ୍ନାତକତ୍ତର ପାସ କରିଥିବା ଶରତ ମିଶ୍ର ଙ୍କ ପାଖରେ ରହି ପାରାଦ୍ୱୀପ ବନ୍ଦରରେ ଏଲଡିସିରେ ଚାକିରୀ କରିଥିଲେ । ପରେ ହେଡ ଆସିସଷ୍ଟାଣ୍ଟ ଭାବେ ପଦୋନ୍ନତି ପାଇ ବନ୍ଦରକୁ ଆଗକୁ ନେବାରେ ତାଙ୍କର ଯେତିକି ଅବଦାନ ଥିଲା ତାଙ୍କ ଭାଇ



ଯେତେବେଳେ ବନ୍ଦର କନଷ୍ଟ୍ରକସନ (ନିର୍ମାଣ ) କାର୍ଯ୍ୟ ଚାଲୁଥିଲା ସେତେବେଳେ ପେଟ୍ରୋମାକ୍ସ ଲାଇଟ ରେ କାର୍ଯ୍ୟ କରି ଥିବା ଶରତ ମିଶ୍ରଙ୍କ ଅବଦାନ ଅବର୍ଣ୍ଣନୀୟ । ଅଗାଧ ଜ୍ଞାନର ଅଧିକାରୀ ଥିବା ସ୍ୱର୍ଗତ ମିଶ୍ର ନିଜର ସହକର୍ମୀ ମାନଙ୍କ ସମେତ ପାରାଦୀପ ବନ୍ଦରର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ମହଲରେ ପ୍ରଶଂସାର ପାତ୍ର ହୋଇ ପାରିଥିଲେ । ସେହିଭଳି ବନ୍ଦରାଞ୍ଚଳରେ ମଧ୍ୟ ତାଙ୍କ ବ୍ୟକ୍ତିତ୍ୱ ବେଶ୍ ଅସାଧାରଣ ଥିଲା । ସ୍ୱର୍ଗତ ମିଶ୍ର ଜଣେ ସଙ୍କୋଚ, କର୍ମନିଷ୍ଠ, ସ୍ନେହୀ, ପରୋପକାରୀ, ଧର୍ମ ପରାୟଣ ବ୍ୟକ୍ତି ଭାବେ ସାଧାରଣରେ ପରିଚିତ ଥିଲେ । ତାଙ୍କ ବିୟୋଗରେ ବନ୍ଦରାଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ପୋର୍ଟଟ୍ରଷ୍ଟ ହାଇସ୍କୁଲ ରୁ ଶିକ୍ଷା ଗ୍ରହଣ କରିଥିବା ତାଙ୍କର ସୁପୁତ୍ର ଶ୍ରୀମନ ନାରାୟଣ ମିଶ୍ର ଏବେ ବନ୍ଦରର ଗୁରୁତ୍ୱପୂର୍ଣ୍ଣ ଟ୍ରାଫିକ ବିଭାଗ ରେ ଅଫିସର ଭାବେ କାର୍ଯ୍ୟ କରି ବନ୍ଦରର ଅର୍ଥନୈତିକ ଅଭିବୃଦ୍ଧି ରେ ଯେତିକି ଅବଦାନ ଦେଇ ନାଁ କମେଇଛନ୍ତି ସାଂସ୍କୃତିକ କାର୍ଯ୍ୟକ୍ରମ ରେ ମଧ୍ୟ ଚର୍ଚ୍ଚାରେ ରହି ବନ୍ଦରର ଇତିହାସରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି ।

# ରାଜ୍ୟସ୍ତରୀୟ ଲୋକ ନାଟକ ମହୋତ୍ସବ ନେଇ ବୈଠକ

**ବ୍ରହ୍ମପୁର,୧୩।୮(ନି.ପ୍ର):** ସ୍ଥାନୀୟ ଗଞ୍ଜାମ କଳା ପରିଷଦ ସମ୍ମିଳନୀ କକ୍ଷରେ ଓଡ଼ିଶା ନାଟକ ସମାରୋହ ସମିତି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଭାପତି ଅନିଲ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକ ସଭାରେ ସାଧାରଣ ସଂପାଦକ ନାରାୟଣ ମହାକୁଡ, ସମ୍ପାଦକ ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, କୃଷ୍ଣଚନ୍ଦ୍ର ପଣ୍ଡା ଓ ଆବାହକ ଭବାନୀ ଶଙ୍କର ମିଶ୍ରଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା ଯେ, ଓଡ଼ିଶା ସରକାରଙ୍କ ତରଫରୁ ଚଳିତ ମାସ ୧୮ ତାରିଖରୁ ୨୦ ତାରିଖ ୩ ଦିନ ବ୍ୟାପି ହିଲପାଟଣା ସ୍ଥିତ 'ବିଜୁ ପଟ୍ଟନାୟକ ସଂସ୍କୃତି ଭବନ' ଠାରେ ପ୍ରତିଦିନ ସଂଧ୍ୟାରେ ଆୟୋଜିତ ହେବ । ଏହା ଓଡ଼ିଶା ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଭୁବନେଶ୍ୱର, ଜିଲ୍ଲା ପ୍ରଶାସନ,




ସଂସ୍କାର ଭାରତୀ, ଓଡ଼ିଶା ପ୍ରଦେଶ ଏବଂ ଓଡ଼ିଶା ନାଟକ ସମାରୋହ ସମିତି, ବ୍ରହ୍ମପୁରର ମିଳିତ ସହଯୋଗରେ ଲୋକନାଟକ ଉତ୍ସବ 'ଲୋକ ରଞ୍ଜନୀ' ଆୟୋଜିତ ହେବ । ଏହାର ସଫଳତା ପାଇଁ ଓଡ଼ିଶା ନାଟକ ସମାରୋହ ସମିତି ତରଫରୁ ଜନ ସାଧାରଣଙ୍କୁ ଅନୁରୋଧ କରାଯାଇ ଥିବା ସହ ବିଭିନ୍ନ ସଂସ୍କୃତି ପ୍ରାଣ ବ୍ୟକ୍ତି ଓ ବୁଦ୍ଧିଜିବୀ ମାନେ ଉକ୍ତ କାର୍ଯ୍ୟକ୍ରମର ସୁଦୂର ପ୍ରସାରୀ ପ୍ରଭାବକୁ ସମ୍ମାନ ଦେଇ ସଫଳତା କାମନା ସହ ସହଯୋଗର ବାର୍ତ୍ତା ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଏହି ବୈଠକରେ ବହୁ କର୍ମକର୍ତ୍ତା, ନାଟ୍ୟ ପ୍ରେମୀ, କଳାକାର ମାନେ ଉପସ୍ଥିତ ରହି ଏହି ନାଟକ ମହୋତ୍ସବ କିପରି ସୁଚାରୁ ରୂପେ ପରିଚାଳିତ ହେବ ସେନେଇ ଆଲୋଚନା କରିଥିଲେ।

# ହର ଘର ତିରଙ୍ଗା ଅଭିଯାନରେ ମୋଟରସାଇକେଲ ରାଲି ଓ ସାଂସ୍କୃତିକ କାର୍ଯ୍ୟକ୍ରମ

**କଟକ,୧୩।୮ (ନି.ପ୍ର) :** ଦେଶପ୍ରେମ, ଜାତୀୟ ଏକତା ଓ ଦେଶର ଗୌରବମୟ ସ୍ୱାଧୀନତା ସଂଗ୍ରାମର ସ୍ମୃତିକୁ ଜନମାନସରେ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ 'ହର ଘର ତିରଙ୍ଗା' ଅଭିଯାନ ଦେଶବ୍ୟାପୀ ଅଗଷ୍ଟ ୯ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ 'ହର ଘର ତିରଙ୍ଗା' ଅଭିଯାନ ଅନ୍ତର୍ଗତ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଏକ ବର୍ଣ୍ଣାଢ଼୍ୟ କାର୍ଯ୍ୟକ୍ରମରେ ମୋଟର ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହେଇଯାଇଛି । ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ସ୍କାଉଟ ଗାଇଡର ଛାତ୍ରଛାତ୍ରୀଙ୍କ ସମେତ ବିଭାଗୀୟ କର୍ମଚାରୀ ତଥା ସହରର ବିଭିନ୍ନ ଅନୁଷ୍ଠାନ ମାନଙ୍କର ସଦସ୍ୟମାନେ ଏହି ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଡଃ ମିଶ୍ର ନିଜେ ମୋଟରସାଇକେଲ ଚଳାଇ ଶୋଭାଯାତ୍ରାରେ ଭାଗ ନେଇଥିବା ଚାଳକ ମାନଙ୍କୁ ଉତ୍ସାହିତ କରିଥିଲେ । ଉପ ଆୟୁକ୍ତ, ପୁଲିସ ଶ୍ରୀ ଖିଲାରୀ ଋଷିକେଶ ଦ୍ୟାନଦେଓ, ଆରକ୍ଷୀ ଅଧିକ୍ଷକ ଶ୍ରୀ ବିନୀତ ଅଗ୍ରୱାଲ ,କଟକ ସଦର ଉପଜିଲ୍ଲାପାଳ ଶ୍ରୀ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ନିତ୍ୟାନନ୍ଦ ବାରିକ, ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ଗଙ୍ଗାଧର ବେହେରା ପ୍ରମୁଖଙ୍କ ଉପସ୍ଥିତରେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଦିଲ୍ଲୀପ ଜେନାଙ୍କ ସଂଯୋଜନାରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ଶୋଭାଯାତ୍ରା ନେତାଜୀ ସ୍ମାରକୀସ୍ଥଳ ଠାରୁ ବାହାରି ସ୍ଥାନୀୟ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମଠାରେ ପହଞ୍ଚିବା ପରେ ସେଠାରେ ପାରମ୍ପରିକ ଲୋକନୃତ୍ୟ ସହ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମାନ୍ୟବର ବିଧାୟକ କଟକ ସଦର ଇଂ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ଦେଶପ୍ରେମ, ଜାତୀୟ ଏକତା ଓ ଦେଶର ଗୌରବମୟ ସ୍ୱାଧୀନତା ସଂଗ୍ରାମକୁ ସ୍ମରଣ କରିବା ସହ ଏହି ସ୍ମୃତିକୁ ଜନମାନସରେ ଆହୁରି ସୁଦୃଢ଼ କରିବା ନିମନ୍ତେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ବାର୍ତ୍ତା ଦେଇଥିଲେ । ଦେଶକୁ ଆହୁରି ଆଗକୁ ନେବା ସହ ଆତ୍ମନିର୍ଭର ଭାରତ ଗଢିବା ପାଇଁ ଆମେ ସମସ୍ତେ ସଂକଳ୍ପବଦ୍ଧ ହେବା ବୋଲି ମାନ୍ୟବର ବିଧାୟକ କହିଥିଲେ । ସୂଚନାଯୋଗ୍ୟ ତା ୧୪.୦୮.୨୦୨୬ ରିଖ ଅପରାହ୍ନ ୪ ଘଟିକା ସମୟରେ ଗଡଗଡିଆ ଘାଟରେ ସାମୁହିକ ବନ୍ଦେ ମାତରମ୍ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

# ଲଗାଣ ବର୍ଷାରେ ଯୋଡ଼ା ସହର ଜଳମଗ୍ନ

**ଯୋଡ଼ା, ୧୩।୮(ନି.ପ୍ର) :** ଲଗାଣ ବର୍ଷାରେ ଖଣିନଗରୀ ଯୋଡ଼ାରେ ବନ୍ୟା ପରିସ୍ଥିତି ଗମ୍ଭୀର ରୂପ ନେଇଛି । ଲଗାତାର ବର୍ଷା ଯୋଗୁଁ ସୁନା ନଦୀର ଜଳସ୍ତର ଦ୍ରୁତଗତିରେ ବଢ଼ିବା ସହ ସହରର ବିଭିନ୍ନ ତଳିଆ ଅଞ୍ଚଳକୁ ବନ୍ୟାଜଳ ପ୍ରବେଶ କରିଛି । ଫଳରେ ଅନେକ ପରିବାର ଜଳଘେରରେ ରହିଥିବା ବେଳେ ଯାତାୟାତ ବ୍ୟବସ୍ଥା ଠପ୍ ହେବା ସହ ସାଧାରଣ ଜନଜୀବନ ବିପର୍ଯ୍ୟସ୍ତ ହୋଇପଡ଼ିଛି । ବନ୍ୟାଜଳ ଓ ଅବିରତ ବର୍ଷାର ପ୍ରଭାବରେ ବାଚୁ ହଟିଂ ଅଞ୍ଚଳରେ ମଣି କାରୁଆ ଓ ସରସ୍ୱତୀ ନାଏକଙ୍କ ଘରର କାନ୍ଥ ଭୁଶୁଡ଼ି ପଡ଼ିଛି । ଏଥିରେ ଦୁଇଟି ଘର ଆଂଶିକ ଭାବେ



କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ସୌଭାଗ୍ୟବଶତଃ କୌଣସି ଜୀବନହାନି ହୋଇନାହିଁ ।

ଏପଟେ ୬ ନମ୍ବର ୱାର୍ଡର ବାଚୁ ହଟିଂକୁ ସଂଯୋଗ କରୁଥିବା ପୋଲ ଉପରେ ବନ୍ୟାଜଳ ଚାଲୁଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି । ପୋଲ ଉପରେ ଜଳସ୍ରୋତ ବଢ଼ିଥିବାରୁ ଅଞ୍ଚଳବାସୀଙ୍କ ଯାତାୟାତ ଏକପ୍ରକାର ବନ୍ଦ ହୋଇଯାଇଛି । ଫଳରେ ବାଚୁ ହଟିଂବାସୀ ଜଳବନ୍ଦୀ ସଦୃଶ ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି । ପୋଲ ଉପରେ ପ୍ରଖର ସ୍ରୋତରେ ପାଣି ପ୍ରବାହିତ ହେଉଥିବାରୁ ଯାତାୟାତକାରୀଙ୍କ ପାଇଁ ବିପଦ ଆଶଙ୍କା ମଧ୍ୟ ବଢ଼ିଛି । ସେହିପରି ଆମ୍ବବଗାନ ଅଞ୍ଚଳରେ ବହୁ ଘର ମଧ୍ୟକୁ ବର୍ଷା ଓ ବନ୍ୟାଜଳ ପ୍ରବେଶ କରିଛି । ଘର ଭିତରେ ପାଣି ଜମି ରହିବାରୁ ଲୋକେ ଦୁର୍ଦ୍ଦଶା ଭୋଗୁଥିବା ବେଳେ ଆସବାବପତ୍ର ଓ ଅନ୍ୟାନ୍ୟ ଘରୋଇ ସାମଗ୍ରୀ ନଷ୍ଟ ହେବାର ଆଶଙ୍କା ରହିଛି । ନଦୀ ର ଉଭୟ ପାର୍ଶ୍ୱରେ ଥିବା ଘର ଗୁଡିକରେ ପାଣି ପଶି ଯାଇ ଥିବାରୁ ଲୋକ ମାନଙ୍କୁ ମକ୍ତାବ ସ୍କୁଲ କୁ ସ୍ଥାନାନ୍ତର କରାଯାଇ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି । କୁଦୂର୍ ନା ଲ । ଏବଂ ହୁଡ଼ିଶାଇ ରେ ବର୍ଷା ଜଳ ନିଷ୍କାସିତ ହୋଇ ନପାରି ପାଣି ଜମି ବହୁ ଲୋକଙ୍କ ଘରେ ପାଣି ପଶି ଘର ର ବହୁ ଆସବାବ ପତ୍ର ନଷ୍ଟ ହୋଇଛିଏପରି ସ୍ଥିତିରେ ବର୍ଷା ଆହୁରି ଜାରି ରହିଲେ ଜଳସ୍ତର ବୃଦ୍ଧି ପାଇ ପରିସ୍ଥିତି ଅଧିକ ସଙ୍କଟଜନକ ହୋଇପାରେ ବୋଲି ସ୍ଥାନୀୟ ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି । ସୁନା ନଦୀର ଜଳସ୍ତର ଲଗାତାର ବୃଦ୍ଧି ପାଉଥିବାରୁ ନଦୀକୂଳବର୍ତ୍ତୀ ଓ ତଳିଆ ଅଞ୍ଚଳରେ ବନ୍ୟା ଆଶଙ୍କା ଘନୀଭୂତ ହୋଇଛି । ପରିସ୍ଥିତିକୁ ନଜରରେ ରଖି ସ୍ଥାନୀୟ ପ୍ରଶାସନ ଓ ପୌରପାଳିକା ପକ୍ଷରୁ ପ୍ରଭାବିତ ଅଞ୍ଚଳରେ ନଜରଦାରି ବଢ଼ାଯାଇଛି । ଆବଶ୍ୟକ ସ୍ଥଳେ ପ୍ରଭାବିତ ପରିବାରଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର, ରିଲିଫ୍ ଓ ଅନ୍ୟାନ୍ୟ ଜରୁରୀ ସୁବିଧା ଯୋଗାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ଇତିମଧ୍ୟରେ ସ୍ଥାନୀୟ ପ୍ରଶାସନ ଓ ପୌରନିର୍ବାହୀ ଅଧିକାରୀ ବନ୍ୟାପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରିଛନ୍ତି । ଲଗାଣ ବର୍ଷା ଓ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଯୋଡ଼ା ସହରର ସମସ୍ତ ବିଦ୍ୟାଳୟକୁ ଦିବା ୧ଟାରେ, ଅର୍ଥାତ୍ ? ମଧ୍ୟାହ୍ନ ଭୋଜନ ପରେ, ବନ୍ଦ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ଏହି ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି । ବନ୍ୟା ପରିସ୍ଥିତିରେ ପ୍ରଭାବିତ ଲୋକଙ୍କ ଆବଶ୍ୟକତା ଓ ସମସ୍ୟା ସମ୍ପର୍କରେ ପ୍ରଶାସନ ଅବଗତ ହୋଇଥିବା ବେଳେ ଆବଶ୍ୟକ ସହାୟତା ଯୋଗାଣ ପାଇଁ ପଦକ୍ଷେପ ଆରମ୍ଭ ହୋଇଛି । ଆଗାମୀ ୧୨ ଘଣ୍ଟା ରେ ପ୍ରବଳ ବର୍ଷିବା ନେଇ ଏସ.ଆର.ସି ରେଡ଼ ୱାର୍ନିଂ ଜାରି କରିଥିବା ବେଳେ ପରିସ୍ଥିତି ଉପରେ ପ୍ରଶାସନ ନିରନ୍ତର ନଜର ରଖିଥିବା ସହ ବନ୍ୟାଜଳରେ ଅନାବଶ୍ୟକ ଭାବେ ପ୍ରବେଶ ନକରିବା ଏବଂ ବିପଦପୂର୍ଣ୍ଣ ପୋଲ ଓ ନଦୀକୂଳକୁ ନଯିବା ପାଇଁ ସାଧାରଣ ଲୋକଙ୍କୁ ସତର୍କ କରାଯାଇଛି ।

# ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ନିର୍ମାଣ ମାନଦଣ୍ଡର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ

**କାକଟପୁର,୧୩/୮ (ନି.ପ୍ର):** କାକଟପୁର ବ୍ଲକ ଅଧୀନ କୁଣ୍ଢେଇ ପଞ୍ଚାୟତର ହରିଦାସପୁର ଗ୍ରାମରେ ଚାଲିଥିବା ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟର ମାନ ଓ ସୁରକ୍ଷାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରଶ୍ନ ଉଠିଛି । ପ୍ରକଳ୍ପ ମାଧ୍ୟମରେ କୁଣ୍ଢେଇ ପଞ୍ଚାୟତର ପ୍ରାୟ ୨୦ ହଜାର ଲୋକ ଉପକୃତ ହେବାର ଲକ୍ଷ ରହିଥିବା ବେଳେ ନିର୍ମାଣ ସମୟରେ ନିର୍ଦ୍ଧାରିତ ମାନଦଣ୍ଡ ପାଳନ ହେଉଛି କି ନାହିଁ, ତାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଚିନ୍ତା ପ୍ରକାଶ ପାଇଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ପ୍ରକଳ୍ପର ନିର୍ମାଣ କାର୍ଯ୍ୟରେ ମଜଭୁତ ଷ୍ଟିଲ ଭାରା ବ୍ୟବହାର କରାଯିବା ପରିବର୍ତ୍ତେ ବାଉଁଶ ଭାରା ବ୍ୟବହାର କରାଯାଉଛି । ଏହା ପ୍ରକଳ୍ପର ନିର୍ମାଣ ସୁରକ୍ଷା ଓ ସ୍ଥାୟୀତ୍ୱ ପ୍ରତି କେତେଦୂର ଉପଯୁକ୍ତ, ତାହାର ଯାଞ୍ଚ ଆବଶ୍ୟକ ବୋଲି ଗ୍ରାମବାସୀମାନେ ମତ ପ୍ରକାଶ କରିଛନ୍ତି । ଏହାଛଡ଼ା ଟ୍ୟାଙ୍କର ଛାତ ନିର୍ମାଣ ଓ କଂକ୍ରିଟ ଢଳେଇ କାର୍ଯ୍ୟକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି । ନିର୍ଦ୍ଧାରିତ ପ୍ରକ୍ରିୟା ଅନୁଯାୟୀ ଢଳେଇ କାର୍ଯ୍ୟ ହେଉଛି କି ନାହିଁ, ଏବଂ ଆବଶ୍ୟକ ଯନ୍ତ୍ରପାତି ଓ ନିର୍ଦ୍ଧାରିତ ମିଶ୍ରଣ ଅନୁପାତ ପାଳନ କରାଯାଉଛି କି ନାହିଁ, ସେନେଇ ନିରପେକ୍ଷ ଯାଞ୍ଚ ଦାବି ହୋଇଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, କାର୍ଯ୍ୟସ୍ଥଳରେ ବିଭାଗୀୟ ଅଧିକାରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ନିୟମିତ ଉପସ୍ଥିତି ନଥିବାରୁ ନିର୍ମାଣ କାର୍ଯ୍ୟର ଗୁଣବତ୍ତା ନିରୀକ୍ଷଣକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ସିମେଣ୍ଟ, ବାଲି, ଚିପ୍ସ ଆଦିର ନିର୍ଦ୍ଧାରିତ ଭାଗମାପ ଓ ଗୁଣବତ୍ତା ଠିକ୍ ଭାବେ ଯାଞ୍ଚ ହେଉଛି କି ନାହିଁ, ତାହା ମଧ୍ୟ ଯାଞ୍ଚର ପରିସରକୁ ଆଣିବାକୁ ଦାବି ହୋଇଛି ।

# ଓୟୁଡବ୍ଲୁଜେ ସଂଗଠନର ସାଂଗଠନିକ ବୈଠକ ଅନୁଷ୍ଠିତ

**ଖୋର୍ଦ୍ଧା,୧୩।୮ (ନି.ପ୍ର):** ଓ.ୟୁ.ଡବ୍ଲୁ.ଜେ ସାମ୍ବାଦିକ ଭବନରେ, ଏକ ସ୍ୱତନ୍ତ୍ର ବୈଠକର ଆୟୋଜନ ହୋଇଥିଲା । ବୈଠକର ମୁଖ୍ୟ କାରଣ ହେଉଛି, ସାମ୍ବାଦିକ ହେଉଛନ୍ତି ସମାଜ ପାଇଁ ଏକ ମେରୁଦଣ୍ଡ । ସରକାରୀ ସ୍ତରରେ ସାମ୍ବାଦିକଙ୍କୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ଘୋଷିତ କରା ଯାଇଛି । ସମଜରେ ଯେକୈଣସି ପ୍ରତିକୂଳ ପରିସ୍ଥିତିରେ ସାମ୍ବାଦିକ ନିଜର କର୍ତ୍ତବ୍ୟ ଓ ଧର୍ମ ପାଳନ କରିବାରେ ପଛାଏ ନାହିଁ । ସଧାରଣ ଜନତାଙ୍କ ପାଇଁ, ନିଜର କର୍ତ୍ତବ୍ୟ ଭାବି ଖରା, ବର୍ଷା, ଶିତ କାକରକୁ ଖାତିରି ନକରି ନିଜ ଧର୍ମକୁ ପ୍ରତିପାଳିତ କରିଥାଏ । ହେଲେ ସରକାର ସାମ୍ବାଦିକଙ୍କ ସାମାଜିକ ଓ ଆର୍ଥିକ ସୁରକ୍ଷା ଦୀର୍ଘଦିନର ଦାବିଗୁଡ଼ିକ ପୂରଣ ଦିଗରେ ସରକାର ଗୁରୁତ୍ୱ ଦେବାରେ ସମ୍ପୂର୍ଣ୍ଣ ଅବହେଳା କରି ଆସୁଛନ୍ତି । ଆୟୋଜିତ ବୈଠକରେ ଉପସ୍ଥିତ ସମସ୍ତ ଅତିଥି ମାନେ କହିଛନ୍ତି, ସାମ୍ବାଦିକଙ୍କ ପାଇଁ କଡା ସୁରକ୍ଷାର ଆବଶ୍ୟକ ରହିଛି ବୋଲି କହିଛନ୍ତି । ଖୋର୍ଦ୍ଧା ସାମ୍ବାଦିକ ଭବନରେ ଅନୁଷ୍ଠିତ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ ଓ.ୟୁ.ଡବ୍ଲୁ.ଜେର ସାଂଗଠନିକ ବୈଠକରେ ମତ ପ୍ରକାଶ ପାଇଛି । ଓ.ୟୁ.ଡବ୍ଲୁ.ଜେ ଖୋର୍ଦ୍ଧା ଜିଲ୍ଲା ଶାଖା ପକ୍ଷରୁ ନୂତନ ଭାବେ ସଂଘର ସଦସ୍ୟତା ଗ୍ରହଣ କରିଥିବା ସାମ୍ବାଦିକମାନଙ୍କୁ ପରିଚୟପତ୍ର ପ୍ରଦାନ ସହିତ ଏକ ସାଂଗଠନିକ ବୈଠକ ଜିଲ୍ଲା ଶାଖା ସଭାପତି ପ୍ରକାଶ କୁମାର ହାତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ସାମ୍ବାଦିକ ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗ ଦେଇଥିଲେ ।



ସର୍ବଭାରତୀୟ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘର ସଭାପତି ପିତବାସ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ସଦସ୍ୟମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସାମ୍ବାଦିକମାନଙ୍କ ଏକତା ଓ ସାଂଗଠନିକ ଶକ୍ତି ବୃଦ୍ଧି ଉପରେ ଗୁରୁତ୍ୱ ଦେଇଥିଲେ । ଭୁବନେଶ୍ୱର ଶାଖା ସଭାପତି ହୃଷିକେଶ ମହାନ୍ତି ସଭାରେ ଯୋଗଦାନ କରି, ନିଜର ବକ୍ତବ୍ୟ ରଖିଥିଲେ, ସାମ୍ବାଦିକଙ୍କ ଅଧିକାର ଓ ସାଂଗଠନିକ ଶୃଙ୍ଖଳା ସମ୍ପର୍କରେ ପରାମର୍ଶ ଦେଇଥିଲେ । ଅୟୋଜିତ ବୈଠକରେ ଯୋଗ ଦେଇଥିଲେ, ସମ୍ମାନିତ ଅତିଥି ଭାବେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ବିଜେଡି ଖୋର୍ଦ୍ଧା ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ବିଜେଡି ଖୋର୍ଦ୍ଧା ଜିଲ୍ଲା କାର୍ଯ୍ୟକାରୀ ସଭାପତି କ୍ୟାପଟେନ ମନ୍ମଥ ରାଉତରାୟ, କଂଗ୍ରେସ ନେତ୍ରୀ ସୋନାଲି ସାହୁ ପ୍ରମୁଖ । ଏତଦ୍ ବ୍ୟତୀତ ଖୋର୍ଦ୍ଧା ପୌର ପରିଷଦ ଉପାଧ୍ୟକ୍ଷ ଶୌର୍ଯ୍ୟ ରଞ୍ଜନ ମହାନ୍ତି, ଓ.ୟୁ.ଡବ୍ଲୁ.ଜେ ରାଜ୍ୟ ସାଂଗଠନିକ ସମ୍ପାଦକ ଅର୍ଜୁନ ମୁଦୁଲି ଏବଂ 'ପ୍ରବାହ'ର ସମ୍ପାଦକ ଅଭିମନ୍ୟୁ ମହାପାତ୍ର ପ୍ରମୁଖ ଯୋଗଦେଇ ସଭାକାର୍ଯ୍ୟର ସୋଭାବର୍ଦ୍ଧନ କରିଥିଲେ ।

ବୈଠକରେ ସନ୍ମାନିତ ବକ୍ତାମାନେ ରାଜ୍ୟରେ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ପ୍ରତି ସରକାର ଅଧିକ ଗୁରୁତ୍ୱ ଦେବା ଆବଶ୍ୟକତା ରହିଛି ବୋଲି ମତ ବ୍ୟକ୍ତ କରିଥିଲେ । ବିଶେଷକରି ସାମ୍ବାଦିକ ମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ସହ ଜଡ଼ିତ ଥିବା ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ବକ୍ତାମାନେ କହିଥିଲେ ଯେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ସାମ୍ବାଦିକଙ୍କ ଚିକିତ୍ସା ସହାୟତା ପାଇଁ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା ପ୍ରଚଳନ କରାଯାଇଥିଲା । ପ୍ରଥମେ ଏହି ଯୋଜନାରେ ୨ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ସୁବିଧା ରହିଥିବା ବେଳେ ପରବର୍ତ୍ତୀ ସମୟରେ ଏହାକୁ ବୃଦ୍ଧି କରାଯାଇ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଥିଲା । ଚଳିତବର୍ଷ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ସାମ୍ବାଦିକ ମାନଙ୍କୁ ଆୟୁଷ୍ମାନ ଯୋଜନାରେ ସାମିଲ କରି, ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା ବନ୍ଦ କରିବାକୁ ନେଇ ଆଲୋଚନା ହୋଇଥିଲା । ସରକାରଙ୍କ ଭିତ୍ତିହୀନ ପ୍ରସ୍ତାବକୁ ଉପସ୍ଥିତ ବକ୍ତାମାନେ ଘୋର ବିରୋଧ କରିଥିଲେ ।

ସାମ୍ବାଦିକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଏକ ସ୍ୱତନ୍ତ୍ର ପଦକ୍ଷେପ ହୋଇଥିବାରୁ, ସରକା ଏହାର ଗୁରୁତ୍ୱକୁ ଉପଲବ୍ଧ କରି, ଚଳିତ ସ୍ୱାସ୍ଥ୍ୟ ବୀମା ବ୍ୟବସ୍ଥାକୁ ଅବ୍ୟାହତ ରଖି ଏହାର ପରିସର ଆହୁରି ବଢ଼ାଇବାକୁ ବୈଠକରେ ଦାବି ହୋଇଥିଲା । ବିଶେଷକରି ବୀମା ଯୋଜନାରେ ସାମ୍ବାଦିକଙ୍କ ପିତାମାତାଙ୍କୁ ସାମିଲ କରିବା, ବୀମା ରାଶି ୫ ଲକ୍ଷରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ଏବଂ ଅନ୍ୟ ରାଜ୍ୟ ଗୁଡ଼ିକରେ ସାମ୍ବାଦିକଙ୍କ ପାଇଁ ବିଭିନ୍ନ ହିତକର ସୁବିଧା ଉପଲବ୍ଧ ରହିଛି, ସେହି ଅନୁରୂପ ବ୍ୟବସ୍ଥା ଓଡ଼ିଶାରେ ପ୍ରଚଳନ କରିବାକୁ ଦାବି କରାଯାଇଥିଲା । ଏହା ସହ ସାମ୍ବାଦିକମାନଙ୍କ ବହୁଦିନର ଦାବି ଥିବା ପେନସନ ବ୍ୟବସ୍ଥା, ସାମ୍ବାଦିକଙ୍କ ସୁରକ୍ଷା ନିମନ୍ତେ ଆଇନ ପ୍ରଣୟନ, ଅଧିସ୍ୱୀକୃତି କମିଟିର ଗଠନ ଏବଂ ଅନ୍ୟାନ୍ୟ ସାମ୍ବାଦିକ କଲ୍ୟାଣମୂଳକ ପଦକ୍ଷେପ ତୁରନ୍ତ ଗ୍ରହଣ କରିବାକୁ ବୈଠକରେ ଦାବି କରାଯାଇଥିଲା । ସାମ୍ବାଦିକମାନେ କାର୍ଯ୍ୟକ୍ଷେତ୍ରରେ ବିଭିନ୍ନ ଚାପ ଓ ପ୍ରତି କୂଳତାର ସମ୍ମୁଖୀନ ହୋଇ ମଧ୍ୟ ଲୋକଙ୍କ ସମସ୍ୟାକୁ ସାମ୍ନାକୁ ଆଣୁ ଥିବାରୁ ସେମାନଙ୍କ ସୁରକ୍ଷା ଓ ସାମାଜିକ ନିରାପତ୍ତାକୁ ଅଣଦେଖା କରାଯିବା ଉଚିତ ନୁହେଁ ବୋଲି ବକ୍ତାମାନେ କହିଥିଲେ ।

# ଚାଉଳିଆଗଞ୍ଜରେ ରାମଚରିତ ମାନସ ପାରାୟଣ, ଶ୍ରୀରାମ ପ୍ରଚାର ଓ ପ୍ରସାର

**କଟକ, ୧୩।୮ (ନି.ପ୍ର) :** ଚିତାଲାଗି ଅମାବାସ୍ୟା ଅବସରରେ କଟକ ଚାଉଳିଆଗଞ୍ଜସ୍ଥିତ କୁଞ୍ଜବିହାରୀ ମନ୍ଦିର ପ୍ରାଙ୍ଗଣରେ କେନ୍ଦ୍ରୀୟ ରାମଲୀଳା ପ୍ରଚାର ସମିତି ପକ୍ଷରୁ ରାମଚରିତ ମାନସ ପାରାୟଣ ସହ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କ



ପ୍ରଚାର ଓ ପ୍ରସାର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏଥିରେ ବହୁ ସଂଖ୍ୟକ ଶ୍ରୀରାମପ୍ରେମୀ ଓ ଶ୍ରଦ୍ଧାଳୁ ଯୋଗଦେଇ କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ସହଯୋଗର ହାତ ବଢ଼ାଇଥିଲେ । କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ରାମଲୀଳା ପ୍ରଚାର ସମିତିର ସଭାପତି କାଶୀନାଥ ମଲ୍ଲିକଙ୍କ ସମେତ ଅଶୋକ କୁମାର ଦାଶ, ପ୍ରଦୀପ୍ତ ମହାପାତ୍ର, କୈଳାସ ଚନ୍ଦ୍ର ଜେନା, ଗୋପାଳ ଚନ୍ଦ୍ର ମିଶ୍ର, ସନ୍ତୋଷ କୁମାର ମଲ୍ଲିକ, ଲଲିନ ସେନାପତି, ଲକ୍ଷ୍ମୀନାରାୟଣ ମଲ୍ଲିକ, ସୁରେନ୍ଦ୍ର ପଣ୍ଡା, ଦେବୀପ୍ରସନ୍ନ ମହାପାତ୍ର, ଲଲାଟେନ୍ଦୁ ବଡୁ, ନିବାସ ଚନ୍ଦ୍ର ମିଶ୍ର, ପ୍ରତାପ କିଶୋର ସିଂ, ବସନ୍ତ କୁମାର ସାହୁ, ଗଙ୍ଗାଧର ମଲ୍ଲିକ, ଦୀପା ପ୍ରଧାନ ଓ ଅଶୋକ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି କୁଞ୍ଜବିହାରୀ ଟ୍ରଷ୍ଟ ବୋର୍ଡର ଟ୍ରଷ୍ଟି ସଂଗ୍ରାମ କେଶରୀ ପାତ୍ର, ସଭ୍ୟ ପବିତ୍ର ପାତ୍ର, ଲକ୍ଷ୍ମୀଧର ସାହୁ, ଅଜୟ ପାତ୍ର, ପ୍ରଭାତ ପୃଷ୍ଟି, ମହେଶ ପାଟରା, ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ଚାଉଳିଆଗଞ୍ଜ ପୂଜା କମିଟିର ସମ୍ପାଦକ ନିରଞ୍ଜନ ସାହୁ, ସୁରଜିତ ସାହୁ, ଜୟଶଙ୍କର ପୃଷ୍ଟି, ସୁକାନ୍ତ ସାହାଣୀ, ଜୟରାମ ପାତ୍ର ଏବଂ ଚାଉଳିଆଗଞ୍ଜ କ୍ଲବ୍‌ର ସମ୍ପାଦକ ଦୀପକ ସାହୁଙ୍କ ସହ ବହୁ ଶ୍ରଦ୍ଧାଳୁ ଭକ୍ତ ଯୋଗଦେଇଥିଲେ । ଆୟୋଜକଙ୍କ ପକ୍ଷରୁ ଶ୍ରୀରାମଙ୍କ ଆଦର୍ଶ, ମର୍ଯ୍ୟାଦା, ନୀତି ଓ ଧର୍ମର ବାର୍ତ୍ତାକୁ ସମାଜରେ ବ୍ୟାପକ ଭାବେ ପହଞ୍ଚାଇବା ସହ ଯୁବପିଢ଼ିଙ୍କ ମଧ୍ୟରେ ରାମଚରିତ ମାନସର ମୂଲ୍ୟବୋଧ ପ୍ରସାର କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଭକ୍ତିମୟ ପରିବେଶରେ ରାମଚରିତ ମାନସ ପାରାୟଣ ଶ୍ରଦ୍ଧାଳୁଙ୍କ ମନରେ ଆଧାତ୍ମିକ ଭାବନା ସୃଷ୍ଟି କରିଥିଲା ।

# ସଚେତନତା ଓ ସୃଜନଶୀଳତାରେ ବିଶ୍ୱ ହାତୀ ଦିବସ ପାଳନ



ଅନୁଗୋଳ,୧୩।୮(ନି.ପ୍ର.): ଅନୁଗୋଳ ରେଞ୍ଜ୍ ର ପୁରୁଣାଗଡ଼ ସେକ୍ସନ ଅନ୍ତର୍ଗତ ବଡ଼କେରା ଜଗନ୍ନାଥ ହାଇସ୍କୁଲ ଠାରେ ବିଶ୍ୱ ହାତୀ ଦିବସ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଛାତ୍ରଛାତ୍ରୀମାନେ ଏଥିରେ ଉତ୍ସାହର ସହ ଯୋଗଦେଇ ହାତୀ ସଂରକ୍ଷଣ ବିଷୟରେ ନିଜର ଜ୍ଞାନ ଓ ସୃଜନଶୀଳତା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଅନୁଗୋଳର ଏସିଏଫ୍, ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷକମାନଙ୍କ ସମେତ ଓଡ଼ିଶା ସରକାରଙ୍କ ଗଜ ସଂରକ୍ଷଣ ପ୍ରକଳ୍ପ, ଟାଟା ପାୱାର ଏବଂ ସ୍ନେହା ଏନଜିଓ ର ପ୍ରତିନିଧିମାନେ ଯୋଗଦେଇଥିଲେ। ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ପେଣ୍ଟିଂ ଓ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପରେ ପ୍ରମାଣପତ୍ର ବଣ୍ଟନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ହୋଇଥିଲା। ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କୁ ହାତୀ ସଂରକ୍ଷଣ, ଜଙ୍ଗଲ ସୁରକ୍ଷା ଏବଂ ମଣିଷ ଓ ହାତୀ ମଧ୍ୟରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନର ଗୁରୁତ୍ୱ ବୁଝିବା ପାଇଁ ଏକ ସୁନ୍ଦର ମଞ୍ଚ ପ୍ରଦାନ କରିଥିଲା।

# ବନ୍ଦର ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ସଚେତନତା ଶିବିର ଆୟୋଜିତ

ପାରାଦୀପ ୧୩।୮(ନି.ପ୍ର): ଜନସ୍ୱାସ୍ଥ୍ୟ ପଦକ୍ଷେପର ଅଂଶ ସ୍ୱରୂପ, ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟର ସ୍ୱାସ୍ଥ୍ୟ ସେବା ମହାନିର୍ଦ୍ଦେଶାଳୟ ଅଧୀନସ୍ଥ ପାରାଦୀପର ବନ୍ଦର ସ୍ୱାସ୍ଥ୍ୟ ସଂଗଠନ (ପିଏଚଓ) ପକ୍ଷରୁ ୧୩ ଅଗଷ୍ଟ ୨୦୨୬ ଗୁରୁବାର ଦିନ ପାରାଦୀପ ମଧୁବନ ସ୍ଥିତ ପିଏଚଓ କାର୍ଯ୍ୟାଳୟ ପରିସରରେ ଡେଙ୍ଗୁ, ମ୍ୟାଲେରିଆ ଏବଂ ଡାଇରିଆ ରୋଗ ଉପରେ ସଚେତନତା ଓ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି।ବର୍ଷା ଋତୁକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା, ଯାହାର ଉଦ୍ଦେଶ୍ୟ ହେଉଛି ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ଋତୁକାଳୀନ ସ୍ୱାସ୍ଥ୍ୟ ବିପଦ, ଡେଙ୍ଗୁ, ମ୍ୟାଲେରିଆ ଏବଂ ଡାଇରିଆ ରୋଗର ପ୍ରତିରୋଧ ଏବଂ ନିୟନ୍ତ୍ରଣ ସମ୍ପର୍କରେ ସଚେତନତା ସୃଷ୍ଟି କରିବାସହ ସୁସ୍ଥ ଜୀବନ ଯାପନ କରିବାକୁ ପରାମର୍ଶ ଦିଆଯାଇଥିଲା । ଏପରିକି ବ୍ୟକ୍ତିଗତ ପରିଷ୍କାର ପରିଚ୍ଛନ୍ନତା,ପରିମଳ ଏବଂ ସମୟାନୁସାରେ ଚିକିତ୍ସା ସେବା ପ୍ରତି ଯତ୍ନବାନ ରହିବାକୁ ପରାମର୍ଶ ଦିଆଯାଇଥିଲା ।ପାରାଦୀପ ବନ୍ଦର ପ୍ରାଧିକରଣ ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ବି.ବି.ଦାସ, ପାରାଦୀପ ପୌରପାଳିକା ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପିଏଚଓ ପାରାଦୀପ ଶାଖା ମୁଖ୍ୟ ଡା. ରାଜେନ୍ଦ୍ର ନାରାୟଣ ପାଣିଗ୍ରାହୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ପାରାଦୀପର ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦେବକାନ୍ତ ନାୟକ, ଜନସ୍ୱାସ୍ଥ୍ୟ ବିଶେଷଜ୍ଞ ଙ୍କ ସମେତ ୧୨ ନମ୍ବର ୱାର୍ଡ ପାରିଷଦ ଶ୍ରୀମତୀ ପ୍ରଭାତୀ ନାୟକ, ୮ ନମ୍ବର ୱାର୍ଡ ପାରିଷଦ ଅଜିତ କୁମାର ଷଡଙ୍ଗୀ,୧୭ ନମ୍ବର ୱାର୍ଡ ପାରିଷଦ ଜଗନ୍ନାଥ ରାଓ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପରିବେଶକୁ ପରିଷ୍କାର ରଖିବାକୁ ଆହ୍ୱାନ ଦେଇଥିଲେ ଛ ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ସମ୍ପ୍ରଦାୟ ଏବଂ ପୌରପାଳିକାର ସକ୍ରିୟ ଅଂଶଗ୍ରହଣ ଏବଂ ସମର୍ଥନ ମିଳିଥିଲା। ଏହି ଶିବିରରେ ପାରାଦୀପର ଗୋପାଳଜୀଉ କଲୋନି, ଲୋକନାଥ କଲୋନି, କ୍ୟାବିନ ମାର୍କେଟ, ତାରିଣୀ ମାର୍କେଟ ଏବଂ ମଧୁବନ ଅଞ୍ଚଳର ଜନସାଧାରଣ ମାନେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଏତଦବ୍ୟତୀତ ଏହି କାର୍ଯ୍ୟକ୍ରମରେ ସାଧାରଣ ମୌସୁମୀ ସମ୍ବନ୍ଧୀୟ ରୋଗ, ସେମାନଙ୍କର ପ୍ରାରମ୍ଭିକ ଲକ୍ଷଣ, ସଂକ୍ରମଣର ପଦ୍ଧତି, ପ୍ରତିରୋଧକ ପଦକ୍ଷେପ, ବ୍ୟକ୍ତିଗତ ପରିଚ୍ଛନ୍ନତା, ନିରାପଦ ପାନୀୟ ଜଳ ବ୍ୟବହାର, ପରିମଳ ଏବଂ ସମୟୋଚିତ ଡାକ୍ତରୀ ଚିକିତ୍ସାର ଗୁରୁତ୍ୱ ବିଷୟରେ ସାଧାରଣରେ ସଚେତନ କରାଯାଇଥିଲା । ଏହି ଶିବିରରେ ଡାକ୍ତର, ପାରାମେଡିକାଲ୍ କର୍ମଚାରୀ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟସେବା କର୍ମଚାରୀ ମାନଙ୍କୁ ନିୟୋଜିତ କରାଯାଇ ଡାକ୍ତରୀ ପରାମର୍ଶ, ସ୍ୱାସ୍ଥ୍ୟ ପରୀକ୍ଷା, ରୋଗ ନିର୍ଣ୍ଣୟ ପରୀକ୍ଷା ଏବଂ ଔଷଧ ବଣ୍ଟନ କରାଯାଇଥିଲା। ଏହି ଶିବିରର ଅଂଶ ଭାବରେ ଏକ ଚକ୍ଷୁ ପରୀକ୍ଷା ସେବା ମଧ୍ୟ କରାଯାଇଥିଲା, ଯେଉଁଥିରେ ଅଂଶଗ୍ରହଣକାରୀମାନେ ଆଖି ପରୀକ୍ଷା ଏବଂ ଆବଶ୍ୟକୀୟ ଡାକ୍ତରୀ ପରାମର୍ଶ ଗ୍ରହଣ କରିଥିଲେ।





# ସ୍ୱାଭିମାନ ଅଞ୍ଚଳରେ ନିଶାମୁକ୍ତ ଭାରତ ଅଭିଯାନ: ନିଶାମୁକ୍ତ ସମାଜ ଓ ବିକଳ୍ପ ଜୀବିକା ଗଠନ ପାଇଁ ଜିଲ୍ଲାପାଳଙ୍କ ଆହ୍ୱାନ

ମାଲକାନଗିରି, ୧୩।୮(ନି.ପ୍ର)::ମାଲକାନଗିରି ଜିଲ୍ଲା ସ୍ୱାଭିମାନ ଅଞ୍ଚଳର ନାକାମାମୁଡ଼ି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନିଶାମୁକ୍ତ ଭାରତ ଓ ନିଶାମୁକ୍ତ ଓଡ଼ିଶା ଅଭିଯାନ ଆନୁକୂଲ୍ୟରେ ଏକ ଜିଲ୍ଲା ସ୍ତରୀୟ ଜନସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳରୁ ନିଶାର କୁପ୍ରଭାବ ଓ ବେଆଇନ ଚାଷର ଅନ୍ଧକାରକୁ ସଂପୂର୍ଣ୍ଣ ରୂପେ ଦୂର କରି ଯୁବପିଢ଼ିଙ୍କୁ ଏକ ସୁସ୍ଥ ତଥା ପ୍ରଗତିଶୀଳ ସମାଜ ସହ ଯୋଡ଼ିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା।



ଏହି ଗୁରୁତ୍ୱପୂର୍ଣ୍ଣ ସଚେତନତା ସଭାରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧାରୁଆ, ଏସ.ଡି.ପି.ଓ. ପ୍ରଦୋଷ ପ୍ରଧାନ ଏବଂ କୋରକୁଣ୍ଡା ବି.ଡି.ଓ. ଅମୂଲ୍ୟ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ବିଭାଗର ଅଧିକାରୀ ଓ ସ୍ଥାନୀୟ ଜନସାଧାରଣଙ୍କ ଉପସ୍ଥିତିରେ ଅଞ୍ଚଳର ଅର୍ଥନୈତିକ ସୁଧାର ଏବଂ ସାମାଜିକ ସୁରକ୍ଷା ସମ୍ପର୍କରେ ବ୍ୟାପକ ଆଲୋଚନା କରାଯାଇଥିଲା।

ସ୍ୱାଭିମାନ ଅଞ୍ଚଳ ପାଇଁ ଏହି କାର୍ଯ୍ୟକ୍ରମର ମହତ୍ୱ ଉପରେ ଆଲୋକପାତ କରି ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ଅତୀତରେ ଭୌଗୋଳିକ ସ୍ଥିତିର ସୁଯୋଗ ନେଇ କିଛି ସ୍ଥାନରେ ଚାଷଜମିର ଅପବ୍ୟବହାର କରାଯାଇ ବେଆଇନ ଓ ଅପରାଧିକ କୃଷି କାର୍ଯ୍ୟକଳାପ କରାଯାଉଥିଲା, ଯାହା ସ୍ଥାନୀୟ ଅର୍ଥନୀତି ଓ ଯୁବପିଢ଼ିର ଭବିଷ୍ୟତକୁ ବିପଥଗାମୀ କରୁଥିଲା। ଏହି ସଚେତନତା ସଭା ମାଧ୍ୟମରେ ସ୍ଥାନୀୟ ଚାଷୀମାନଙ୍କୁ ସେହି ଅନ୍ଧକାର ପଥରୁ ମୁକ୍ତ କରି ଉଦ୍ୟାନ କୃଷି, ପନିପରିବା ଚାଷ ଭଳି ସରକାରୀ ପ୍ରୋତ୍ସାହନପ୍ରାପ୍ତ ଉନ୍ନତ ଓ ଆଇନଗତ ବିକଳ୍ପ ଜୀବିକା ଆପଣାଇବାକୁ ପ୍ରେରିତ କରାଯାଇଛି ।ସଭାକୁ ସମ୍ବୋଧିତ କରି ଜିଲ୍ଲାପାଳ କହିଛନ୍ତି, ସ୍ୱାଭିମାନ ଅଞ୍ଚଳର ପ୍ରକୃତ ବିକାଶ ପାଇଁ ଏକ ନିଶାମୁକ୍ତ ଏବଂ ଅପରାଧମୁକ୍ତ ସମାଜ ଗଠନ ହେବା ଏକାନ୍ତ ଆବଶ୍ୟକ। ଜମିର ବ୍ୟବହାର ବେଆଇନ କାର୍ଯ୍ୟରେ ନୁହେଁ, ବରଂ ସୁସ୍ଥ ଏବଂ ଉନ୍ନତ ପ୍ରଗତି ପାଇଁ ହେବା ଉଚିତ। ଆମ ପ୍ରଶାସନ ଆପଣଙ୍କୁ ସବୁ ପ୍ରକାର ବୈଧ ଜୀବିକା ଓ ସାମାଜିକ ସୁରକ୍ଷା ଯୋଗାଇଦେବାକୁ ପ୍ରତିଶ୍ରୁତିବଦ୍ଧ। ଏହି ଅଞ୍ଚଳର ଯୁବପିଢ଼ି ନିଶା ଓ ବେଆଇନ ପ୍ରଲୋଭନଠାରୁ ଦୂରେଇ ରହି ଶିକ୍ଷା ଓ ଉନ୍ନତି ପଥରେ ଆଗକୁ ବଢ଼ନ୍ତୁ। ଆସନ୍ତୁ ସମସ୍ତେ ମିଶି ସ୍ୱାଭିମାନ ଅଞ୍ଚଳକୁ ଏକ ଆଦର୍ଶ ତଥା ସୁସ୍ଥ ଅଞ୍ଚଳ ଭାବେ ଗଢ଼ିତୋଳିବା।ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳା, ଚାଷୀ ଓ ଯୁବକ ସାମିଲ ହୋଇ ଆଗାମୀ ଦିନରେ ନିଜ ନିଜ ଅଞ୍ଚଳକୁ ନିଶାମୁକ୍ତ କରିବା ସହ ଏକ ସ୍ୱଚ୍ଛ ଏବଂ ଆଇନସମ୍ମତ ଉନ୍ନତ ସମାଜ ଗଢ଼ିବା ପାଇଁ ସଂକଳ୍ପ ଏବଂ ଶପଥ ପାଠ କରିଥିଲେ।

## ସ୍ୱେଚ୍ଛାକୃତ ରକ୍ତ ଦାନ କଲେ ପ୍ରଶାନ୍ତ

ବଲାଙ୍ଗୀର,୧୩।୮(ନି.ପ୍ର.); ବଲାଙ୍ଗୀର ଜିଲ୍ଲା ଯୁବକୁଳତା ସମାଜର ଜଣେ ସକ୍ରିୟ ସଦସ୍ୟ ପ୍ରଶାନ୍ତ ପ୍ରଧାନଙ୍କ ଦ୍ୱାରା ଏକ ରକ୍ତଦାନ ପୁଇଁନ୍ତଲା ବ୍ଲକ କଙ୍କରୀଆ ଗ୍ରାମର ମକରଧ୍ୱଜ ପ୍ରଧାନ ବଲାଙ୍ଗିର ଭୀମ



ଭୋଇ ହସ୍ପିଟାଲ ରେ ଚିକିତ୍ସିତ ହେଉଛନ୍ତି । ତାଙ୍କୁ ରକ୍ତର ଆବଶ୍ୟକତା ଥିବା ଜାଣି ବଲାଙ୍ଗୀର ଜିଲ୍ଲା ଯୁବ କୁଳୁଟକ୍ଷ ସମାଜର ସମ୍ପାଦକ ଭୁବନେସ୍ୱର ଭୋଇ ଫୋନ୍ ମାଧ୍ୟମରେ ପ୍ରଶାନ୍ତଙ୍କ ସହ ଯୋଗାଯୋଗ କରି ରକ୍ତଦାନ ପାଇଁ ସହଯୋଗ ମାଗିଥିଲେ । ସମ୍ପାଦକଙ୍କ ଅନୁରୋଧ କ୍ରମେ ପ୍ରଶାନ୍ତ ପ୍ରଧାନ ଆଗେଇ ଆସି ବଲାଙ୍ଗୀର ଭୀମଭୋଇ ମେଡିକାଲ ହସ୍ପିଟାଲ ରକ୍ତଭଣ୍ଡାରରେ ନିଜ ଜୀବନର ପ୍ରଥମ ରକ୍ତଦାନ କରିଥିଲେ। ରକ୍ତଦାନ ପରେ ପରିବେଶ ସଚେତନତାର ବାର୍ତ୍ତା ଦେଇ ପ୍ରକୃତି ବନ୍ଧୁ ତଥା ବଲାଙ୍ଗୀର ଜିଲ୍ଲା ଯୁବକୁଳତା ସମାଜର ସଭାପତି ଅସୀମ କୁମାର ଭୋଇ, ରକ୍ତଦାତା ପ୍ରଶାନ୍ତ ପ୍ରଧାନଙ୍କୁ ଏକ ଚାରାଗଛ ପ୍ରଦାନ କରିସମ୍ବର୍ଦ୍ଧିତ କରିଥିଲେ। ଏହିଅବସରରେ ଡାକ୍ତର ଅଶୋକ କୁମାର ମିଶ୍ର ଉପସ୍ଥିତ ରହି ରକ୍ତଦାତାଙ୍କୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଯୁବକୁଳତା ସମାଜର ଏହି ମହତ ପ୍ରୟାସକୁ ସାଧାରଣରେ ଭୂୟସୀ ପ୍ରଶଂସା କରାଯାଇଛି।

# ଲଗାଣ ବର୍ଷାରେ କୋଇଡାରେ କୃତ୍ରିମ ବନ୍ୟା ପରିସ୍ଥିତି

## ଲୋକଙ୍କ ଘରେ ପଶିଲା ପାଣି, ନାଳ ସଫେଇ ଓ ସ୍ଥାୟୀ ନିଷ୍କାସନ ବ୍ୟବସ୍ଥା ଦାବି

କୋଇଡା, ୧୩।୮(ସୌମ୍ୟ ମହାନ୍ତି ): କୋଇଡା ଅଞ୍ଚଳରେ ଲଗାଣ ବର୍ଷା ପରେ କୃତ୍ରିମ ବନ୍ୟା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ବର୍ଷାଜଳ ଠିକ୍ ଭାବେ ନିଷ୍କାସିତ ହୋଇନପାରି ରାସ୍ତାଘାଟରେ ପାଣି ଜମିବା ସହ ଅନେକ ଗରିବ ପରିବାରଙ୍କ ଘର ଭିତରକୁ ପାଣି ପଶିଯାଇଛି। ଫଳରେ ଲୋକେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି।କୋଇଡା ର କେର୍କେଟା ବସ୍ତି, ମସଜିଦ ରୋଡ଼, ଓରାହୁରି ହଟିଙ୍ଗ, ଏରିଆନ ସାଙ୍ଗା ବସ୍ତି ଆଦି ସ୍ଥାନ ମାନଙ୍କ ରେ ବିଶେଷ ଭାବରେ ଜନ ସାଧାରଣ ପ୍ରଭାବିତ ହୋଇଛନ୍ତି ଓ ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ନାଳ ଓ କଲଭଟ ଉପରେ ମାଟି ପକାଇ କେତେକ ସ୍ଥାନରେ ଘର ଓ ପାଚେରୀ ନିର୍ମାଣ କରାଯାଇଛି। ଫଳରେ ବର୍ଷାଜଳର ସ୍ୱାଭାବିକ ପ୍ରବାହ ବାଧାପ୍ରାପ୍ତ ହେଉଛି। ଜଳ ନିଷ୍କାସନର ପଥ ଅବରୋଧ ହେବାରୁ ବର୍ଷା ସମୟରେ ଜଳ ଘର ଆଡ଼କୁ ମୁହାଁଉଛି ବୋଲି ଜନସାଧାରଣ ଅଭିଯୋଗ କରିଛନ୍ତି।ବର୍ଷାଜଳ ଘରେ ପଶିବା ଯୋଗୁଁ ଅନେକ ପରିବାରର ଆସବାବପତ୍ର, ରୋଷେଇ ସାମଗ୍ରୀ ଓ ଅନ୍ୟାନ୍ୟ ଜିନିଷପତ୍ର ନଷ୍ଟ ହୋଇଥିବା ଜଣାପଡ଼ିଛି। ବିଶେଷକରି ଦିନମଜୁରି କରି ଜୀବିକା ନିର୍ବାହ କରୁଥିବା ଗରିବ ପରିବାରଗୁଡ଼ିକ ଏଥିରେ ଅଧିକ ପ୍ରଭାବିତ ହୋଇଛନ୍ତି।ଘଟଣା ନେଇ ସ୍ଥାନୀୟ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରିଛି। କୋଇଡା ତହସିଲଦାର ଚିନ୍ମୟ ଦାସ ଓ ଅତିରିକ୍ତ ତହସିଲଦାର ନିର୍ମଳ ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିବା ସହ ନାଳ ଓ କଲଭଟର ସ୍ଥିତି ଯାଞ୍ଚ କରି ଆବଶ୍ୟକ ପଦକ୍ଷେପ ନେଇଛନ୍ତି।ଅନ୍ୟପକ୍ଷରେ, କୋଇଡା ପଞ୍ଚାୟତ ଅଧୀନରେ ପ୍ରଭାବିତ ୨୫ଟି ପରିବାରଙ୍କୁ ସରପଞ୍ଚ ହୃଷିକେଶ ଦେହୁରୀଙ୍କ ପକ୍ଷରୁ ତିନି ଦିନ ପାଇଁ ଆବଶ୍ୟକ ଖାଦ୍ୟ ସାମଗ୍ରୀ ଯୋଗାଇ ଦେଇଛନ୍ତି ।ସେହି ପରି ଏରିଏନ ସାଙ୍ଗା ବସ୍ତି ବାସିନ୍ଦା ଙ୍କୁ ବିର୍ସା ମୁଣ୍ଡା ଆଦିବାସୀ ସଂଘ ସଦସ୍ୟ ଜୋହାନ ଡୁଙ୍ଗ ଡୁଙ୍ଗ ଏବଂ ଜଗନ୍ନାଥ ସାହୁ ବନ୍ୟା ବିପର୍ଣ ମାନଙ୍କୁ ଶୁଖା ଖାଦ୍ୟ ଓ ପାଣି ବୋତଲ ବଣ୍ଟନ କରିଥିଲେ ଓ ସ୍ଥାନୀୟ ପ୍ରଶାସନ ପ୍ରାକ ପ୍ରସ୍ତୁତି ଏବଂ ଦୁରଦୃଷ୍ଟି ର ଅଭାବ ତଥା ଜନସାଧାରଣ ଙ୍କ ନାଳ ଏବଂ ଜଳ ନିଷ୍କାସନ ହେଉଥିବା ସ୍ଥାନ ଗୁଡିକୁ ଗୃହ ନିର୍ମାଣ ଏହି କୃତ୍ରିମ ବନ୍ୟା ର ମୁଖ୍ୟ କାରଣ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।



# ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବଲାଙ୍ଗିର ଗସ୍ତ ପୂର୍ବରୁ ବିଜୁ ଛାତ୍ର ଜନତା ଦଳର ୧୧ ଦଫା ଦାବି

ବଲାଙ୍ଗିର୧୩।୮(ନି.ପ୍ର): ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବଲାଙ୍ଗିର ଗସ୍ତକୁ ଦୃଷ୍ଟିରେ ରଖି ବିଜୁ ଛାତ୍ର ଜନତା ଦଳ (ବିସିଜେଡି ) ବଲାଙ୍ଗିର ପକ୍ଷରୁ ଏକ ପ୍ରେସ୍‌ମିଟ୍ ଆୟୋଜିତ ହୋଇଥିଲା। ଏଥିରେ ବିସିଜେଡି ବଲାଙ୍ଗିର ସଭାପତି ସୁମନ କୁମାର ନନ୍ଦ ବଲାଙ୍ଗିରର ଉଚ୍ଚଶିକ୍ଷା, ଭିତ୍ତିଭୂମି ଓ ଐତିହ୍ୟର ବିକାଶ ସମ୍ପର୍କରେ ସରକାରଙ୍କ ନିକଟରେ ୧୧ ଦଫା ଦାବି ଉପସ୍ଥାପନ କରିଥିଲେ।

ପ୍ରେସ୍‌ମିଟ୍‌ରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ସମେତ ବଲାଙ୍ଗିରର ସମସ୍ତ ସରକାରୀ ମହାବିଦ୍ୟାଳୟରେ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ଅଭାବ ଦୂର କରିବା ସହ ଆବଶ୍ୟକ ସଂଖ୍ୟକ ଅଣଶିକ୍ଷକ କର୍ମଚାରୀ ନିଯୁକ୍ତି ଦାବି କରାଯାଇଥିଲା। ଏଥିସହ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପାଇଁ ୫୦ ଏକର ଜମି ଆବଣ୍ଟନ, ବିଶ୍ୱବିଦ୍ୟାଳୟ ପରିସରରେ ଖୋଲାମଞ୍ଚ ଅଡିଟୋରିୟମ୍ ନିର୍ମାଣ ଏବଂ ଗବେଷଣା ଓ ସୌନ୍ଦର୍ଯ୍ୟକରଣ ପାଇଁ ପର୍ଯ୍ୟାପ୍ତ ଆର୍ଥିକ ଅନୁଦାନ ପ୍ରଦାନ ପାଇଁ ଦାବି ରଖାଯାଇଥିଲା।

ବଲାଙ୍ଗିର କଲେଜର ଭିତ୍ତିଭୂମି ବିକାଶ ପାଇଁ ପର୍ଯ୍ୟାପ୍ତ ଅର୍ଥ ଆବଣ୍ଟନ ଏବଂ ସରକାରୀ ମହିଳା ମହାବିଦ୍ୟାଳୟରେ କେନ୍ଦ୍ରୀୟ ପାଠାଗାର ଓ ଅଡିଟୋରିୟମ୍ ନିର୍ମାଣ ସହ ବାଣିଜ୍ୟ ବିଭାଗ ଆରମ୍ଭ କରିବାକୁ ମଧ୍ୟ ଦାବି ହୋଇଥିଲା।ଏହା ସହିତ ବଲାଙ୍ଗିରର ସ୍ଥାନୀୟ କଳାକାର, ଲୋକକଳା ପରିବେଷକ, ନାଟ୍ୟଦଳ ଓ ସାଂସ୍କୃତିକ ସଂଗଠନଗୁଡ଼ିକୁ ଆର୍ଥିକ ସହାୟତା ଓ ନିୟମିତ ଅନୁଦାନ ପ୍ରଦାନ, ଐତିହାସିକ ସ୍ମାରକ ଓ ଐତିହ୍ୟସ୍ଥଳୀଗୁଡ଼ିକର ବିକାଶ ଓ ପୁନରୁଦ୍ଧାର ପାଇଁ ପଦକ୍ଷେପ ନେବାକୁ ଦାବି କରାଯାଇଥିଲା। ସ୍ୱାଧୀନତା ସଂଗ୍ରାମୀ ଧରମ ସିଂ ମାଝୀ ମାନ୍ଧାତାଙ୍କ ସ୍ମୃତିରେ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ମଧ୍ୟ ଦାବି ଉପସ୍ଥାପିତ ହୋଇଥିଲା।ସୁମନ କୁମାର ନନ୍ଦ କହିଥିଲେ ଯେ, ବଲାଙ୍ଗିରର ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷାର ସୁଯୋଗ ବୃଦ୍ଧି, ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ସୁଦୃଢ଼ କରିବା ଏବଂ ଜିଲ୍ଲାର କଳା, ସଂସ୍କୃତି ଓ ଐତିହ୍ୟର ସୁରକ୍ଷା ପାଇଁ ଏହି ଦାବିଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ। ଉଚ୍ଚଶିକ୍ଷା ମନ୍ତ୍ରୀ ବଲାଙ୍ଗିର ଗସ୍ତ ସମୟରେ ଏହି ଦାବିଗୁଡ଼ିକ ଉପରେ ଗୁରୁତ୍ୱର ସହ ବିଚାର କରିବେ ବୋଲି ସେ ଆଶା ପ୍ରକାଶ କରିଥିଲେ।




ଏହି ପ୍ରେସ୍‌ମିଟ୍‌ରେ ଛାତ୍ର ନେତା ଚିରଞ୍ଜୀବୀ ପ୍ରଧାନ, ମନୀଷ ସାଏ, ଆଦର୍ଶ ପୁରୋହିତ, ପ୍ରତ୍ୟୁଷ ପାଲଟା, ବାବଲୁ ଓ ଶୁଭ୍ରାଂଶୁ ବେହେରାଙ୍କ ସମେତ ଅନ୍ୟ ଛାତ୍ର ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ।

## ଜୁଆ ଆଡ୍ଡା ଉପରେ ଚଢ଼ାଉ , ୧୦ ଜୁଆଡି ଗିରଫ

କୁଜଙ୍ଗ,୧୩।୮(ନି.ପ୍ର.): ଜୁଆ ଆଡ୍ଡା ଉପରେ ପୋଲିସର ଅତର୍କିତ ଚଢାଉ। ଚଢାଉ ବେଳେ ପୋଲିସ ଉପରେ ଆକ୍ରମଣ ହୋଇଥିବା ବେଳେ ୧୦ ଜଣଙ୍କୁ ଗିରଫ କରାଯାଇଛି।ସୂଚନା ଅନୁଯାୟୀ କୁଜଙ୍ଗ ଥାନା ବାଲିଆ ପଂଚାୟତପାନପଲୀ ଗାଁରେ ଗତକାଲି (ବୁଧବାର )ରାତି ପ୍ରାୟ ୮.୩୦ ପାଖାପାଖି ଏକ ଘରର ପ୍ରଥମ ମହଲାରେ 'ତିନ୍ ପତ୍ତି' ଜୁଆ ଖେଳୁଥିବା ଖବର ପାଇ କୁଜଙ୍ଗ ଥାନା ଅଧିକାରୀଙ୍କ ନିର୍ଦ୍ଦେଶରେ ପୋଲିସ ଟିମ୍ ସ୍ଥାନୀୟ ଲୋକଙ୍କ ସହାୟତାରେ ଚଢାଉ କରିଥିଲା। ପୋଲିସକୁ ଦେଖି ଅଭିଯୁକ୍ତମାନେ ପଳାଇବାକୁ ଚେଷ୍ଟା କରିଥିଲେ। ଏତିକି ନୁହେଁ, ସେମାନେ ପୋଲିସ ଉପରେ ଗାଳି ଗୁଲଜ କରିବା ସହ ହାତ ଓ ଗୋଡ଼ରେ ମାଡ଼ ମାରିଥିଲେ। ପୋଲିସ ଉପରକୁ ବାସନ ମଧ୍ୟ ଫିଙ୍ଗିଥିଲେ ଯେଉଁଥିରେ କିଛି ପୋଲିସ କର୍ମଚାରୀ ଆଘାତ ହୋଇଥିଲେ । ତଥାପି ପୋଲିସ ୧୦ ଜଣଙ୍କୁ କାବୁ କରି ଗିରଫ କରିଛି।

# ଯାତ୍ରୀଙ୍କ ଭିଡ଼କୁ ଦୃଷ୍ଟିରେ ରଖି ବିଭିନ୍ନ ଟ୍ରେନରେ ଅସ୍ଥାୟୀ ଭାବେ କୋଚ୍ ସଂଖ୍ୟା ବୃଦ୍ଧି

ଭୁବନେଶ୍ୱର,୧୩।୮(ନି.ପ୍ର): ଯାତ୍ରୀମାନଙ୍କୁ ଅଧିକ ଆରାମଦାୟକ ସୁବିଧା ଯୋଗାଇଦେବା ଏବଂ ଆଗାମୀ ସପ୍ତାହରେ ବଢୁଥିବା ଯାତ୍ରୀଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଭାରତୀୟ ରେଳପଥ ପକ୍ଷରୁ କେତେକ ଗୁରୁତ୍ୱପୂର୍ଣ୍ଣ ଏକ୍ସପ୍ରେସ ଟ୍ରେନରେ ଅସ୍ଥାୟୀ ଭାବେ ଅତିରିକ୍ତ କୋଚ୍ ସଂଯୋଗ କରାଯାଉଛି। ଟ୍ରେନ୍ ନମ୍ବର ୧୨୮୩୭ ହାୱଡ଼ା–ପୁରୀ ଏକ୍ସପ୍ରେସରେ ଅଗଷ୍ଟ ୧୫ରୁ ୨୧ ତାରିଖ ୨୦୨୬ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ସ୍ଲିପର କ୍ଲାସ କୋଚ ଅସ୍ଥାୟୀ ଭାବେ ସଂଯୋଜନ କରାଯିବ ।ସେହିଭଳି, ଟ୍ରେନ ନମ୍ବର ୧୮୦୩୦ ଶାଲିମାର–ଲୋକମାନ୍ୟ ତିଲକ ଟର୍ମିନସ ଏକ୍ସପ୍ରେସରେ ଅଗଷ୍ଟ ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ଗୋଟିଏ ଏସି ୩-ଟାୟାର ଏବଂ ଗୋଟିଏ ସ୍ଲିପର୍ କ୍ଲାସ କୋଚ୍ ସଂଯୋଜନ କରାଯିବ ।ସେହିପରି, ଟ୍ରେନ ନମ୍ବର ୧୮୦୩୯ ଶାଲିମାର–ପୁରୀ ଏକ୍ସପ୍ରେସରେ ଅଗଷ୍ଟ ୧୬ ତାରିଖ ୨୦୨୬ରେ ଦୁଇଟି ସ୍ଲିପର୍ କ୍ଲାସ୍ କୋଚ୍ ସଂଯୋଜନ କରାଯିବ ।ଟ୍ରେନ ନମ୍ବର ୧୮୦୪୫ ଶାଲିମାର–ଚର୍ଲାପଲ୍ଲୀ ଏକ୍ସପ୍ରେସ ଅଗଷ୍ଟ ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ଗୋଟିଏ ଏସି୩-ଟାୟାର କୋଚ୍‌ସଂଯୋଜନ କରାଯିବ ।ଟ୍ରେନ ନମ୍ବର ୧୮୦୬୩ ସାନ୍ତ୍ରାଗାଛି–ଯାଲାହାଙ୍କା ଏକ୍ସପ୍ରେସରେ ଅଗଷ୍ଟ ୨୦ ତାରିଖରେ ଗୋଟିଏ ଏସି ୩-ଟାୟାର କୋଚ୍ ସଂଯୋଜନ କରାଯିବ ।ଏଥିସହିତ, ଟ୍ରେନ ନମ୍ବର ୧୮୧୦୭ ରାଉରକେଲା–ଜଗଦଲପୁର ଏକ୍ସପ୍ରେସରେ ଅଗଷ୍ଟ ୧୫ ଓ ୧୬ ତାରିଖରେ ଗୋଟିଏ ସ୍ଲିପର କ୍ଲାସ କୋଚ୍ ସଂଯୋଜନ କରାଯିବ । ଏହି ଅସ୍ଥାୟୀ କୋଚ୍ ବୃଦ୍ଧି ଯାତ୍ରୀମାନଙ୍କୁ ଅଧିକ ବର୍ଥ ସୁବିଧା ଯୋଗାଇବ ଏବଂ ଏହି ସମୟ ମଧ୍ୟରେ ବଢୁଥିବା ଯାତ୍ରୀ ଚାହିଦାକୁ ପୂରଣ କରିବାରେ ସହାୟକ ହେବ ।

# ହିଣ୍ଡାଲ୍‌କୋର ବାଫ୍‌ଲିମାଳି ଦୀର୍ଘସ୍ଥାୟୀ ଖଣି କାର୍ଯ୍ୟପଦ୍ଧତି ନିମନ୍ତେ ଏଏସ୍‌ଆଇ ମାନ୍ୟତା

ରାୟଗଡ଼ା, ୧୩।୮(ନି.ପ୍ର):: ଆଦିତ୍ୟ ବିର୍ଲା ଗ୍ରୁପର ଅଗ୍ରଣୀ ଧାତବ କମ୍ପାନୀ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡର ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ (ୟୁଏଆଇଏଲ) ଓଡିଶାର ରାୟଗଡା ଜିଲ୍ଲାରେ ଥିବା ତାହାର ବାଫ୍‌ଲିମାଳି ବକ୍ସାଇଟ ଖଣି ନିମନ୍ତେ ଆଲୁମିନିୟମ ଷ୍ଟିୱାର୍ଡସିପ୍ ଇନିସିଏଟିଭ୍ (ଏଏସ୍‌ଆଇ) ପରଫରମାନ୍ସ ଷ୍ଟାଣ୍ଡାର୍ଡ ଭି୩.୧ (୨୦୨୩) ପ୍ରମାଣନ ହାସଲ କରିଥିବା ବିଷୟ ଘୋଷଣା କରିଛି ।ଏଏସ୍‌ଆଇ ପରଫରମାନ୍ସ ଷ୍ଟାଣ୍ଡାର୍ଡ ଭି୩.୧ ପ୍ରମାଣନରେ ଯୋଜନା ପ୍ରସ୍ତୁତି, ଖଣି କାର୍ଯ୍ୟ, ଉକ୍ତ ସ୍ଥାନରେ ଚୂର୍ଣ୍ଣ କରିବା ଏବଂ ବାଫ୍‌ଲିମାଳି ବକ୍ସାଇଟ ଖଣିଗୁଡିକରୁ ବକ୍ସାଇଟକୁ କନ୍‌ଭେୟର ପରିବହନ ଆଦି ସାମିଲ ରହିଛି, ଯାହାର ବାର୍ଷିକ ଉତ୍ପାଦନ କ୍ଷମତା ୮.୫ ନିୟୁତ ଟନ୍ ରହିଛି । ଏହି ଖଣିଗୁଡିକ ଉତ୍କଳ ଆଲୁମିନା ବିଶୋଧନାଗାର ପରିଚାଳନା ନିମନ୍ତେ ବକ୍ସାଇଟ ଯୋଗାଣ କରୁଛି ଏବଂ ହିଣ୍ଡାଲ୍‌କୋର ସମନ୍ୱିତ ଆଲୁମିନିୟମ ମୂଲ୍ୟ ଶୃଙ୍ଖଳର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଅଟେ ।ଏହି ସଫଳତା ସହିତ ବାଫ୍‌ଲିମାଳି ଏଏସ୍‌ଆଇ ପରଫରମାନ୍ସ ଷ୍ଟାଣ୍ଡାର୍ଡ ଭି୩.୧ ମାନ୍ୟତା ହାସଲ କରିବାରେ ଭାରତର ପ୍ରଥମ ବକ୍ସାଇଟ ଖଣି କାର୍ଯ୍ୟପଦ୍ଧତି ହୋଇଛି । ଏହି ଉଲ୍ଲେଖନୀୟ ସଫଳତା ହିଣ୍ଡାଲ୍‌କୋର ଏଏସ୍‌ଆଇ-ପ୍ରମାଣିକୃତ ବର୍ଗମାଳା ସମୁଦାୟ ଖଣି କାର୍ଯ୍ୟ, ସ୍ମେଲଟିଂ ଏବଂ ଡାଉନଷ୍ଟ୍ରିମ ଉତ୍ପାଦନ ପରିଚାଳନାରେ ୧୧ଟି କାର୍ଯ୍ୟକ୍ଷେତ୍ରକୁ ସମ୍ପ୍ରସାରିତ ହୋଇଛି । ପ୍ରମାଣିକୃତ କାର୍ଯ୍ୟ ପରିଚାଳନା ବର୍ଗମାଳା ମଧ୍ୟରେ ମଉଦା, ହୀରାକୁଦ ଏଫଆରପି, ତଲୋଜା, କୁପ୍ପମ୍, ଆଲୁପୁରମ୍, ବେଲୁର, ରେଣୁକୋଟ, ବେଲଗାଭୀ, ହୀରାକୁଦ ଓ ଆଦିତ୍ୟରେ ଥିବା କାରଖାନାଗୁଡିକ ରହିଛି ।

ଉତ୍କଳ ଆଲୁମିନା ହିଣ୍ଡାଲ୍‌କୋର ଅନ୍ୟତମ ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ କାର୍ଯ୍ୟ ପରିଚାଳନା କମ୍ପାନୀ ହୋଇଛି, ଯାହା ବାର୍ଷିକ ପ୍ରାୟ ୨.୬୭ ନିୟୁତ ଟନ୍ ଆଲୁମିନା ଉତ୍ପାଦନ କରୁଛି । ବିଶୋଧନାଗାର ନିମନ୍ତେ ବକ୍ସାଇଟର ପ୍ରାଥମିକ ଉତ୍ସ ଭାବରେ ବାଫ୍‌ଲିମାଳି ଆଲୁମିନିୟମ ଉତ୍ପାଦନକୁ ସମର୍ଥନ କରିବାରେ ଏକ ରଣନୈତିକ ଭୂମିକା ନିର୍ବାହ କରୁଛି ।କୈଳାସ ପାଣ୍ଡେ, ସିଇଓ-




ଆଲୁମିନିୟମ ଅପଷ୍ଟ୍ରିମ, ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ କହିଥିଲେ, "ହିଣ୍ଡାଲ୍‌କୋ ପାଇଁ ବାଫ୍‌ଲିମାଳି ଏକ ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତି ଏବଂ ଆମର ସମନ୍ୱିତ ଆଲୁମିନିୟମ ମୂଲ୍ୟ ଶୃଙ୍ଖଳରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଗକାରୀ ହୋଇଛି । ବାଫ୍‌ଲିମାଳି ର ଏଏସ୍‌ଆଇ ପ୍ରମାଣନ ଦୀର୍ଘସ୍ଥାୟିତା, ସ୍ୱଚ୍ଛତା ଏବଂ ଉତ୍ପାଦନର ପ୍ରତ୍ୟେକ ପର୍ଯ୍ୟାୟରେ ଦାୟିତ୍ୱସମ୍ପନ୍ନ ଭାବରେ ସମ୍ବଳ ସଂଗ୍ରହକୁ ଧାରଣ କରିବା ନିମନ୍ତେ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ସମୁଦାୟ ଅତିରିକ୍ତ ଅପଷ୍ଟ୍ରିମ କାର୍ଯ୍ୟ ପରିଚାଳନା କ୍ଷେତ୍ରରେ ପ୍ରମାଣନକୁ ଆମେ ସମ୍ପ୍ରସାରିତ କରୁଥିବାବେଳେ ଆମେ ଖଣି ଠାରୁ ନେଇ ଧାତୁ ପର୍ଯ୍ୟନ୍ତ ଏକ ଅଧିକ ସମନ୍ୱିତ ଏବଂ ବୈଶ୍ୱିକ ସ୍ତରରେ ସ୍ୱୀକୃତ ଦାୟିତ୍ୱସମ୍ପନ୍ନ ଆଲୁମିନିୟମ ମୂଲ୍ୟ ଶୃଙ୍ଖଳର ମୂଳଦୁଆକୁ ସୁଦୃଢ଼ କରୁଛୁ ।"

ଡ. ଫିଓନା ସୋଲୋମନ୍, ଚିଫ୍ ଏକ୍‌ଜିକ୍ୟୁଟିଭ ଅଫିସର, ଆଲୁମିନିୟମ ଷ୍ଟିୱାର୍ଡସିପ୍ ଇନିସିଏଟିଭ (ଏଏସ୍‌ଆଇ) କହିଥିଲେ, "ବାଫ୍‌ଲିମାଳି ବକ୍ସାଇଟ ଖଣିଗୁଡିକର ପ୍ରମାଣନ ଉତ୍କଳ ଆଲୁମିନା ଏବଂ ବିସ୍ତାରିତ ଭାବରେ ଏଏସ୍‌ଆଇର ଦୀର୍ଘସ୍ଥାୟୀ ମାନକଗୁଡିକ ସହିତ ନିରନ୍ତର ନିୟୋଜନତାକୁ ପ୍ରତିଫଳିତ କରୁଛି । ଆଲୁମିନିୟମ ମୂଲ୍ୟ ଶୃଙ୍ଖଳର ବିବିଧ ପର୍ଯ୍ୟାୟରେ ଏଏସ୍‌ଆଇ ପ୍ରମାଣନରେ ଅଂଶଗ୍ରହଣ କ୍ଷେତ୍ରରେ ହିଣ୍ଡାଲ୍‌କୋ ବ୍ୟବସାୟିକ ପରିଚାଳନାର ବର୍ଦ୍ଧିତ ସଂଖ୍ୟା, ଏହି ସମୁଦାୟ କ୍ଷେତ୍ରରେ ସ୍ୱୀକୃତିପ୍ରାପ୍ତ ପାରିବେଶିକ, ସାମାଜିକ ଓ ପରିଚାଳନା କାର୍ଯ୍ୟାଭ୍ୟାସକୁ କାର୍ଯ୍ୟକାରୀ କରିବା ତଥା ଦାୟିତ୍ୱସମ୍ପନ୍ନ ଉତ୍ପାଦନକୁ ଆଗେଇନେବା ନିମନ୍ତେ ପ୍ରତିବଦ୍ଧତାକୁ ପ୍ରଦର୍ଶନ କରୁଛି । ଏଭଳି ପ୍ରୟାସଗୁଡ଼ିକ ସ୍ୱଚ୍ଛତା, ଅନୁରେଖଣୀୟତା (ପତା ଲଗାଇବା) ଏବଂ ଅଂଶୀଦାରମାନଙ୍କର ଆସ୍ଥାକୁ ସମୁଦାୟ ଆଲୁମିନିୟମ ମୂଲ୍ୟ ଶୃଙ୍ଖଳରେ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ।"

ଆଲୁମିନିୟମ ଷ୍ଟିୱାର୍ଡସିପ୍ ଇନିସିଏଟିଭ (ଏଏସ୍‌ଆଇ) ହେଉଛି ଆଲୁମିନିୟମ ମୂଲ୍ୟ ଶୃଙ୍ଖଳ ନିମନ୍ତେ ଅଗ୍ରଣୀ ବିଶ୍ୱସ୍ତରୀୟ ଦୀର୍ଘସ୍ଥାୟୀ ମାନକ ଓ ପ୍ରମାଣନକାରୀ ସଂଗଠନ । ଏହାର ପ୍ରଦର୍ଶନ ମାନକ ଜୈବ ବିବିଧତା, ସବୁଜଗୃହ ଗ୍ୟାସ ନିର୍ଗମନ, ଗୋଷ୍ଠୀ ନିୟୋଜନତା, ମାନବ ଅଧିକାର, ବୃତ୍ତିଗତ ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ଓ ଦାୟିତ୍ୱସମ୍ପନ୍ନ ବ୍ୟବସାୟିକ କାର୍ଯ୍ୟପଦ୍ଧତିଗୁଡିକ ନିମନ୍ତେ ପରିବେଶଗତ, ସାମାଜିକ ଓ ପରିଚାଳନାଗତ ପ୍ରଦର୍ଶନର ମୂଲ୍ୟାୟନ କରିଥାଏ ।

ନିରପେକ୍ଷ ତୃତୀୟ-ପକ୍ଷ ପ୍ରମାଣନ ଅଡିଟ୍ କାର୍ଯ୍ୟ ଏଏସ୍‌ଆଇର ୱିଟ୍‌ନେସ୍ ଆସେସ୍‌ମେଣ୍ଟ ପ୍ରୋସେସ୍ (ସାକ୍ଷ୍ୟ ଆକଳନ ପ୍ରକ୍ରିୟା) ଅଧୀନରେ ସେଟିଜିଓନ୍ (ସିଇଟିଆଇଜେଡଆଇଓଏନ୍) ଭେରିଫିକା ଦ୍ୱାରା କରାଯାଇଥିଲା ଏବଂ ସଂସ୍ଥାନର କ୍ୱାଲିଟି ଆସ୍ୟୁରାନ୍ସ ବିଧିବ୍ୟବସ୍ଥାର ଅଂଶ ଭାବରେ ଏଏସ୍‌ଆଇ ସେକ୍ରେଟାରୀଏଟ୍‌ର ସଦସ୍ୟଗଣ ଏହାକୁ ପର୍ଯ୍ୟବେକ୍ଷଣ କରିଥିଲେ ।ବୈଶ୍ୱିକ ଗ୍ରାହକମାନେ ଅଧିକରୁ ଅଧିକ ଦାୟିତ୍ୱସମ୍ପନ୍ନ ଭାବରେ ସଂଗୃହୀତ ପଦାର୍ଥଗୁଡିକ ଏବଂ ବୃହତ୍ତର ଯୋଗାଣ ଶୃଙ୍ଖଳ ସ୍ୱଚ୍ଛତା ଚାହୁଁଥିବାରୁ ସମୁଦାୟ ଶିଳ୍ପଭିତ୍ତିକ ମୂଲ୍ୟ ଶୃଙ୍ଖଳଗୁଡିକରେ ଦୀର୍ଘସ୍ଥାୟିତା ପ୍ରମାଣନଗୁଡିକ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇଛି । ଏଏସ୍‌ଆଇ ପ୍ରମାଣନ ନିରପେକ୍ଷ ପ୍ରତିଶ୍ରୁତି ପ୍ରଦାନ କରୁଛି ଯେ ସମୁଦାୟ କାର୍ଯ୍ୟଗୁଡିକ ଆନ୍ତର୍ଜାତିକସ୍ତରରେ ସ୍ୱୀକୃତ ଦୀର୍ଘସ୍ଥାୟୀ ମାନକ ଓ ଦାୟିତ୍ୱସମ୍ପନ୍ନ ଉତ୍ପାଦନ କାର୍ଯ୍ୟାଭ୍ୟାସ ମୁତାବକ କରାଯାଉଛି ।ବାଫ୍‌ଲିମାଳିର ପ୍ରମାଣନ ଦାୟିତ୍ୱସମ୍ପନ୍ନ ଖଣି କାର୍ଯ୍ୟ, ଦୀର୍ଘସ୍ଥାୟୀ ଉତ୍ପାଦନ କାର୍ଯ୍ୟପଦ୍ଧତି ଏବଂ ଭାରତରୁ ବିଶ୍ୱସ୍ତରରେ ପ୍ରତିଦ୍ୱନ୍ଦ୍ୱୀ ଆଲୁମିନିୟମ ଯୋଗାଣ ଶୃଙ୍ଖଳଗୁଡିକର ବିକାଶ ନିମନ୍ତେ ହିଣ୍ଡାଲ୍‌କୋର ପ୍ରତିବଦ୍ଧତାକୁ ପୁନଃ ସୁଦୃଢ଼ୀକରଣ କରୁଛି ।

## ଦୁଷ୍କର୍ମ ଓ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ

ଅନୁଗୋଳ ୧୩।୮(ନି.ପ୍ର.): ବହୁ ଚର୍ଚ୍ଚିତ ସୁଭଦ୍ରା ପଦୀଲ ଦୁଷ୍କର୍ମ ଓ ହତ୍ୟା ମାମଲାରେ ଅଭିଯୁକ୍ତ ବିଶୁ ଗୋଛାୟତକୁ ଦୋଷୀ ସାବ୍ୟସ୍ତ କରିଛନ୍ତି ଅଦାଲତ। ଆସନ୍ତା ୨୨ ତାରିଖରେ ତା' ବିରୋଧରେ ଦଣ୍ଡ ଘୋଷଣା କରାଯିବା । ୨୦୨୫ ଏପ୍ରିଲ ୨୬ ତାରିଖରେ ସୁଭଦ୍ରା ଘରୁ ବାହାରି ଭୁବନେଶ୍ୱର ଯାଉଥିଲେ, ତାଳଚେରରେଳ ଷ୍ଟେସନରୁ ତାଳଚେର ରୋଡ ଷ୍ଟେସନକୁ ଏକ ଅଟୋରିକ୍ସାରେ ଯାଉଥିବା ବେଳେ ଅଟୋ ଡ୍ରାଇଭର ବିଶୁଗୋଛାୟତ ତାଙ୍କ ସହ ଦୁଷ୍କର୍ମ କରି ହତ୍ୟା କରିଥିଲା। ପରେ ମୃତଦେହକୁ ରାସ୍ତା କଡ଼ରେ ଫିଙ୍ଗି ଦେଇ ଫେରାର୍ ହୋଇ ଯାଇଥିଲା। ମେ' ୫ ତାରିଖରେ ବଣ୍ଟପାଳ ଥାନା ଭୋଗବେରେଣୀ ପଞ୍ଚାୟତ କେନ୍ଦୁପଲ୍ଲୀ ଗାଁ ନିକଟରୁ ସୁଭଦ୍ରାଙ୍କ ମୃତଦେହ ମିଳିଥିଲା। ପରେ ବଣ୍ଟପାଳ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ଘଟଣାର ପାଖାପାଖି ୧୦ ଦିନ ପରେ ମୁଖ୍ୟ ଅଭିଯୁକ୍ତ ବିଶୁକୁ ପୁଲିସ ଗିରଫ କରିଥିଲା। ଏହି ମାମଲାର ବିଚାର ଫାଷ୍ଟଟ୍ରାକ୍ କୋର୍ଟରେ କରିବା ପାଇଁ ପୁଲିସ ପକ୍ଷରୁ ପ୍ରାର୍ଥନା କରାଯିବା ସହ ଶୀଘ୍ର ଚାର୍ଜସିଟ୍ ପ୍ରଦାନ କରାଯାଇଥିଲା। ଏହି ମାମଲାର ବିଚାର ଶେଷ ହୋଇ ଆଜି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରାଯାଇଛି।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, Email : odishamanthan@gmail.com

● Editor : Sarat Raut

ସଂପାଦକ: ଶରତ ରାଉତ